# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମେ ୨୭/୨୦୧୯ (୧୬ ପୃଷ୍ଠା) | Bhubaneswar, Monday, May 27/2019 | ★★★★★★

୪୫ଶ ଭାଗ ୧୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଅପୂର୍ବୀଙ୍କୁ ସ୍ୱର୍ଣ୍ଣ ପଦକ**

ଅପୂର୍ବୀ ଚାଣ୍ଡେଲା ମ୍ୟୁନିକ୍‌ଠାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ୱାର୍ଲ୍ଡ କପ୍ ମହିଳା ୧୦ ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି।

୧୫

୦୮

**ନିକ୍‌ଙ୍କ ସହ ସାକ୍ଷାତର ବର୍ଷପୂର୍ତ୍ତି ପାଳିଲେ ପ୍ରିୟଙ୍କା**

ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ତାଙ୍କ ସ୍ୱାମୀ ତଥା ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍ସ ସେମାନଙ୍କ ପ୍ରଥମ ସାକ୍ଷାତର ବର୍ଷପୂର୍ତ୍ତି ପାଳନ କରିଛନ୍ତି।



# ସରକାର ଗଠନ ଦାବି ଜଣାଇଲେ ନବୀନ

- ନବୀନ ବିଜେଡି ବିଧାୟକ ଦଳ ନେତା ନିର୍ବାଚିତ
- ରାଜ୍ୟପାଳ କଲେ ନିମନ୍ତ୍ରଣ
- ୨୯ରେ ଶପଥ ଗ୍ରହଣ

ଭୁବନେଶ୍ୱର,୨୬।୫(ବ୍ୟୁରୋ)

ବିଜେଡି ସଭାପତି ନବୀନ ପଟ୍ଟନାୟକ ଲଗାତର ୫ମ ଥର ରାଜ୍ୟରେ ସରକାର ଗଢ଼ିବାକୁ ଯାଉଛନ୍ତି। ରବିବାର ବିଜେଡି ବିଧାୟକ ଦଳ ବୈଠକରେ ସର୍ବସମ୍ମତ କ୍ରମେ ନେତା ନିର୍ବାଚିତ ହେବା ପରେ ରାଜଭବନ ଗସ୍ତ କରି ନବୀନ ରାଜ୍ୟପାଳଙ୍କୁ ଭେଟି ସରକାର ଗଠନ କରିବା ପାଇଁ ୧୧୨ ବିଜେଡି ବିଧାୟକ ସମର୍ଥନ ପତ୍ର ହସ୍ତାନ୍ତର କରିଛନ୍ତି। ସପ୍ତାହକ ତଳେ ପଞ୍ଚଦଶ ବିଧାନସଭା ଭଙ୍ଗ ପାଇଁ ରାଜ୍ୟ କ୍ୟାବିନେଟ୍ ସୁପାରିସ କରିଥିଲା। ରାଜ୍ୟପାଳଙ୍କ ଦ୍ୱାରା ଏହା ଅନୁମୋଦିତ ହୋଇ ଷୋଡଶ ବିଧାନସଭା ପାଇଁ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ବିଜେଡି ନିକଟରେ ପୂର୍ଣ୍ଣ ବହୁମତ ଥିବାରୁ ରାଜ୍ୟପାଳ ଗଣେଶୀଲାଲ ବିଜେଡି ବିଧାୟକ ଦଳ ନେତା ନବୀନଙ୍କୁ ସରକାର ଗଢ଼ିବା ପାଇଁ ବିଧିବଦ୍ଧ ଆମନ୍ତ୍ରଣ କରିଥିବା ଜଣାପଡ଼ିଛି। ଆସନ୍ତା ୨୯ ତାରିଖ ଅର୍ଥାତ୍ ବୁଧବାର ପୂର୍ବାହ୍ନରେ ନବୀନ ପଟ୍ଟନାୟକ ନିଜ ମନ୍ତ୍ରିମଣ୍ଡଳ ସହ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ରାଜଧାନୀସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ନବୀନଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍‌ଜି)ର ବହୁ ସଦସ୍ୟା ଯୋଗଦେବେ। ଇତିମଧ୍ୟରେ ପୋଲିସ ମହାନିର୍ଦ୍ଦେଶକ ଆର.ପି. ଶର୍ମା ଏବଂ ଟୁଇନ୍ ସିଟି କମିଶନର ସତ୍ୟଜିତ ମହାନ୍ତି ପ୍ରମୁଖ ଶପଥ ଗ୍ରହଣ ସ୍ଥଳ ତଥା ପ୍ରଦର୍ଶନୀ ପଡ଼ିଆର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି।



ସରକାର ଗଠନ ପାଇଁ ନବୀନ ପଟ୍ଟନାୟକ ରାଜ୍ୟପାଳଙ୍କ ନିକଟରେ ଦାବି ଉପସ୍ଥାପନ କରୁଛନ୍ତି।

୬ ନମ୍ବରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ପ୍ରାୟ ମଧ୍ୟାହ୍ନ ସାଢେ ୧୨ଟାରେ ବିଜେଡି ବିଧାୟକ ଦଳ ବୈଠକ ବସିଥିଲା। ଏହା ପୂର୍ବରୁ ବିରାଟ ପୁଷ୍ପଗୁଚ୍ଛ ଦ୍ୱାରା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବ ନିର୍ବାଚିତ ସମସ୍ତ ବିଧାୟିକା/ବିଧାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଗଞ୍ଜାମ ଜିଲା ଭଞ୍ଜନଗର ବିଧାୟକ ବିକ୍ରମ କେଶରୀ ଆରୁଖ ଦଳର ସଭାପତି ନବୀନଙ୍କୁ ବିଧାୟକ ଦଳ ନେତା ନିର୍ବାଚିତ କରିବା ପାଇଁ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହାକୁ ଦଳର ସମସ୍ତ ସଭ୍ୟ ତଥା ବିଶେଷ ଭାବେ ୯ଜଣ ମହିଳା ବିଧାୟକ ସମର୍ଥନ ଜଣାଇଥିଲେ। ଏହା ପରେ ନବୀନ ପଟ୍ଟନାୟକ ନବ ନିର୍ବାଚିତ ବିଧାୟକଙ୍କୁ ସଂକ୍ଷିପ୍ତ ଉଦ୍‌ବୋଧନ ଦେଇଥିଲେ। ୫ମ ଥର ନିର୍ବାଚିତ ମୁଖ୍ୟମନ୍ତ୍ରୀ ନବୀନ କହିଥିଲେ ଯେ, ବିଜେଡି ବିଧାୟକ ଦଳର ସମସ୍ତଙ୍କ ପ୍ରତି କୃତଜ୍ଞ। ବିଜେଡି ଉପରେ ପୁନର୍ବାର ଭରସା କରି ଶାସନର ସୁଯୋଗ ଦେଇଥିବାରୁ ୪ କୋଟି ଓଡ଼ିଆଙ୍କୁ ଧନ୍ୟବାଦ। ଜନସାଧାରଣଙ୍କ ଆସ୍ଥା ହିଁ କଠିନ ପରିଶ୍ରମ ପାଇଁ ପ୍ରେରଣା ଦେଇଛି। ବିଜେଡିର ଲଗାତର ସଫଳତାକୁ ନେଇ ଅନେକେ ଯେତେବେଳେ ପ୍ରଶ୍ନ କରିଥାନ୍ତି, ସେତେବେଳେ ସେମାନଙ୍କୁ ୨ଟି ଉତ୍ତର ଦେଇଥାଏ। ପ୍ରଥମଟି ଜନତାଙ୍କୁ ପ୍ରାଧାନ୍ୟ ଏବଂ ଦ୍ୱିତୀୟରେ ଲୋକଙ୍କ ପାଇଁ କାର୍ଯ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କଲ୍ୟାଣକାରୀ ଯୋଜନାକୁ ପ୍ରାଧାନ୍ୟ ଦେଲେ ରାଜନୀତି କଷ୍ଟକର ବ୍ୟାପାର ହୋଇ ନ ଥାଏ। ଅଧିକ ସଂଖ୍ୟକ ବିଧାୟକ ପ୍ରଥମଥର ପାଇଁ ବିଧାନସଭାକୁ ଆସିଛନ୍ତି। ସେମାନେ ସରଳ ଜୀବନଯାପନ କରିବା ଉଚିତ। ସରଳ ଜୀବନଯାପନ ହିଁ ଲୋକମାନଙ୍କୁ ନିକଟତର କରିଥାଏ ବୋଲି ନବୀନ କହିଛନ୍ତି। ସର୍ବଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ କଠିନ ପରିଶ୍ରମ କରିବା ସହ ଓଡ଼ିଶାକୁ ବିକାଶର ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ କରିବା ସଂକ୍ରାନ୍ତ କାର୍ଯ୍ୟକ୍ରମରେ ସହଯୋଗ କାମନା କରିଛନ୍ତି। ସେହିଭଳି ନବ ନିର୍ବାଚିତ ପ୍ରତ୍ୟେକ ବିଧାୟକଙ୍କୁ ସେମାନଙ୍କ ନିର୍ବାଚନମଣ୍ଡଳୀର ୩ ପ୍ରମୁଖ ସମସ୍ୟାକୁ ଆଖି ଆଗରେ ରଖି ତାହାର ସମାଧାନ କରିବା ଦିଗରେ କାର୍ଯ୍ୟ କରିବା ନେଇ ବିଜେଡି ସଭାପତି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ☞ପୃଷ୍ଠା-୪

## ୩୦ରେ ଶପଥ ନେବେ ମୋଦି

ନୂଆଦିଲ୍ଲୀ,୨୬।୫(ପି.ଟି.)



ନରେନ୍ଦ୍ର ମୋଦି

ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଆସନ୍ତା ୩୦ ତାରିଖରେ ଶପଥ ଗ୍ରହଣ କରିବେ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ଗୁରୁବାର ରାତି ୭ଟାରେ ରାଷ୍ଟ୍ରପତି ଭବନରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରଧାନମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇବେ। ଶନିବାର ଏନ୍‌ଡିଏର ନବନିର୍ବାଚିତ ଏମ୍‌ପିମାନଙ୍କ ବୈଠକ ବସି ମୋଦିଙ୍କୁ ସର୍ବସମ୍ମତିକ୍ରମେ ସଂସଦୀୟ ଦଳ ନେତା ନିର୍ବାଚନ କରାଯାଇଥିଲା। ଏହା ପରେ ସେ ରାଷ୍ଟ୍ରପତିଙ୍କୁ ଭେଟି ସରକାର ଗଠନ ଲାଗି ଦାବି ଜଣାଇଥିଲେ। ରାଷ୍ଟ୍ରପତି ତାଙ୍କ ସାମ୍ବିଧାନିକ କ୍ଷମତା ବଳରେ ମୋଦିଙ୍କୁ ଭାରତର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପ୍ରଦାନ କରିଥିଲେ ଏବଂ ମନ୍ତ୍ରୀପରିଷଦ ସଦସ୍ୟମାନଙ୍କ ନିଯୁକ୍ତି ସମ୍ପର୍କରେ ନାଁ ସୁପାରିସ କରିବା ଲାଗି ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନେତୃତ୍ୱରେ ପ୍ରକାଶ ସିଂ ବାଦଲ, ରାଜନାଥ ସିଂ, ନୀତୀଶ କୁମାର, ରାମବିଳାସ ପାଶ୍ୱାନ, ସୁଷମା ସ୍ୱରାଜ, ଉଦ୍ଧବ ଠାକ୍‌ରେ, ନୀତିନ ଗଡକରୀ, କେ. ପାଲାନିସ୍ୱାମୀ, କନ୍‌ରାଡ୍ ସଙ୍ଗମା ଏବଂ ନେଇଫିଉ ରିଓ ରାଷ୍ଟ୍ରପତି ଭବନ ଯାଇ ମୋଦି ଭାଜପା ସଂସଦୀୟ ଦଳ ନେତା ନିର୍ବାଚିତ ହୋଇଥିବା ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଏକ ପତ୍ର ଦେଇଥିଲେ। ଏନ୍‌ଡିଏ ସହଯୋଗୀ ଦଳଗୁଡିକର ସମର୍ଥନ ପତ୍ର ମଧ୍ୟ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା। ୫୪୩ ଆସନ ବିଶିଷ୍ଟ ଲୋକ ସଭାର ୫୪୨ ଆସନ ଲାଗି ନିର୍ବାଚନ ହୋଇଥିବାବେଳେ ଏନ୍‌ଡିଏର ସଦସ୍ୟ ସଂଖ୍ୟା ୩୫୩ ରହିଛି।

# ଅର୍ଥ, କ୍ଷମତା ବଳରେ ମନ୍ତ୍ରୀପଦ ଆଶା

ଭୁବନେଶ୍ୱର,୨୬।୫(ଚିଦାନନ୍ଦ ଜେନା)

ସାରା ଦେଶରେ ସାଧାରଣ ନିର୍ବାଚନ ସମାପ୍ତ ହୋଇଛି। ସେହିଭଳି ରାଜ୍ୟରେ ଲୋକ ସଭା ସହ ବିଧାନସଭା ନିର୍ବାଚନ ମଧ୍ୟ ସମାପ୍ତ ହୋଇଛି। ଲଗାତର ୫ମ ଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଆସନ୍ତା ୨୯ ତାରିଖ ଅର୍ଥାତ୍ ବୁଧବାର ନବୀନଙ୍କ ନୂତନ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ତେଣୁ ମନ୍ତ୍ରିମଣ୍ଡଳରେ ସ୍ଥାନଟିଏ ପାଇବା ପାଇଁ ବିଧାୟକଙ୍କ ମଧ୍ୟରେ ଜୋରସୋର ଲବି ଆରମ୍ଭ ହୋଇଯାଇଛି। ରାଜ୍ୟ ବିଧାନସଭା ସଂଖ୍ୟାର ୧୫ ପ୍ରତିଶତ ଅର୍ଥାତ୍ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୨୧ କିମ୍ବା ୨୨ ମନ୍ତ୍ରୀ ହୋଇପାରିବେ। ଏଭଳି ସ୍ଥିତିରେ ୧୧୨ ବିଧାୟକଙ୍କ ମଧ୍ୟରୁ କିଏ ମନ୍ତ୍ରୀପଦ ହାସଲ କରିବେ, ସେ ନେଇ ଛକାପଞ୍ଝା ଆରମ୍ଭ ହୋଇଯାଇଛି।

ସବୁଠାରୁ ମୁଖ୍ୟକଥା ହେଲାଯେ, ବିଜେଡିରେ ପ୍ରଥମଥର ବିଧାୟକ ହୋଇଥିବା କିଛି ନେତା ମଧ୍ୟ ମନ୍ତ୍ରୀପଦ ହାତେଇବାକୁ ଉଦ୍ୟମ ଚଳାଇଛନ୍ତି। ଏପରିକି ଯେଉଁମାନଙ୍କ ସହଯୋଗରେ ବିଜେଡିକୁ ଆସିବାରେ ନେତା ଜଣଙ୍କ ସଫଳ ହୋଇଥିଲେ, ସେମାନଙ୍କ ଚେର କାଟିବାକୁ ପଛଘୁଞ୍ଚା ମଧ୍ୟ ଦେଉନାହାନ୍ତି। ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ନୟାଗଡ ଜିଲାର ଅରୁଣ ସାହୁ, ଯାଜପୁରରୁ ପ୍ରଣବ ପ୍ରକାଶ ଦାସ ଓ କେନ୍ଦ୍ରାପଡାର ଅତନୁ ସବ୍ୟସାଚୀ ନାୟକଙ୍କୁ ଏଥର ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳି ନ ପାରେ। ଆଉ ଏହା ଯଦି ସତ୍ୟ ହୁଏ, ତେବେ ନୟାଗଡ ଜିଲାରୁ ପ୍ରଥମଥର ବିଜେଡି ବିଧାୟକ ହୋଇଥିବା ଜଣେ ନେତାଙ୍କୁ ମନ୍ତ୍ରୀପଦ ମିଳିବାରେ ସହଜ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ବିଶ୍ଳେଷକଙ୍କ ମତରେ ଉକ୍ତ ନବାଗତ କିନ୍ତୁ ବୟସ୍କ ନେତାଙ୍କୁ ବିଜେଡିକୁ ବାଟ କଢ଼େଇ ଆଣିଥିବା ଦୁଇ ପ୍ରମୁଖ ନେତା(ସଞ୍ଜୟ ଦାସବର୍ମା ଓ ଦେବାଶିଷ ସାମନ୍ତରାୟ) ଚଳିତ ନିର୍ବାଚନରେ ପରାସ୍ତ ହୋଇଛନ୍ତି। ଏପରିକି ପ୍ରଣବ ପ୍ରକାଶ ମନ୍ତ୍ରୀପଦରେ ନ ରହି ଦଳ ଏବଂ ମନ୍ତ୍ରିମଣ୍ଡଳର ସମନ୍ୱୟକାରୀ ହେବା ପାଇଁ ଯୋଜନା କରୁଛନ୍ତି। ଏଭଳି ସ୍ଥିତିରେ ଉକ୍ତ ନେତାଙ୍କୁ ମନ୍ତ୍ରୀପଦ ମିଳିବାରେ କିଛି ଅସୁବିଧା ହୋଇ ନ ପାରେ ବୋଲି କୁହାଯାଉଛି। ଆଉ କିଛି ରାଜନୈତିକ ପଣ୍ଡିତଙ୍କ ମତରେ ଏଥର ରାଜ୍ୟ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ପାଇଁ ଆର୍ଥିକ ମାପଦଣ୍ଡ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ସେହି ହିସାବରେ ବିଚାର କଲେ ଅବିଭକ୍ତ ପୁରୀ ସମେତ ଅବିଭକ୍ତ ସମ୍ବଲପୁର ଓ ଢେଙ୍କାନାଳ ଜିଲାର ଏକାଧିକ ନେତା ବିଜେଡି ନେତୃତ୍ୱଙ୍କୁ ମନ୍ତ୍ରୀପଦ ପାଇଁ ପ୍ରଭାବିତ କରିପାରନ୍ତି। ଅର୍ଥ ବଳରେ ପୂର୍ବରୁ ନେତୃତ୍ୱକୁ ପ୍ରଭାବିତ କରି ଏକାଧିକ ନେତା ଟିକେଟ ହାତେଇ ପାରିଛନ୍ତି, ଯାହା ମନ୍ତ୍ରୀପଦ ହାତେଇବା ସେମାନଙ୍କ ପାଇଁ ବଡ଼ କଥା ନୁହେଁ ବୋଲି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ସମସ୍ତଙ୍କ ବିଶ୍ୱାସଭାଜନ**

**ଆଜିର ମନ୍ତବ୍ୟ**

"ପାକିସ୍ତାନ ଆତଙ୍କବାଦମୁକ୍ତ ଓ ବିଶ୍ୱାସର ବାତାବରଣ ତିଆରି କରିବା କ୍ଷେତ୍ରୀୟ ଶାନ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ







NECC NATIONAL EGG CO-ORDINATION COMMITTEE 26.05.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 90 | 145 | 155 |
| CTC | 89 | 144 | 154 |
| DKL | 87 | 141 | 151 |
| BDK | 89 | 144 | 154 |
| BLS | 89 | 144 | 154 |
| ANG | 87 | 141 | 151 |

*Conditions Apply

Eggs Retail Price- 41/-Dozen

Issued in the Interest of Consumers


**ରେକର୍ଡ ଭାଙ୍ଗୁଛି ତାତି**

# ଥମୁନି ଗ୍ରୀଷ୍ମ ପ୍ରବାହ

- ଆହୁରି ୩ ଦିନ ଜାରି ରହିବ
- ୪୦ ଡିଗ୍ରୀ ଟପିଲା ୧୧ ସହର ତାପମାତ୍ରା
- ତାଳଚେର ସର୍ବାଧିକ ଉତ୍ତପ୍ତ
- ୯ ଜିଲାକୁ ହିଟ୍‌ୱେଭ୍ ସତର୍କ ସୂଚନା



ଭୁବନେଶ୍ୱର,୨୬।୫(ବ୍ୟୁରୋ)

ଚଳିତବର୍ଷ ରାଜ୍ୟରେ ସମସ୍ତ ରେକର୍ଡ ଭାଙ୍ଗୁଛି ତାତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଦିନକୁ ଦିନ ବୃଦ୍ଧି ପାଉଥିବା ତାପମାତ୍ରା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଶନିବାର ଦୁଇ ସହରର ତାପମାତ୍ରା ୪୬ଡିଗ୍ରୀ ଟପିଥିବା ବେଳେ ରବିବାର ତାଳଚେର ସର୍ବାଧିକ ଉତ୍ତପ୍ତ ସହର ଭାବେ ୪୪.୬ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରିଛି। ସେହିଭଳି ୧୧ ସହରର ତାପମାତ୍ରା ୪୦ଡିଗ୍ରୀ ଉପରେ ରହିଛି। ସୋମବାର ୯ ଜିଲାକୁ ହିଟ୍‌ୱେଭ୍ ସତର୍କ ସୂଚନା ଜାରି କରାଯାଇଛି। ଏହାସହ କେତେକ ଜିଲାରେ ସ୍ୱଳ୍ପ ବର୍ଷା ସହ କାଳବୈଶାଖୀ ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ରବିବାର ତାଳଚେରରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଏହା ତଳକୁ ସମ୍ବଲପୁର, ଟିଟିଲାଗଡ଼ ଓ ମାଲକାନଗିରିରେ ୪୪ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀରରେ ୪୩.୮, ସୋନପୁର ୪୩.୬, ହୀରାକୁଦ ୪୩.୧, ଝାରସୁଗୁଡ଼ା ୪୩, ଭବାନୀପାଟଣା ୪୨.୬, ଅନୁଗୋଳ ୪୧.୧ ଓ ସୁନ୍ଦରଗଡ଼ରେ ପାରଦ ୪୧ଡିଗ୍ରୀ ଛୁଇଁଛି। ଭୁବନେଶ୍ୱରରେ ସର୍ବାଧିକ ୩୯.୨ଡିଗ୍ରୀ ଓ କଟକରେ ୩୮.୮ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯଇଛି। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ହିଟ୍‌ୱେଭ୍ ଲୋକଙ୍କ ମୁଣ୍ଡବ୍ୟଥା ସୃଷ୍ଟି କରିଛି। ଉପକୂଳ ଓଡ଼ିଶା ବାୟୁମଣ୍ଡଳରେ ଥିବା ଆର୍ଦ୍ରତା ଓ ଅସହ୍ୟ ଗୁଳୁଗୁଳି ଲୋକଙ୍କୁ ଦୁର୍ଦ୍ଦଶା ଆଣିଦେଇଛି।

ଅନ୍ୟପକ୍ଷରେ ସୋମବାର ଗଞ୍ଜାମ, ଗଜପତି, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କୋରାପୁଟ ଓ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ହୋଇପାରେ। ଏହାସାଙ୍ଗକୁ ଘଡ଼ଘଡ଼ି ଓ ୩୦ରୁ ୪୦କିମି ବେଗରେ ପବନ ବହିବା ସମ୍ଭାବନା ରହିଛି। ସେହିଭଳି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ବରଗଡ଼, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ାରେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ସତର୍କ ସୂଚନା ଦିଆଯାଇଛି। ଏହି ୯ ଜିଲାରେ ଆଞ୍ଚଳିକ ପାଣିପାଗ ☞ପୃଷ୍ଠା-୪






"ସିକିମବାସୀ ବିଧାନସଭା ନିର୍ବାଚନରେ ଏସ୍‌ଡିଏଫ୍‌କୁ ପ୍ରତ୍ୟାଖ୍ୟାନ କରିନାହାନ୍ତି, ବରଂ ବିରୋଧୀ ଭୂମିକା ପାଇଁ ଜନାଦେଶ ଦେଇଛନ୍ତି।
-ପବନ କୁମାର ଚାମ୍‌ଲିଙ୍ଗ୍‌, ସିକିମର ବିଦାୟୀ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ଆଦର୍ଶ ଆଚରଣ ବିଧି ଉଠିଲା

**ନୂଆଦିଲ୍ଲୀ,୨୬।୫(ପି.ଟି.):** ସପ୍ତଦଶ ଲୋକ ସଭା ନିର୍ବାଚନ ଏବଂ ୪ ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସାରା ଦେଶରେ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧିକୁ ନିର୍ବାଚନ କମିଶନ ଉଠାଇ ନେଇଛନ୍ତି। ମାର୍ଚ୍ଚ ୧୦ରେ ୭ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଲାଗି ତାରିଖ ଘୋଷଣା ସହ ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଥିଲା। ସେଦିନ ନିର୍ବାଚନ କମିଶନ ଆନ୍ଧ୍ରପ୍ରଦେଶ, ଓଡିଶା, ଅରୁଣାଚଳପ୍ରଦେଶ ଏବଂ ସିକିମ ବିଧାନସଭା ନିର୍ବାଚନ ପାଇଁ ମଧ କାର୍ଯ୍ୟସୂଚୀ ଘୋଷଣା କରିଥିଲେ। ନିର୍ବାଚନ ପରିଚାଳନା ପ୍ରକ୍ରିୟା ମେ ୨୭ରେ ଶେଷହେବ ଏବଂ ସେପର୍ଯ୍ୟନ୍ତ ଆଦର୍ଶ ଆଚରଣ ବିଧି ବଳବତ୍ତର ରହିବ ବୋଲି ଇସି କହିଥିଲେ। ଫଳାଫଳ ଘୋଷଣା ହୋଇସାରିଥିବାରୁ ଆଚରଣ ବିଧିକୁ ତୁରନ୍ତ ହଟାଇ ଦିଆଯାଇଛି।

### ସିକିମ୍ ମୁଖ୍ୟମନ୍ତ୍ରୀ ଭାବେ ଗୋଲେ ସୋମବାର ଶପଥ ନେବେ



**ଗାଙ୍ଗଟକ୍‌,୨୬।୫(ପି.ଟି.):** ସିକିମ୍ ମୁଖ୍ୟମନ୍ତ୍ରୀ ଭାବେ ଏସ୍‌କେଏମ୍ ଅଧକ୍ଷ ପ୍ରେମ୍ ସିଂ ତାମଙ୍ଗ ଓରଫ୍ ପି.ଏସ୍. ଗୋଲେ ସୋମବାର ଶପଥ ନେବେ ବୋଲି ରାଜଭବନ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ପୂର୍ବାହ୍ନ ୧୦ଟାରେ ପାଲ୍‌ଜୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଶପଥଗ୍ରହଣ ଉତ୍ସବରେ ରାଜ୍ୟପାଳ ଗଙ୍ଗାପ୍ରସାଦ ୫୧ ବର୍ଷୀୟ ଗୋଲେଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ। ଅନ୍ୟ କେତେକ ମନ୍ତ୍ରୀ ମଧ ସେଦିନ ଶପଥ ଗ୍ରହଣ କରିପାରନ୍ତି। ଶନିବାର ରାତିରେ ଏସ୍‌କେଏମ୍ ବିଧାୟକ ଦଳ ବୈଠକ ବସି ଗୋଲେଙ୍କୁ ନେତା ନିର୍ବାଚନ କରାଯାଇଥିଲା। ଏହା ପରେ ଏସ୍‌କେଏମ୍ ସୁପ୍ରିମୋ ୧୭ ନବନିର୍ବାଚିତ ବିଧାୟକଙ୍କ ସହ ରାଜ୍ୟପାଳଙ୍କୁ ଭେଟି ନୂଆ ସରକାର ଗଠନ ଲାଗି ଦାବି ଜଣାଇଥିଲେ। ପରାମର୍ଶ ପରେ ନିଷ୍ପତ୍ତି ଜଣାଇବେ ବୋଲି ରାଜ୍ୟପାଳ ତାଙ୍କୁ କହିଥିଲେ। ୩୨ ଆସନ ବିଶିଷ୍ଟ ବିଧାନସଭାରେ ଏସ୍‌କେଏମ୍‌କୁ ୧୭ ଓ ଶାସନରେ ଥିବା ଏସ୍‌ଡିଏଫ୍‌କୁ ୧୫ ଆସନ ମିଳିଛି। ଗୋଲେ ନିର୍ବାଚନ ନ ଲଢ଼ି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

# ଜଳପଥରେ ଜେହାଦୀ

**ଥିରୁଭାନନ୍ତପୁରମ୍‌,୨୬।୫(ପି.ଟି.)**



ଶ୍ରୀଲଙ୍କାରେ ଆତ୍ମଘାତୀ ବିସ୍ଫୋରଣ ଘଟାଇ ୨୫୮ ଜଣଙ୍କ ଜୀବନ ନେଇଥିବା ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ନଜର ଏବେ ଭାରତ ଉପରେ। ୧୫ ଆଇଏସ୍ ଜେହାଦୀ ଶ୍ରୀଲଙ୍କାରୁ ଜଳପଥ ଦେଇ ଲାକ୍ଷାଦ୍ୱୀପ ଆସୁଛନ୍ତି। ଏନେଇ ସୁରକ୍ଷା ସଂସ୍ଥାଗୁଡ଼ିକ ପକ୍ଷରୁ ଗୋଇନ୍ଦା ରିପୋର୍ଟ ପ୍ରକାଶ ପାଇବା ପରେ କେରଳରେ ହାଇଆଲର୍ଟ ଜାରି କରାଯାଇଛି। ସନ୍ଦିଗ୍ଧ ବୋଟ ଦେଖିଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଉପକୂଳ ଥାନା ଓ ପୋଲିସ ମୁଖ୍ୟମାନଙ୍କୁ ସତର୍କ କରାଯାଇଛି।

ଏପ୍ରିଲ ୨୧ରେ ଶ୍ରୀଲଙ୍କା ରାଜଧାନୀ କଲମ୍ବୋ ଓ ଅନ୍ୟ କେତେକ ସ୍ଥାନକୁ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ଇଷ୍ଟର ସଣ୍ଡେ ପାଳନ ବେଳେ ୩ ଚର୍ଚ୍ଚ, ୩ ବିଳାସପୂର୍ଣ୍ଣ ହୋଟେଲ ସମେତ ୮ଟି ସ୍ଥାନରେ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲା। ଏଥିରେ ୨୫୮ ନିହତ ହୋଇଥିବାବେଳେ ଶତାଧିକ ଆହତ ହୋଇଥିଲେ। ଏହା ପଛରେ ଏକ ସ୍ଥାନୀୟ ଆତଙ୍କବାଦୀ ସଙ୍ଗଠନର ହାତ ଥିବା ସନ୍ଦେହ କରାଯାଉଥିବାବେଳେ ଆକ୍ରମଣ ପାଇଁ ଆଇଏସ୍ ତା'ର ଆମାକସ୍ ନ୍ୟୁଜ୍ ଏଜେନ୍ସି ଜରିଆରେ ନିଜକୁ ଦାୟୀ କରିଥିଲା। ଏହା ପରେ ଶ୍ରୀଲଙ୍କା ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଶତାଧିକ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ଫଳରେ ପଡ଼ୋଶୀ ଦ୍ୱୀପଦେଶରୁ ଆତଙ୍କବାଦୀମାନେ ଅନ୍ୟତ୍ର ପଳାୟନ କରିବାକୁ ବାଧ ହେଉଛନ୍ତି। ମିଳିଥିବା ସୂଚନାନୁସାରେ ଏବେ ୧୫ ଆଇଏସ୍ ଆତଙ୍କବାଦୀ ବୋଟ୍‌ରେ ଲାକ୍ଷାଦ୍ୱୀପ ଆସୁଛନ୍ତି। ଗୁରୁବାର ଶ୍ରୀଲଙ୍କା କର୍ତ୍ତୃପକ୍ଷଙ୍କଠାରୁ ଗୋଇନ୍ଦା ରିପୋର୍ଟ ମିଳିବା ପରେ ଭାରତର ଉପକୂଳ ଥାନାଗୁଡ଼ିକୁ ସତର୍କ କରାଯାଇଛି। ବହୁସଂଖ୍ୟକ କେରଳୀ ଯୁବକ ଆଇଏସ୍ ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରି ଏହି ଆତଙ୍କବାଦୀ ସଙ୍ଗଠନ ସହ ହାତ ମିଳାଇଥିବା ଜଣାପଡ଼ିଛି। ଆଇଏସ୍ ଆତଙ୍କବାଦୀ କେରଳରେ ଆକ୍ରମଣ କରିପାରନ୍ତି ବୋଲି ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ମଧ ଆଲର୍ଟ କରିଛି।

■ବୋଟରେ ଲାକ୍ଷାଦ୍ୱୀପ ଆସୁଛନ୍ତି ୧୫ ଆତଙ୍କବାଦୀ

■କେରଳରେ ଆକ୍ରମଣ କରିପାରେ ଇସ୍‌ଲାମିକ୍ ଷ୍ଟେଟ୍

■ଗୋଇନ୍ଦା ରିପୋର୍ଟ ପରେ ଉପକୂଳରେ ହାଇଆଲର୍ଟ




# ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଜଗନ୍‌ମୋହନ

**ନୂଆଦିଲ୍ଲୀ,୨୬।୫(ପି.ଟି.)**



ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଆସନ୍ତା ୩୦ରେ ଶପଥ ନେବାକୁ ଯାଉଥିବା ୱାଇଏସ୍‌ଆର କଂଗ୍ରେସ ପାର୍ଟି ଅଧକ୍ଷ ଜଗନ୍‌ମୋହନ ରେଡ୍ଡୀ ରବିବାର ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ମାନ୍ୟତା ପ୍ରଦାନ ନେଇ ଉଭୟଙ୍କ ମଧରେ ଆଲୋଚନା ହୋଇଥିଲା। ତାଙ୍କ ଦଳ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଦାବି ନୁହେଁ କେବଳ ଅନୁରୋଧ କରିପାରିବ ବୋଲି ସେ କହିଛନ୍ତି। ଆନ୍ଧ୍ରବାସୀଙ୍କ ପାଇଁ ଉଦାର ମନୋଭାବ ପୋଷଣ କରିବାକୁ ଜଗନ୍ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ ଜଗନ୍ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହଙ୍କୁ ଭେଟି ସ୍ୱତନ୍ତ୍ର ରାଜ୍ୟପାହ୍ୟା ପ୍ରସଙ୍ଗରେ ସହଯୋଗ ଲାଗି ନିବେଦନ କରିଥିଲେ।

ଆମେ ଏବେ କାହାର ଦୟା ଉପରେ ନିର୍ଭର କରିଥାଇପାରୁ, କିନ୍ତୁ ଦିନ ଆସିବ ଅବସ୍ଥା ବଦଳିଯିବ, ଏହା ପ୍ରଧାନମନ୍ତ୍ରୀଙ୍କୁ ବାରମ୍ବାର ସ୍ମରଣ କରାଇଦେବି ବୋଲି ଜଗନ୍ ଗଣମାଧମକୁ କହିଛନ୍ତି। ଲୋକ ସଭା ନିର୍ବାଚନରେ ଏନ୍‌ଡିଏ ଯଦି ୨୫୦ ଆସନ ଜିତିଥାନ୍ତା ତେବେ ୱାଇଏସ୍‌ଆରସିପି ପାଇଁ ଭଲ ହୋଇଥାନ୍ତା। କିନ୍ତୁ ଏନଡିଏ ୩୫୩ ଆସନରେ ଜିତିବାରୁ ସରକାର ଗଠନରେ ଆମର ଦରକାର ପଡିଲାନି। ଋଣଗ୍ରସ୍ତ ଆନ୍ଧ୍ରପ୍ରଦେଶ ଲାଗି ସ୍ୱତନ୍ତ୍ର ରାଜ୍ୟପାହ୍ୟା ଅତି ଜରୁରୀ ଏବଂ ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ସହଯୋଗ ଆବଶ୍ୟକ ବୋଲି ଜଗନ୍ କହିଛନ୍ତି। ରାଜ୍ୟ ବିଭାଜନ ହୋଇ ତେଲେଙ୍ଗାନା ଗଠନ ହେବା ବେଳେ ଆନ୍ଧ୍ର ଉପରେ ୯୭ ହଜାର କୋଟି ଟଙ୍କା ଋଣ ବୋଝ ଥିଲା। ଗତ ୫ ବର୍ଷ ମଧରେ ଏହି ଋଣ ପରିମାଣ ୨.୫୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବର୍ଷକୁ ସୁଧ ପରିଶୋଧରେ ୨୦ ହଜାର କୋଟି ଟଙ୍କା ବ୍ୟୟ ହେଉଛି ବୋଲି ୱାଇଏସ୍‌ଆର କଂଗ୍ରେସ ପାର୍ଟି ନେତା କହିଛନ୍ତି।

**ଆନ୍ଧ୍ରକୁ ସ୍ୱତନ୍ତ୍ର ପାହ୍ୟା ନେଇ ଆଲୋଚନା**

### ଇମ୍ରାନ୍‌ଙ୍କୁ ମୋଦିଙ୍କ ପରାମର୍ଶ
## ଆତଙ୍କବାଦମୁକ୍ତ ପରିବେଶ ସୃଷ୍ଟି କର

**ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୨୬।୫(ପି.ଟି.)**

ଲୋକ ସଭା ନିର୍ବାଚନରେ ଭାଜପାର ବିପୁଳ ବିଜୟ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ସହ ରବିବାର ଫୋନ୍‌ରେ କଥାହେବା ସହ ଦୁଇଦେଶର ଜନସାଧାରଣଙ୍କ ଭଲ ପାଇଁ ଏକାଠି କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ମୋଦି ଆଞ୍ଚଳିକ ଶାନ୍ତି ଏବଂ ସମୃଦ୍ଧି ପାଇଁ ଆତଙ୍କବାଦ ଓ ହିଂସାମୁକ୍ତ ପରିବେଶ ସୃଷ୍ଟିକରିବାକୁ ଇମ୍ରାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ପୂର୍ବରୁ ଇମ୍ରାନ ଟୁଇଟ୍ କରି ମୋଦିଙ୍କ ନିର୍ବାଚନ ବିଜୟ ପାଇଁ ଅଭିନନ୍ଦନ ଜଣାଇଥିଲେ। ମୋଦି ଇମ୍ରାନଙ୍କୁ ଧନ୍ୟବାଦ ଜଣାଇଥିଲେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସରକାରଙ୍କ ପଡୋଶୀ ପ୍ରଥମ ନୀତି ଏବଂ ମିଳିତ ଭାବେ ଦାରିଦ୍ର୍ୟ ଦୂରୀକରଣ ଲାଗି କାମ କରିବାକୁ ମୋଦି ପୂର୍ବରୁ ଦେଇଥିବା ପ୍ରସ୍ତାବ ସମ୍ପର୍କରେ ତାଙ୍କ ପ୍ରତିପକ୍ଷଙ୍କୁ ମନେପକାଇଦେବା ସହ ବିଶ୍ୱାସ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ।



କୋଲକାତାସ୍ଥିତ ଆଲିପୁର ଜୁଲୋଜିକାଲ ଗାର୍ଡେନ ଏନ୍‌କ୍ଲୋଜରରେ ନିଜ ଛୁଆ ସହ ଏକ ମାଈ ଜିରାଫ୍।

# ରାଜୀବଙ୍କ ମୁଣ୍ଡରେ ଖଣ୍ଡା

**ନୂଆଦିଲ୍ଲୀ,୨୬।୫(ପି.ଟି.)**



**ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ଲୁକ୍ ଆଉଟ ନୋଟିସ ପରେ ସମନ ଜାରି**

ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କ ବିରୋଧରେ ସିବିଆଇ ଲୁକ୍ ଆଉଟ୍ ନୋଟିସ ଜାରି କରିଛି। ଏଥିସହିତ ତାଙ୍କୁ ସୋମବାର ଜେରା ପାଇଁ ହାଜର ହେବା ଲାଗି ସମନ କରାଯାଇଛି। ସେ ଯେପରି ଦେଶଛାଡ଼ି ଯାଇ ନ ପାରିବେ ସେଥିପାଇଁ ଲୁକ୍ ଆଉଟ ନୋଟିସ ମାଧମରେ ସମସ୍ତ ବିମାନବନ୍ଦର ଏବଂ ଅପ୍ରବାସନ କର୍ତ୍ତୃପକ୍ଷଙ୍କୁ ସତର୍କ କରାଯାଇଛି। ସେ ଦେଶ ବାହାରକୁ ଯିବାକୁ ଉଦ୍ୟମ କଲେ ତୁରନ୍ତ ସିବିଆଇକୁ ଜଣାଇବା ଲାଗି ଉପରୋକ୍ତ କର୍ତ୍ତୃପକ୍ଷମାନଙ୍କୁ କୁହାଯାଇଛି। ଜେରା ପରେ ରାଜୀବଙ୍କୁ ସୋମବାର ଗିରଫ କରାଯାଇପାରେ ବୋଲି କୁହାଯାଉଛି।

୧୯୮୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ରାଜୀବ ୨୫୦୦ କୋଟି ଟଙ୍କା ସାରଦା ଚିଟ୍‌ଫଣ୍ଡ ଦୁର୍ନୀତିରେ ସମ୍ପୃକ୍ତ। ଏହି ଦୁର୍ନୀତିର ତଦନ୍ତ କରୁଥିବା ପଶ୍ଚିମବଙ୍ଗ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ମୁଖ୍ୟ ଥିବାବେଳେ ରାଜୀବ ପ୍ରମାଣ ନଷ୍ଟ ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ତଦନ୍ତରେ ସହଯୋଗ କରୁ ନ ଥିବାରୁ ତାଙ୍କୁ ହାଜତକୁ ନେଇ ଜେରା କରିବା ଜରୁରୀ ବୋଲି ସିବିଆଇ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲା। ଅନ୍ୟପକ୍ଷରେ କେନ୍ଦ୍ର ଆଭିମୁଖ୍ୟକୁ ପଶ୍ଚିମବଙ୍ଗ ସରକାର ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଛନ୍ତି। ଆଚରଣ ବିଧି ଉଠିବା ପରେ ରାଜୀବ କୁମାରଙ୍କ ସମେତ ୧୧ ଆଇପିଏସ୍ ଅଧିକାରୀଙ୍କୁ ସେମାନଙ୍କ ପୂର୍ବ ପଦବୀରେ ପୁନଃ ଅବସ୍ଥାପିତ କରିଛନ୍ତି।

### ଇତିହାସର ଆଇନାରେ
### ମେ ୨୭ର ପ୍ରମୁଖ ଘଟଣା

୧୯୭୧ ମେ ୨୭ରେ ପୂର୍ବ ପାକିସ୍ତାନରେ ସେନା ଆକ୍ରମଣରେ ୨୦୦ରୁ ଊର୍ଦ୍ଧ୍ୱ ନାଗରିକ ପ୍ରାଣ ହରାଇଥିଲେ। ସେମାନଙ୍କ ମଧରେ ଅଧିକାଂଶ ଥିଲେ ବେଙ୍ଗଲୀ ହିନ୍ଦୁ। ଏହାକୁ ବାଗବତୀ ହତ୍ୟାକାଣ୍ଡ କୁହାଯାଏ। ଏହି ହତ୍ୟାକାଣ୍ଡ ପରେ ମୃତଦେହଗଡ଼ିକୁ ନିକଟସ୍ଥ କୂଅଗୁଡ଼ିକରେ ପୋତି ଦିଆଯାଇଥିଲା।

୨୦୧୬ ମେ ୨୭ରେ ବାରାକ୍ ଓବାମା ଜାପାନସ୍ଥିତ ହିରୋଶିମାର ପିସ୍ ମେମୋରିଆଲ୍ ପାର୍କ ଗସ୍ତ କରିଥିଲେ। ଏହି ଶାନ୍ତି ସ୍ମାରକୀ ସ୍ଥଳକୁ ଯାଇ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମୃତକଙ୍କ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାରେ ଓବାମା ହେଉଛନ୍ତି ଆମେରିକାର ପ୍ରଥମ ରାଷ୍ଟ୍ରପତି।

### ■ ଘରୋଇ ହିଂସା ଆଇନ
## ବିଧବାଙ୍କୁ ଭରଣପୋଷଣ ଦେବେ ସ୍ୱାମୀଙ୍କ ଭାଇ

**ନୂଆଦିଲ୍ଲୀ,୨୬।୫(ପି.ଟି.)**

ଘରୋଇ ହିଂସା ଆଇନ ଅନୁଯାୟୀ ଜଣେ ବିଧବା ମହିଳାଙ୍କୁ ଭରଣପୋଷଣ ଦେବାକୁ ତାଙ୍କ ଦେଢ଼ଶୁର କିମ୍ବା ଦିଅରଙ୍କୁ ନିର୍ଦ୍ଦେଶ ଦିଆଯାଇପାରିବ ବୋଲି ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି ବେଳେ ଟିପ୍ପଣୀ ଦେଇଛନ୍ତି। ଜଣେ ନିର୍ଯାତିତା ପତ୍ନୀ ତାଙ୍କ ସ୍ୱାମୀଙ୍କ ସମ୍ପର୍କୀୟଙ୍କ ବିରୋଧରେ ଏତଲା ଦେଇପାରିବେ ବୋଲି କୋର୍ଟ କହିଛନ୍ତି। ମାମଲା ଅନୁଯାୟୀ ମହିଳା ଓ ତାଙ୍କ ଦିବଙ୍ଗତ ସ୍ୱାମୀ ପୂର୍ବରୁ ହିନ୍ଦୁ ଯୌଥ ପରିବାରର ପୈତୃକ ସମ୍ପତ୍ତିରେ ଥିବା ଘରେ ରହୁଥିଲେ ଏବଂ ସ୍ୱାମୀ ତାଙ୍କ ଭାଇଙ୍କ ସହ ମିଶି ଏକ ତେଜରାତି ଦୋକାନ ଚଳାଉଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ମହିଳା ଓ ତାଙ୍କ ପିଲାଙ୍କୁ ଉକ୍ତ ଘରେ ରହିବାକୁ ଅନୁମତି ଦିଆ ନ ଯିବାରୁ ସେ ଘରୋଇ ହିଂସା ଆଇନରେ ଏକ ମାମଲା ଦାଏର କରିଥିଲେ। ତଳ କୋର୍ଟ ମାମଲାର ଶୁଣାଣି କରି ବଧବା ମହିଳାଙ୍କୁ ମାସିକ ୪ ହଜାର ଓ ତାଙ୍କୁ ପିଲା ପାଇଁ ୨୦୦୦ ଟଙ୍କା ଭରଣପୋଷଣ ଦେବା ଲାଗି ସ୍ୱାମୀଙ୍କ ଭାଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ଉକ୍ତ ରାୟକୁ କାଏମ ରଖିଥିଲେ। ଏହାକୁ ସ୍ୱାମୀଙ୍କ ଭାଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହେମନ୍ତ ଗୁପ୍ତା ଘରୋଇ ହିଂସା ଆଇନର ଧାରା ୨(କ୍ୟୁ)କୁ ଅନୁଧ୍ୟାନ କରି ସ୍ୱାମୀଙ୍କ ଭାଇଙ୍କୁ ଭରଣପୋଷଣ ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ ବୋଲି କହିଛନ୍ତି।

### ■ ଅମେଠିରେ ନିର୍ବାଚନ ପରବର୍ତ୍ତୀ ହିଂସା: ୭ ଅଟକ
## ଇରାନୀଙ୍କ ସହଯୋଗୀଙ୍କୁ ହତ୍ୟା

**ଅମେଠି,୨୬।୫(ପି.ଟି.)**

ଉତ୍ତରପ୍ରଦେଶର ଅମେଠିରେ ନିର୍ବାଚନ ପରବର୍ତ୍ତୀ ହିଂସାକାଣ୍ଡ ଦେଖିବାକୁ ମିଳିଛି। ଅମେଠିର ନବନିର୍ବାଚିତ ଭାଜପା ଏମ୍‌ପି ସ୍ମୃତି ଇରାନୀଙ୍କ ଘନିଷ୍ଠ ସହଯୋଗୀ ସୁରେନ୍ଦ୍ର ସିଂ(୫୦)ଙ୍କୁ ଦୁଇ ଜଣ ଅଜଣା ବ୍ୟକ୍ତି ଗୁଳିକରି ହତ୍ୟା କରିଛନ୍ତି। ଏହା ପଛରେ ରାଜନୈତିକ ଷଡଯନ୍ତ୍ର ଥିବା ଅଭିଯୋଗକୁ ଏଡାଇ ଦିଆଯାଇ ନ ପାରେ ବୋଲି ପୋଲିସ କହିଛି। ବରାଉଲି ଗ୍ରାମର ପୂର୍ବତନ ମୁଖିଆ ସୁରେନ୍ଦ୍ରଙ୍କୁ ଶନିବାର ରାତି ୧୧ଟା ୩୦ ମିନିଟରେ ଗୁଳି କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଲକ୍ଷ୍ନୌ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ସ୍ମୃତି ଇରାନୀ ବରାଉଲି ଗ୍ରାମରେ ପହଞ୍ଚି ସୁରେନ୍ଦ୍ରଙ୍କ ମରଶରୀରକୁ କାନ୍ଧ ଦେବା ସହ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେଇଛନ୍ତି। ହତ୍ୟାକାଣ୍ଡ ପଛରେ ପୁରୁଣା ଶତ୍ରୁତା ରହିଥିବା ପୋଲିସ ଜାଣିବାକୁ ପାଇଛି। ତେବେ ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି କି ନାହିଁ ପୋଲିସ ତାହାର ତଦନ୍ତ ଚଳାଇଛି। ସନ୍ଦେହରେ ୭ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।



ଅମେଠି ଏମ୍‌ପି ସ୍ମୃତି ଇରାନୀ ସହଯୋଗୀଙ୍କ ମରଶରୀରକୁ କାନ୍ଧ ଦେଉଛନ୍ତି। (ଇନ୍‌ସେଟ୍ ସୁରେନ୍ଦ୍ର ସିଂ)

# କାନ୍ସରେ 'ପାରାସାଇଟ୍'କୁ ସ୍ୱର୍ଣ୍ଣ

**କାନ୍ସ,୨୬।୫(ପି.ଟି)**

ଦକ୍ଷିଣ କୋରୀୟ ନିର୍ଦ୍ଦେଶକ ବଙ୍ଗ୍ ଜୁନ୍ ହୋଙ୍କ 'ପାରାସାଇଟ୍' କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଶନିବାର ସନ୍ଧ୍ୟାରେ ୭୨ତମ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ର ଉଦ୍‌ଯାପନୀ ଉତ୍ସବରେ ପାଲ୍‌ମେ ଡି'ଓର୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ମହିଳା ନିର୍ଦ୍ଦେଶକଙ୍କ ଦ୍ୱାରା ୪ଟି ଫିଲ୍ମ ମଧରୁ ୩ଟି ଫିଲ୍ମ ପ୍ରତିଯୋଗିତାକୁ ଚୟନ ହୋଇଥିଲା। ବଙ୍ଗ୍ ଜୁନ୍ ହୋ ହେଉଛନ୍ତି ଦ୍ୱିତୀୟ ଏସୀୟ ନିର୍ଦ୍ଦେଶକ ଯିଏ ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ୨୦୧୮ରେ ଜାପାନୀ ଫିଲ୍ମ ନିର୍ଦ୍ଦେଶକ ହିରୋକାଜୁ କୋ-ରେ-ଇଡା 'ଶପ୍‌ଲିଫ୍ଟର୍ସ' ଫିଲ୍ମ ପାଇଁ ପାଲ୍‌ମେ ଡି'ଓର୍ ପୁରସ୍କାର ଲାଭ କରିଥିଲେ। ଫରାସୀ ସିନେମା ଆଇକନ୍ କାଥେରାଇନ୍ ଡେନିଉଭ୍‌ଙ୍କଠାରୁ ବଙ୍ଗ୍ ଜୁନ୍ ହୋ ଉଦ୍‌ଯାପନୀ ଉତ୍ସବର ସର୍ବୋଚ୍ଚ ପୁରସ୍କାର ଲାଭ କରିଥିଲେ। ଏହାପରେ ବେଲ୍‌ଜିୟାନ୍ ବ୍ରଦର୍ସ ଜିନ୍-ପିଏରେ ଏବଂ ଲ୍ୟୁସ ଡାର୍ଡେନେ 'ଲି ଜିଉନ୍ ଅହମଦ୍' (ୟଙ୍ଗ୍ ଅହମଦ୍) ପାଇଁ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଲାଭ କରିଥିଲେ। ମେକ୍ସିକାନ୍ ନିର୍ଦ୍ଦେଶକ ଆଲେଜାଣ୍ଡ୍ରୋ ଗୋଞ୍ଜାଲେଜ୍ ଇନାରିତୁଙ୍କ ନେତୃତ୍ୱରେ ଗଠିତ ବିଚାରକମଣ୍ଡଳୀ ଉତ୍ସବର ରନର୍ସ-ଅପ୍ ପ୍ରାଇଜ୍ (ଗ୍ରାଣ୍ଡ ପ୍ରିକ୍ସ) ଫାର୍ଷ୍ଟ ଟାଇମ୍ ଡାଇରେକ୍ଟର ମଟି ଡିଓପଙ୍କ 'ଆଟଲାଣ୍ଟିକ୍'କୁ ମିଳିଥିଲା। ହଲିଉଡ୍ ଷ୍ଟାର ସିଲଭେଷ୍ଟର ଷ୍ଟାଲୋନ୍‌ଙ୍କ ଦ୍ୱାରା ଏହା ପ୍ରଦାନ କରାଯାଇଥିଲା। ଜୁରି ପ୍ରାଇଜ୍ ମିଳିତ ଭାବେ ଦୁଇଟି ଫିଲ୍ମ ଫ୍ରେଞ୍ଚ୍-ମାଲିଆନ୍ ଲାଡ୍‌ଜ ଲି'ଙ୍କ 'ଲେସ୍ ମିଜେରେବୁଲ୍' ଏବଂ ବ୍ରାଜିଲିଆନ୍ ଫିଲ୍ମ 'ବାକାରାଉ'କୁ ପ୍ରଦାନ କରାଯାଇଥିଲା।



ବଙ୍ଗ୍ ଜୁନ୍ ହୋ

# ବ୍ରିଟେନ ପ୍ରଧାନମନ୍ତ୍ରୀ ଦୌଡ଼ରେ ୮ ଦାବିଦାର

**ଲଣ୍ଡନ,୨୬।୫(ପି.ଟି.)**

ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ ଅଲଗା ହେବା ପାଇଁ ଚାଲିଥିବା ବ୍ରେକ୍‌ଜିଟ୍ ଆଲୋଚନା ବିଫଳ ହେବା ପରେ ପ୍ରଧାନମନ୍ତ୍ରୀ ଥେରେସା ମେ ଇସ୍ତଫା ଘୋଷଣା କରିସାରିଛନ୍ତି। ସେ ସରକାରୀ ବାସଭବନ ଡାଉନିଂ ଷ୍ଟ୍ରିଟ୍‌ରୁ ଜୁନ୍ ୭ରେ ବିଦାୟ ନେବେ। ଏହା ପରେ କଞ୍ଜରଭେଟିଭ୍ ପାର୍ଟି ନେତା ତଥା ପ୍ରଧାନମନ୍ତ୍ରୀ ପଦ ପାଇଁ ୧୦ ତାରିଖରେ ନିର୍ବାଚନ ହେବ। ଏଥିଲାଗି ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହୋଇଯାଇଛି। ବ୍ରେକ୍‌ଜିଟ୍ ସପକ୍ଷବାଦୀ ତଥା ପୂର୍ବତନ ବହିର୍ବ୍ୟାପାର ସଚିବ ବୋରିସ୍ ଜନ୍‌ସନ ଥେରେସାଙ୍କ ଉତ୍ତରାଧିକାରୀ ହୋଇପାରନ୍ତି ବୋଲି କୁହାଯାଉଥିଲେ ହେଁ ପ୍ରଧାନମନ୍ତ୍ରୀ ଦୌଡ଼ରେ ଅନ୍ୟ ୭ ଜଣ ମଧ ଅଛନ୍ତି। ଏହି ପଦ ପାଇଁ ପ୍ରମୁଖ ଦାବିଦାରଙ୍କ ମଧରେ ଅଛନ୍ତି ବ୍ରିଟେନର ପରିବେଶ ସଚିବ ମାଇକେଲ୍ ଗୋଭ, ପୂର୍ବତନ ବ୍ରେକ୍‌ଜିଟ ସଚିବ ଡୋମିନିକ୍ ରାବ୍ ଓ ପୂର୍ବତନ କମନ୍ସ ନେତା ଆଣ୍ଡ୍ରିଆ ଲିଡ୍‌ସମ। ସେହିପରି ବହିର୍ବ୍ୟାପାର ସଚିବ ଜେରେମି ହଣ୍ଟ, ଅନ୍ତର୍ଜାତୀୟ ବିକାଶ ସଚିବ ରୋର୍ ଷ୍ଟିୱାର୍ଟ, ସ୍ୱାସ୍ଥ୍ୟ ସଚିବ ମାଟ୍ ହନ୍‌କକ୍ ଓ ପୂର୍ବତନ ପେନ୍‌ସନ ସଚିବ ଏସ୍ଥେର ମ୍ୟାକ୍‌ଭେ ମଧ ଏହି ଦୌଡ଼ରେ ନିଜକୁ ସାମିଲ କରିଛନ୍ତି। ଏହି ଆଶାୟୀମାନେ ବ୍ରେକ୍‌ଜିଟ୍ ସମ୍ପର୍କିତ ନିଜ ଆଭିମୁଖ୍ୟ ୩୧୩ ଟୋରି ଏମ୍‌ପି ଏବଂ ଦଳର ୧୨୪,୦୦୦ ସଦସ୍ୟଙ୍କ ଆଗରେ ସ୍ପଷ୍ଟ କରିବେ। ଏହି ଏମ୍‌ପିମାନେ ସମ୍ଭାବ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରିବେ। ଦଳର ସଦସ୍ୟମାନେ ସେମାନଙ୍କ ମଧରୁ ପ୍ରମୁଖ ଦୁଇଜଣଙ୍କୁ ଦୌଡ଼ ପାଇଁ ବାଛିବେ। ବୋରିସ୍ ଜନ୍‌ସନ୍ ଓ ରୋର୍ ଷ୍ଟିୱାର୍ଟଙ୍କ ମଧରେ କଡ଼ା ମୁକାବିଲା ହୋଇପାରେବ ବୋଲି କୁହାଯାଉଛି।



ବୋରିସ୍ ଜନ୍‌ସନ, ମାଇକେଲ୍ ଗୋଭ୍, ଡୋମିନିକ୍ ରାବ୍, ଆଣ୍ଡ୍ରିଆ ଲିଡ୍‌ସମ୍, ଜେରେମି ହଣ୍ଟ, ରୋରି ଷ୍ଟିୱାର୍ଟ, ମାଟ୍ ହନ୍‌କକ୍, ଏସ୍ଥେର ମ୍ୟାକ୍‌ଭେ, ଥେରେସା ମେ

**୭ରେ ଡାଉନିଂ ଷ୍ଟ୍ରିଟ୍ ଛାଡ଼ିବେ ଥେରେସା**

# ଭିତରକନିକାରେ ୨୫ କୁମ୍ଭୀର ବସା ଚିହ୍ନଟ

**ରାଜନଗର,୨୬ା୫(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନରେ ରବିବାର ସୁଦ୍ଧା ୨୫ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। ଏହି ଜାତୀୟ ଉଦ୍ୟାନର ନଦୀ, ନାଳଗୁଡ଼ିକରେ ବସବାସ କରୁଥିବା ବିରଳ ବଉଳା କୁମ୍ଭୀର ବସାରେ ଅଣ୍ଡା ଦେଇଥିବା ଜଣାପଡ଼ିଛି। ଭିତରକନିକା ଫରେଷ୍ଟ ବ୍ଲକ ଓ ଡାଙ୍ଗମାଳ ଫରେଷ୍ଟ ବ୍ଲକର ଗଞ୍ଜେଇଖିଆ, ଶୁଆଯୋର, ଚିନ୍ତାମଣି ମହାନ୍ତି ଯୋର, ଭିତରକନିକା ସମେତ ଡାଙ୍ଗମାଳ ସ୍କିମ୍ ଅଞ୍ଚଳରେ କୁମ୍ଭୀର ବସା କରିଥିବା ଜଙ୍ଗଲ ବିଭାଗ ସୂତ୍ରରୁ ଜାଣିବାକୁ ମିଳିଛି।

ପ୍ରତିବର୍ଷ ମେ ରୁ ଜୁଲାଇ ୩ ମାସ ମଧ୍ୟରେ ବଉଳା କୁମ୍ଭୀରମାନେ ବସା କରି ଅଣ୍ଡା ଦେଇଥାନ୍ତି। ମାଈ କୁମ୍ଭୀର ଅଣ୍ଡାଦେବା ପାଇଁ ନିରାପଦ ସ୍ଥାନ ଖୋଜିଥାନ୍ତି। ନାଳଠାରୁ ଟିକେ ଉଚ୍ଚା ସ୍ଥାନରେ, ଯେପରି ଜୁଆର ସମୟରେ ବସା ଭାସି ନ ଯାଏ, ସେଭଳି ନିରାପଦ ସ୍ଥାନରେ ବସା କରିଥାନ୍ତି। ଖରଖରି ପତ୍ର ଓ କାଠି କୁଟାକୁ ସଂଗ୍ରହ କରି ଦେଢ଼ରୁ ଦୁଇ ଫୁଟ ଉଚ୍ଚର ଗଦା କରଥାନ୍ତି। ଏହି ଗଦା ଉପରେ ଅଣ୍ଡା ଦେବା ପରେ ତା' ଉପରେ ପୁଣି ଖରଖରି ପତ୍ର ଓ କାଠି କୁଟା ଘୋଡ଼ାଇ ଦେଇଥାନ୍ତି। ପ୍ରତ୍ୟେକ ମାଈ କୁମ୍ଭୀର ୪୦ରୁ ୫୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ଅଣ୍ଡା ଦେବାର ୭୫ ଦିନ ମଧ୍ୟରେ ଅଣ୍ଡାରୁ ଛୁଆ ବାହାରିଥାଏ। ସବୁଠୁ ବଡ଼କଥା ହେଲା କୁମ୍ଭୀର ଅଣ୍ଡା ଦେବା ପରେ ତା'ର ବସା ପାଖରେ ଜଗି ରହିଥାଏ। ଏହି ସମୟରେ କୁମ୍ଭୀରମାନେ ଅତ୍ୟଧିକ ହିଂସ୍ର ହୋଇ ଉଠିଥାନ୍ତି। ଏଥିପାଇଁ ବନବିଭାଗ ପକ୍ଷରୁ ଚଳିତବର୍ଷ ମେ ୧ ତାରିଖ ଠାରୁ ଜୁଲାଇ ୩୧ ତିନି ମାସ ଯାଏଁ ଭିତରକନିକାକୁ ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଛି। ଚିହ୍ନଟ ପ୍ରକ୍ରିୟା ଚାଲିଥିବାରୁ ବସା ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ବନବିଭାଗ ସୂତ୍ରରୁ ଜଣାପଡ଼ିଛି। କୁମ୍ଭୀର ବସା ଚିହ୍ନଟ ପାଇଁ କନିକା ରେଞ୍ଜରେ ୩ଟି ଟିମ୍ ଗଠନ କରାଯାଇଛି। ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟ ଗାର୍ଡ ସୁନିଲ ରାଉତରାୟ, ସବିତା ବେହେରାଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇଛି। ପ୍ରତି ଟିମ୍‌ରେ ୪ଜଣ ଲେଖାଏଁ ସଦସ୍ୟ ରହିଛନ୍ତି।




SRI BALAJI VIDYAPEETH
ACCREDITED BY NAAC WITH 'A' GRADE
DEEMED UNIVERSITY
PONDICHERRY
DECLARED U/S 3 OF THE UGC ACT, 1956

ANNOUNCEMENT OF Ph.D. PROGRAMME FOR JUNE SESSION OF 2019-20

Applications are invited from eligible and desirous candidates seeking admissions to the Ph.D. programmes (Part Time & Full Time) for June session of 2019-20, offered by Sri Balaji Vidyapeeth. For application form, details of eligible Ph.D. guides of SBV and the Full Time M.V.K. Iyer Memorial Ph.D Fellowship and any other information visit our website, www.sbvu.ac.in . The Last date for submission of the filled in application forms is 17th June 2019.

REGISTRAR

# ବାତ୍ୟା କ୍ଷୟକ୍ଷତି ଅନୁଧ୍ୟାନ କଲେ ବିଶ୍ୱବ୍ୟାଙ୍କ ପ୍ରତିନିଧି



ପୁରୀ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ପୁରୀ ଜିଲାପାଳଙ୍କ ସହ ବିଶ୍ୱବ୍ୟାଙ୍କର ବରିଷ୍ଠ ଅଧିକାରୀ।

**ପୁରୀ ଅଫିସ, ୨୬ା୫**

- ସେସୁର କ୍ଷତି ହୋଇଛି ୧୧୧୦ କୋଟି
- ସର୍ବଶିକ୍ଷା ଅଭିଯାନର ୩୦୫ କୋଟି କ୍ଷତି

ବାତ୍ୟାରେ ପୁରୀ ଜିଲାରେ ହୋଇଥିବା କ୍ଷୟକ୍ଷତିର ରବିବାର ଅନୁଧ୍ୟାନ କରିଛନ୍ତି ବିଶ୍ୱବ୍ୟାଙ୍କ ପ୍ରତିନିଧି ଦଳ। ଏହି ୨୩ ଜଣିଆ ପ୍ରତିନିଧି ଦଳରେ ବିଶ୍ୱବ୍ୟାଙ୍କ ସମେତ ବିଭିନ୍ନ ସଙ୍ଗଠନର ବରିଷ୍ଠ ଅଧିକାରୀ ସାମିଲ ଥିଲେ । ପୂର୍ବାହ୍ନରେ ପ୍ରଥମେ ସର୍କିଟ ହାଉସ୍‌ରେ କ୍ଷୟକ୍ଷତି ନେଇ ଜିଲା ପ୍ରଶାସନ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ନିଜ ନିଜ ବିଭାଗରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେଉଁ ବିଭାଗରେ କି ପ୍ରକାର କ୍ଷତି ହୋଇଛି, କ୍ଷତିର ପରିମାଣ କେତେ ସେ ନେଇ ପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ଏହାପରେ ଟିମ୍ କୃଷି, ପଶୁସମ୍ପଦ, ଜଙ୍ଗଲ, ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି କ୍ଷେତ୍ରସ୍ଥଳକୁ ଯାଇ କ୍ଷୟକ୍ଷତିର ବାସ୍ତବ ସ୍ଥିତି ପରଖିଥିଲେ। ନିମାପଡ଼ାକୁ ଯାଇଥିବା ଟିମ୍ ପାନବରଜ, ଫସଲ ଆଦି କ୍ଷୟକ୍ଷତିର ଅନୁଧ୍ୟାନ କରିଥିବା ବେଳେ ଆଉ ଏକ ଟିମ୍ ବାଲୁଖଣ୍ଡ ଅଭୟାରଣ୍ୟ ବୁଲି ଦେଖିଥିଲେ। ସେହିପରି ଅନ୍ୟ ଏକ ଟିମ୍ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ୍ୟ ପରିଦର୍ଶନ କରିଥିଲେ। ଏହି ପ୍ରତିନିଧି ଦଳରେ ବିଶ୍ୱବ୍ୟାଙ୍କ, ୟୁନିସେଫ୍, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ଖାଦ୍ୟ ଏବଂ କୃଷି ସଙ୍ଗଠନ, ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ, ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ, ୟୁନାଇଟେଡ୍ ନେସନ୍ସ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମର ଅଧିକାରୀମାନେ ସାମିଲ ଥିଲେ।

ଜିଲାପାଳ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପ୍ରଶାସନର ସବୁ ବିଭାଗର ଅଧିକାରୀ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ସେମାନଙ୍କ କ୍ଷୟକ୍ଷତିର ରିପୋର୍ଟ ପ୍ରଦାନ କରିଥିଲେ। ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ବିଦ୍ୟୁତ୍ ବିଭାଗ। ଏ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣ ସମ୍ଭବ ହୋଇପାରି ନ ଥିବା ଆଲୋଚନା ହୋଇଥିଲା। ସେସୁ ପକ୍ଷରୁ ୧,୧୧୦ କୋଟି ଟଙ୍କା କ୍ଷୟକ୍ଷତି ହୋଇଥିବା ପ୍ରତିନିଧିଙ୍କୁ ଅବଗତ କରାଯାଇଥିଲା। ସେହିପରି ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ୨୮୮ଟି ପ୍ରକଳ୍ପ ନଷ୍ଟ ହୋଇଛି। ଫଳରେ ୧୨ କୋଟି ଟଙ୍କା କ୍ଷତି ହୋଇଛି ବୋଲି ଦର୍ଶାଯାଇଥିଲା। ଜନସ୍ୱାସ୍ଥ୍ୟ ବିଭାଗ ୫୧କୋଟି ୪୬ ଲକ୍ଷ, ସ୍ୱେରେଜ ବୋର୍ଡ ୩କୋଟି ୨୬ ଲକ୍ଷ, ବନ ବିଭାଗ ୩୧ କୋଟି ୫୯ ଲକ୍ଷ, ସର୍ବଶିକ୍ଷା ଅଭିଯାନ ୩୦୫କୋଟି ୩୪ ଲକ୍ଷ, ମତ୍ସ୍ୟ ବିଭାଗ ୭୫,୦୦୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ପ୍ରଭାବିତ ହୋଇଥିବା, ସ୍ୱାସ୍ଥ୍ୟ ବିଭାଗ ୩୦ କୋଟି, ଆର୍ ଆଣ୍ଡ ବି ୮୪ କୋଟି (ରାସ୍ତା ୨୬ କୋଟି ଏବଂ ବିଲ୍‌ଡିଂ ୫୮କୋଟି)ଟଙ୍କା କ୍ଷତି ହୋଇଥିବା ବିଶ୍ୱବ୍ୟାଙ୍କ ଟିମ୍‌କୁ ଜଣାଇଥିଲେ। ଏତଦ୍‌ବ୍ୟତୀତ ୫୬,୭୯୦ କଚ୍ଚା ଘର ଏବଂ ୯,୧୩୦ ପକ୍କାଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ୧,୬୧,୩୦୧ କଚ୍ଚା ଘର ଏବଂ ୧,୨୫,୧୨୧ ପକ୍କା ଘର କ୍ଷତିଗ୍ରସ୍ତ ହୋଇଥିବା ମଧ୍ୟ ସେମାନଙ୍କୁ ଜଣାଯାଇଥିଲା।

ସେହିପରି ରିଲିଫ କାର୍ଯ୍ୟରେ ଜିଲା ଏବଂ ଜିଲା ବାହାରର ୪୦୦ରୁ ଅଧିକ ଟିମ୍ କାର୍ଯ୍ୟକରିଥିବା ଜିଲାପାଳ ସୂଚନା ଦେଇଥିଲେ। ବାତ୍ୟାରେ ୫୮,୦୦୦ଚାଷୀ ଏବଂ ୧,୭୨,୦୦୦ ନଡ଼ିଆ ଚାଷୀ ପ୍ରଭାବିତ ହୋଇଛନ୍ତି। ଅଭୟାରଣ୍ୟ ଏବଂ ଜଙ୍ଗଲରେ ଥିବା ଆବର୍ଜନାକୁ ସଫା କରିବାପାଇଁ ପଦକ୍ଷେପ ନିଆଯାଉଥିବା ଏବଂ ୪୦୦ହେକ୍ଟର ଜଙ୍ଗଲ ଜମିରେ ବୃକ୍ଷରୋପଣ ପାଇଁ ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରିରୁ ଚାରା ଅଣାଯାଉଥିବା ଡିଏଫ୍‌ଓ ସୂଚନା ଦେଇଥିଲେ।

# 'ବାପ-ପୁଅ ଦଳରେ ପରିଣତ ହୋଇଛି କଂଗ୍ରେସ'

**ଭୁବନେଶ୍ୱର,୨୬ା୫(ବ୍ୟୁରୋ)**

## ନିରଞ୍ଜନଙ୍କ ଉପରେ ବର୍ଷିଲେ କାହ୍ନୁ

୨୦୧୯ ସାଧାରଣ ନିର୍ବାଚନରେ ଓଡିଶାରେ କଂଗ୍ରେସ ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ କରିବାପରେ ନେତାମାନଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ଦଳର ରାଜ୍ୟ ନେତୃତ୍ୱଙ୍କ ବିରୋଧରେ ବହୁ ବରିଷ୍ଠ ନେତା ମୁହଁ ଖୋଲିବା ଆରମ୍ଭ କରିଦେଇଛନ୍ତି। କଂଗ୍ରେସର ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ନେତା କାହ୍ନୁଚରଣ ଲେଙ୍କା ବର୍ତ୍ତମାନ ସିଧାସଳଖ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ନିରଞ୍ଜନ କଂଗ୍ରେସକୁ ବାପ-ପୁଅ ଦଳରେ ପରିଣତ କରିଛନ୍ତି ବୋଲି କାହ୍ନୁ ଲେଙ୍କା ଅଭିଯୋଗ କରିଛନ୍ତି। ଚଳିତ ନିର୍ବାଚନ ପୂର୍ବରୁ ଟଙ୍କା ନେଇ ପିସିସି ସଭାପତି ଟିକେଟ ବିକ୍ରି କରିଥିବା ଅଭିଯୋଗ କରି ବହୁ ନେତା ଅନ୍ୟ ଦଳରେ ସାମିଲ ହୋଇଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବାପରେ ଏହି ପ୍ରସଙ୍ଗକୁ ନେଇ ଦଳର ବରିଷ୍ଠ ନେତାମାନେ ଖୋଲାଖୋଲି ମୁହଁ ଖୋଲିବା ଆରମ୍ଭ କରିଛନ୍ତି। କିଛିଦିନ ତଳେ ଦଳର ଅନ୍ୟତମ ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ ଓ ଶରତ ରାଉତ ମଧ୍ୟ ପିସିସି ସଭାପତିଙ୍କ ବିରୋଧରେ ଅଭିଯୋଗ କରିଥିଲେ।

ରବିବାର କାହ୍ନୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ହେବା ପାଇଁ ନିରଞ୍ଜନ ବ୍ୟାକୁଳ ଥିଲେ। ସେଥିପାଇଁ ବହୁ ଜ୍ୟୋତିଷ ଓ ବଡବଡ ଲୋକଙ୍କ ସହ କଥା ହେଉଥିଲେ। ମାତ୍ର ସବୁଆଡୁ ନିରାଶ ହେବାପରେ ଉପମୁଖ୍ୟମନ୍ତ୍ରୀ ହେବାପାଇଁ ଚେଷ୍ଟା କରିଥିଲେ। ଏହାକୁ ସାକାର କରିବାକୁ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ବିଜେଡି ପଠାଇ ପିସିସି ସଭାପତି ଷଡ଼ଯନ୍ତ୍ର କରିଛନ୍ତି ବୋଲି କାହ୍ନୁ କହିଛନ୍ତି।

ସେ ଆହୁରି କହିଛନ୍ତି, କଂଗ୍ରେସ ବିପର୍ଯ୍ୟୟ ପାଇଁ ଦଳର ରାଜ୍ୟ ନେତୃବୃନ୍ଦ ଦାୟୀ। ଏହି ବିପର୍ଯ୍ୟୟ ପ୍ରାକୃତିକ ନୁହେଁ। କୃତ୍ରିମଭାବେ ଏହି ବିପର୍ଯ୍ୟୟ କରାଯାଇଛି। କଂଗ୍ରେସକୁ ତଳିତଳାନ୍ତ କରିବାକୁ ଏପରି ଏକ ଷଡ଼ଯନ୍ତ୍ର ରଚ୍ଛାଯାଇଛି। ନିର୍ବାଚନ ଫଳାଫଳ ପୂର୍ବରୁ ପିସିସି ସଭାପତି ପରାଜୟ ସ୍ୱୀକାର କରି ନେଉଛନ୍ତି। ଦୁଃଖର ସହ କହିବାକୁ ପଡୁଛି, ଟିକେଟ ଏଥର ବଣ୍ଟା ଗଲାନାହିଁ ବରଂ ପକେଟରୁ କାଢି ଦିଆଗଲା। ନେତୃତ୍ୱର ପରାକାଷ୍ଠା ରହିଲାନାହିଁ। ଯେତେବେଳେ ଯାହାକୁ ଚାହିଁଲେ ଟିକେଟ ବାଣ୍ଟିଲେ। ପ୍ରଥମେ କୁହାଗଲା ପରିବାରର ଜଣଙ୍କୁ ଟିକେଟ ଦିଆଯିବ। ହେଲେ ପରବର୍ତ୍ତୀ ସମୟରେ ସେହି ନିୟମକୁ ପରିବର୍ତ୍ତନ କରାଗଲା। ପିସିସି ସଭାପତି ଦୁଇଟି ସ୍ଥାନରୁ ଠିଆ ହେଲେ। ଏହାସହ ତାଙ୍କ ପୁଅଙ୍କୁ ମଧ୍ୟ ଗୋଟିଏ ଆସନରୁ ଟିକେଟ ଦେଲେ। ବାପ-ପୁଅ ସମସ୍ତେ ହାରିଗଲେ। ସେମାନେ କଂଗ୍ରେସକୁ ବାପ-ପୁଅ ଦଳରେ ପରିଣତ କରିଦେଲେ। ଅନ୍ୟ ଜଣେ ନେତା ଅଛନ୍ତି ଯିଏ ଏଥର ନିର୍ବାଚନ ଲଢିଲେନାହିଁ। କିନ୍ତୁ ନିଜର ଦୁଇ ଝିଅଙ୍କ ମଧ୍ୟରୁ ଜଣଙ୍କୁ ବିଜେଡିରୁ ଓ ଅନ୍ୟ ଜଣଙ୍କୁ କଂଗ୍ରେସରୁ ଠିଆ କରାଇଥିଲେ। ସେ ବର୍ତ୍ତମାନ କଂଗ୍ରେସ ଶୃଙ୍ଖଳା କମିଟି ଅଧ୍ୟକ୍ଷ ଅଛନ୍ତି ବୋଲି କହି ପରୋକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ କାହ୍ନୁ ଟାର୍ଗେଟ କରିଛନ୍ତି। ଚଳିତ ନିର୍ବାଚନରେ କଂଗ୍ରେସର କ'ଣ ପାଇଁ ବିପର୍ଯ୍ୟୟ ଘଟିଲା ତା'ର କାରଣ ଖୋଜିବାକୁ ୨୧ଜଣିଆ କମିଟି ଗଠନ କରାଯାଇଛି। କାରଣ ଖୋଜିବାକୁ ଯେଉଁମାନଙ୍କୁ କମିଟିରେ ରଖାଯାଇଛି ସେମାନେ ନିଜେ ଏହି ବିପର୍ଯ୍ୟୟ ପାଇଁ ଦାୟୀ । ଶୃଙ୍ଖଳା କମିଟିରେ ଦଳର ବରିଷ୍ଠ ନେତା ନରସିଂହ ମିଶ୍ର, ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ ପ୍ରମୁଖ ରହିଛନ୍ତି। ତେବେ କମିଟିରେ ରହିଥିବା ଅଧିକାଂଶ ନେତାଙ୍କ ମଧ୍ୟରୁ ବହୁଜଣ ନିରଞ୍ଜନଙ୍କୁ ପିସିସି ସଭାପତି କରିବା ପାଇଁ ଜୋର୍‌ଦାର ଉଦ୍ୟମ କରିଥିଲେ ବୋଲି କାହ୍ନୁ କହିଛନ୍ତି। ଅପରପକ୍ଷରେ କାହ୍ନୁଙ୍କ ଅଭିଯୋଗ ପରେ ବରିଷ୍ଠ ନେତା ହେମାନନ୍ଦ ବିଶ୍ୱାଳ କହିଛନ୍ତି, ଦଳରେ କୁହାଳିଆ ନେତାଙ୍କ ବାରବାଟି ଚାଷ। ଯିଏ କାମ କରେ ସିଏ କେବେ ହେଲେ କହେ ନାହିଁ। ତୃଣମୂଳସ୍ତରରେ କାମ କରିବା ଲୋକ ବହୁତ କମ୍। ଯେଉଁମାନେ ତୃଣମୂଳସ୍ତରରେ କାମ କରନ୍ତି ସେମାନେ କିଛି କୁହନ୍ତି ନାହିଁ। କଂଗ୍ରେସର ଏଭଳି ଅବସ୍ଥା ପାଇଁ ଦଳର ନେତୃବୃନ୍ଦ ମୁଖ୍ୟତଃ ଦାୟୀ। ଆମ ଦଳର ସବୁଠାରୁ ବଡ ସମସ୍ୟା ହେଉଛି, ଖାଲି ଘରେ ବସି କହିବା ଜାଣିଛନ୍ତି। ତାଙ୍କ ଦୁଇ ଝିଅ ଅଲଗା ଅଲଗା ଦଳରୁ ଲଢିବା ପ୍ରସଙ୍ଗରେ ସେ କହିଛନ୍ତି, ଏଇଟା କିଛି ନୂଆ କଥା ନୁହେଁ। ସବୁ ଦଳରେ ଏଭଳି ଉଦାହରଣ ଦେଖିବାକୁ ମିଳିବ। ଖୋଦ୍ ପିସିସି ସଭାପତିଙ୍କ କଥାକୁ ଲକ୍ଷ୍ୟ କଲେ ଏହା ପ୍ରମାଣିତ ହୋଇଯିବ। ସେ ତୃଣମୂଳସ୍ତରରେ କାମ କରିଥିବା କହିଛନ୍ତି।

ଏହି ପ୍ରସଙ୍ଗକୁ ନେଇ ନିରଞ୍ଜନ କହିଛନ୍ତି ଯେ, ଲୋକ ଅଭିଯୋଗ କରିବେ। କଂଗ୍ରେସ ବିଗତ ଦିନରେ ୧୦ଟି ଆସନରେ ଜିତିଥିଲା ପରବର୍ତ୍ତୀ ସମୟରେ ୧୨୦ ଆସନ ପାଇ ସରକାର ମଧ୍ୟ କରିବାରେ ସକ୍ଷମ ହେଲା। ବହୁ ବଡବଡ ନେତା ମଧ୍ୟ ନିର୍ବାଚନ ହାରିଯାଇଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ଇନ୍ଦିରା ଗାନ୍ଧୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଭଳି ନେତା ମଧ୍ୟ ନିର୍ବାଚନ ହାରିବାର ଦୃଷ୍ଟାନ୍ତ ରହିଛି ବୋଲି ନିରଞ୍ଜନ କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ନୂଆ ମନ୍ତ୍ରିମଣ୍ଡଳ ଆସନ୍ତା ଗୁରୁବାର ଶପଥ ନେବାକୁ ଯାଉଥିବାବେଳେ ଏଥିରେ ଏନଡିଏର ନୂଆ ସହଯୋଗୀ ଜେଡିୟୁ ଏବଂ ଏଆଇଏଡିଏମ୍‌କେକୁ ପ୍ରତିନିଧିତ୍ୱ ସୁଯୋଗ ମିଳିପାରେ ବୋଲି କୁହାଯାଉଛି। ସେହିପରି ପଶ୍ଚିମବଙ୍ଗ ଏବଂ ତେଲେଙ୍ଗାନାରେ ଭାଜପା ଭଲ ପ୍ରଦର୍ଶନ କରିଥିବାରୁ ସେଠାରୁ ଅଧିକ ଏମ୍‌ପି ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇପାରନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସୋନୁ
ପରିବାରବର୍ଗ


ସାଇନାଥ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବ୍ରହ୍ମଗିରିରେ ରାଜନୈତିକ ହିଂସା: ବୋମାମାଡ଼, ୬ ଆହତ

**ବ୍ରହ୍ମଗିରି, ୨୬।୫(ଡି.ଏନ୍.ଏ.)**


ଘଟଣାସ୍ଥଳରେ ପୋଲିସ ମୁତୟନ ହୋଇଛନ୍ତି।

ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖାଦେଇଛି। ନିର୍ବାଚନରେ ହାରଜିତକୁ କେନ୍ଦ୍ରକରି ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଭାଟପଡ଼ା ଗ୍ରାମରେ ଶୁକ୍ରବାର ଘନଘନ ବୋମାମାଡ଼ ଏବଂ ଟେକାପଥର ମାଡ ହୋଇଛି। ଏଥିରେ ଉଭୟ ପକ୍ଷରୁ ୬ ଜଣ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ପୁରୀ ସଦର ପୋଲିସ ମୁତୟନ ରହିଛି। ଆହତମାନଙ୍କୁ ଚିକିତ୍ସା ଲାଗି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ନିର୍ବାଚନ ଫଳାଫଳ ଆସିବା ପରେ କମେଣ୍ଟ ମରାକୁ ନେଇ ବିଜେଡି ଓ ଭାଜପାର ଦୁଇ ଗୋଷ୍ଠୀ ମଧ୍ୟରେ ଦୁଇ ଦିନ ହେଲାଣି ବିବାଦ ଦେଖା ଦେଇଥିଲା। ରବିବାର ଏହା ଉଗ୍ରରୂପ ଧାରଣ କରିଥିଲା। ପ୍ରଥମେ ଗୋଟିଏ ଗୋଷ୍ଠୀର ଲୋକେ ଅନ୍ୟ ଗୋଷ୍ଠୀର ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ। ଏହା ପରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଖବର ପାଇ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ସମାଧାନ ପାଇଁ ଉଦ୍ୟମ କରୁଛି।

# ମୋଦି ପ୍ରଶଂସକଙ୍କ ୨୪୦ କି.ମି.ସାଇକେଲ ଯାତ୍ରା

**ମହାପ୍ରଭୁଙ୍କ ଦର୍ଶନ କରି ପୂରଣ କଲେ ମାନସିକ**

**ପୁରୀ ଅଫିସ, ୨୬।୫**

୨୦୧୯ ସାଧାରଣ ନିର୍ବାଚନରେ ନରେନ୍ଦ୍ର ମୋଦି ବିପୁଳ ଜନ ସମର୍ଥନ ହାସଲ କରି ଦ୍ୱିତୀୟଥର ଲାଗି ଦେଶର ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଏନେଇ ଦେଶସାରା ଉତ୍ସାହର ମାହୋଲ ରହିଛି। କିଏ ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରୁଛନ୍ତି ତ କିଏ ଠାକୁରଙ୍କ ପାଖରେ ମାନସିକ ରଖୁଛି। ମୋଦି ଫ୍ୟାନ୍‌ଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଏଭଳି ଜଣେ ମୋଦି ଫ୍ୟାନ୍ ହେଉଛନ୍ତି ମୟୂରଭଞ୍ଜ ଜିଲା କପ୍ତିପଦାର ଯୁବଚାଷୀ ସତ୍ୟଜିତ ମହାନ୍ତି। ମୋଦିଙ୍କ ଉଦ୍ଦେଶ୍ୟରେ ସତ୍ୟଜିତ କପ୍ତିପଦାରୁ ୨୪୦ କି.ମି. ସାଇକେଲ ଯାତ୍ରା କରି ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ରବିବାର ସକାଳ ୯ଟାରେ ସେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ପତିତପାବନଙ୍କୁ ଦର୍ଶନ କରିଥିଲେ। ମହୋଦଧି, ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗା ଆଦି ତୀର୍ଥରେ ସ୍ନାନ ସାରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ମୋଦିଙ୍କ ଦୀର୍ଘାୟୁ କାମନା କରିଥିଲେ। ତାଙ୍କ ନେତୃତ୍ୱରେ ଦେଶର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରେ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଇ ଫେରିଛନ୍ତି।

ଏ ନେଇ ସତ୍ୟଜିତ କହିଛନ୍ତି, ୨୦୦୮ରେ ଗୁଜରାଟରେ ରହିଥିବା ସମୟରେ ମୋଦିଙ୍କ ବିକାଶମୂଳକ କାର୍ଯ୍ୟ, ବଳିଷ୍ଠ ନେତୃତ୍ୱ, ରାଷ୍ଟ୍ରୀୟତା ଭାବରେ ସେ ଅନୁପ୍ରାଣିତ ହୋଇଥିଲେ। ଭବିଷ୍ୟତରେ ସୁଯୋଗ ମିଳିଲେ ମୋଦିଙ୍କୁ ଭେଟି ଶୁଭେଚ୍ଛା ଜଣାଇବେ ବୋଲି ସେ ଆଶା ରଖିଛନ୍ତି। ମୋଦି ଦ୍ୱିତୀୟଥର ସଂଖ୍ୟାଗରିଷ୍ଠତା ହାସଲ କଲେ ନିଜ ଗ୍ରାମରୁ ସାଇକେଲ ଯାତ୍ରା କରି ମହାପ୍ରଭୁଙ୍କ ନିକଟରେ ମୋଦିଙ୍କ ମଙ୍ଗଳ କାମନା କରିବେ ବୋଲି ମାନସିକ କରିଥିଲେ ସତ୍ୟଜିତ। ୨୩ ତାରିଖ ଫଳାଫଳ ଘୋଷଣା ପରେ ସେ ଅପରାହ୍ନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବାହାରିଥିଲେ।


ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିବା ସତ୍ୟଜିତ ମହାନ୍ତି।

## ରାଫାଲ ପ୍ରସଙ୍ଗ ସିବିଆଇ ତଦନ୍ତକୁ କେନ୍ଦ୍ରର ନା

**ନୂଆଦିଲ୍ଲୀ,୨୬।୫(ପି.ଟି.)**

ସମ୍ବେଦନଶୀଳ ପ୍ରସଙ୍ଗରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ନିଷ୍ପତ୍ତି ଶୁଣାଇସାରିଥିବାରୁ ରାଫାଲ ଯୁଦ୍ଧବିମାନ ଚୁକ୍ତିନାମା ଉପରେ ଏତଲା ଦାଏର କିମ୍ବା ଏହାର ସିବିଆଇ ତଦନ୍ତ ପ୍ରଶ୍ନ ଉଠୁନାହିଁ ବୋଲି କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି। ରାଫାଲ ମାମଲାରେ ଗତବର୍ଷ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ କ୍ଲିନ୍‌ଚିଟ ଦେଇଥିଲେ। ଉକ୍ତ ରାୟର ସମୀକ୍ଷା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା, ଅରୁଣ ସୌରୀ ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ୍ ଦାଏର କରିଥିଲେ। ଯୁଦ୍ଧବିମାନ ମୂଲ୍ୟ ଉପରେ ଆବେଦନକାରୀଙ୍କ ଯୁକ୍ତି ସିଏଜି ରିପୋର୍ଟରେ ଭୁଲ୍ ସାବ୍ୟସ୍ତ ହୋଇସାରିଥିବାରୁ ଉକ୍ତ ପିଟିଶନ୍‌କୁ ଖାରଜ କରିଦେବାକୁ ସରକାର କୋର୍ଟଙ୍କୁ ଜଣାଇଛନ୍ତି। ରାଫାଲ ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା, ମୂଲ୍ୟ ଧାର୍ଯ୍ୟ କରିବା ଏବଂ ଭାରତୀୟ ଅଫସେଟ୍ ସହଯୋଗୀ ଚୟନରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ ବୋଲି ପୂର୍ବରୁ ସର୍ବୋଚ୍ଚ ଅଦାଲତ କହିଥିଲେ।

**କିଛି ତଥ୍ୟ**

ଚଳିତ ବର୍ଷ ମାର୍ଚ୍ଚ ମାସରେ ସଙ୍ଗଠିତ କ୍ଷେତ୍ରରେ ମୋଟ ୧୧.୩୮ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଏହା ଫେବୃଆରୀରେ ୧୧.୦୨ ଲକ୍ଷ ରହିଥିଲା। – ଇଏସଆଇସି

**ସପ୍ତଦଶ ଲୋକ ସଭା**

# ୪୩% ଏମ୍‌ପିଙ୍କ ଆପରାଧିକ ରେକର୍ଡ

**ନୂଆଦିଲ୍ଲୀ,୨୬।୫(ପି.ଟି.)**

ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନରେ ବିଜୟୀ ହୋଇଥିବା ପ୍ରାୟ ଅଧା ଲୋକ ସଭା ସଦସ୍ୟଙ୍କ ଆପରାଧିକ ରେକର୍ଡ ରହିଛି। ୨୦୧୪ରେ ଜିତିଥିବା ୨୬% ଏମ୍‌ପିଙ୍କ ବିରୋଧରେ ଆପରାଧିକ ମାମଲା ରହିଥିବାବେଳେ ନବନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ ୪୩% ଦାଗୀ। ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଆସୋସିଏଶନ୍ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର୍) ପକ୍ଷରୁ ରବିବାର ଏ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇଛି।

୭ ପର୍ଯ୍ୟାୟ ନିର୍ବାଚନ ପାଇଁ ଦେଶର ୫୪୨ ଆସନରେ ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀମାନେ ନିଜ ଆପରାଧିକ ପୃଷ୍ଠଭୂମି ଓ ଅନ୍ୟାନ୍ୟ ପ୍ରସଙ୍ଗରେ ସତ୍ୟପାଠ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୩୯ ବିଜୟୀ ପ୍ରାର୍ଥୀଙ୍କ ସତ୍ୟପାଠକୁ ଏଡିଆର୍ ପକ୍ଷରୁ ଅନୁଧ୍ୟାନ କରାଯାଇଥିଲା। ଏଥିରୁ ଜଣାପଡ଼ିଛି ଯେ, ବିଜୟୀଙ୍କ ମଧ୍ୟରୁ ୨୩୩ ଜଣ ଅର୍ଥାତ୍ ୪୩% ଏମ୍‌ପିଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ଭାଜପାର ୧୧୬ ଏମ୍‌ପି ଅର୍ଥାତ୍ ୩୯% ବିଜୟୀ ପ୍ରାର୍ଥୀଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। କଂଗ୍ରେସର ୨୯ ଏମ୍‌ପି (୫୭%)ଙ୍କ ବିରୋଧରେ ଆପରାଧିକ ମାମଲା ବିଚାରାଧୀନ ଅଛି। ସେହିପରି ଜେଡିୟୁର ୧୦ ଜଣ (୪୩%), ଡିଏମ୍‌କେର ୯ (୪୧%) ଏମ୍‌ପି ଦାଗୀ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।

୨୦୧୪ରେ ୧୮୫ ଲୋକ ସଭା ସଦସ୍ୟ (୩୪%)ଙ୍କ ବିରୋଧରେ ଆପରାଧିକ ମାମଲା ଓ ୧୧୨ ଜଣଙ୍କ ବିରୋଧରେ ସଙ୍ଗିନ ଆପରାଧିକ ମାମଲା ରହିଥିଲା। ୨୦୦୯ରେ ୫୪୩ ଏମ୍‌ପିଙ୍କ ମଧ୍ୟରୁ ୧୬୨ (ପ୍ରାୟ ୩୦%)ଙ୍କ ନାଁରେ ଆପରାଧିକ ମାମଲା ଓ ୧୪%ଙ୍କ ବିରୋଧରେ ଗମ୍ଭୀର ମାମଲା ରହିଥିଲା। ନୂଆ ଲୋକ ସଭାରେ ସଦସ୍ୟଙ୍କ ବିରୋଧରେ ଥିବା ମାମଲାଗୁଡ଼ିକ ମଧ୍ୟରୁ ପ୍ରାୟ ୨୯% ବଳାତ୍କାର, ହତ୍ୟା, ହତ୍ୟା ଉଦ୍ୟମ, ମହିଳାଙ୍କ ବିରୋଧରେ ଅପରାଧ ବୋଲି ଏନ୍‌ଜିଓ ଏଡିଆର୍ କହିଛି। ୨୦୦୯ ତୁଳନାରେ ୨୦୧୯ରେ ୧୦୯% ଅଧିକ ଏମ୍‌ପି ସେମାନଙ୍କ ବିରୋଧରେ ସଙ୍ଗିନ ମାମଲା ରହିଥିବା ନିଜ ସତ୍ୟପାଠରେ ଦର୍ଶାଇଛନ୍ତି। ୧୧ ବିଜୟୀ ପ୍ରାର୍ଥୀଙ୍କ ବିରୋଧରେ ହତ୍ୟା ମାମଲା ରହିଛି। ସେମାନଙ୍କ ମଧ୍ୟରେ ଭାଜପାର ୫, ବିଏସ୍‌ପି ୨ ଏବଂ ଜଣେ ଲେଖାଏ କଂଗ୍ରେସ, ୱାଇଏସ୍‌ଆର୍‌ସିପି ଓ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି। ମଧ୍ୟପ୍ରଦେଶସ୍ଥିତ ଭୋପାଳ ଆସନର ନବନିର୍ବାଚିତ ଭାଜପା ଏମ୍‌ପି ପ୍ରଜ୍ଞା ସିଂ ଠାକୁରଙ୍କ ନାଁରେ ୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲା ରହିଛି। ଭାଜପା ପ୍ରଜ୍ଞାଙ୍କୁ ପ୍ରାର୍ଥୀ କରିଥିବାରୁ ଏହାକୁ ନେଇ ଦଳକୁ କଡ଼ା ସମାଲୋଚନାର ପାତ୍ର ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ୨୯ ବିଜୟୀ ସେମାନଙ୍କ ବିରୋଧରେ ଘୃଣା ମନ୍ତବ୍ୟ ସମ୍ପର୍କିତ ମାମଲା ରହିଥିବା ଘୋଷଣା କରିଛନ୍ତି। କେରଳର ଇଡୁକ୍କି ଆସନରୁ ବିଜୟୀ ହୋଇଥିବା କଂଗ୍ରେସର ଡିନ୍ କୁରିଏକୋସ୍‌ଙ୍କ ବିରୋଧରେ ହତ୍ୟା, ଚୋରି ଓ ଲୁଟ୍ ଭଳି ୨୦୪ ଆପରାଧିକ ମାମଲା ରହିଛି ବୋଲି ଏଡିଆର ରିପୋର୍ଟରେ ଉଲ୍ଲେଖ କରାଯାଇଛି।

**ଏଡିଆର୍ ରିପୋର୍ଟ**
- ଷୋଡ଼ଶ ଲୋକ ସଭାରେ ୨୬% ଦାଗୀ ସଦସ୍ୟ ଥିଲେ
- ନବନିର୍ବାଚିତ ଏମ୍‌ପିଙ୍କ ମଧ୍ୟରୁ ଭାଜପାର ୧୧୬, କଂଗ୍ରେସର ୨୯ ଜଣଙ୍କ ବିରୋଧରେ ରହିଛି ଆପରାଧିକ ମାମଲା

## ଥମୁନି ଗ୍ରୀଷ୍ମ...

କେନ୍ଦ୍ର ପକ୍ଷରୁ 'ହିଟ୍‌ୱେଭ୍ ଆଲର୍ଟ' ଜାରି କରାଯାଇଛି। ପୁରୀ, କଟକ, କେନ୍ଦୁଝର, ଗଞ୍ଜାମ, ଗଜପତି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମାଲକାନଗିରି, କୋରାପୁଟ ଓ ମୟୂରଭଞ୍ଜର କେତେକ ସ୍ଥାନରେ ଘଡ଼ଘଡ଼ି ସହ ସ୍ୱଳ୍ପ ବର୍ଷା ହେବା ସମ୍ଭାବନା ରହିଛି। ଅନ୍ୟ ସବୁ ସ୍ଥାନରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଛୋଟ ପିଲା, ବୟସ୍କ ଏବଂ ରୋଗୀମାନଙ୍କୁ ଖରାରେ ବାହାରକୁ ନ ଯିବାକୁ କୁହାଯାଇଥିବା ବେଳେ ଅତି ଜରୁରୀ କାମ ନ ଥିଲେ ଘରୁ ନ ବାହାରିବାକୁ ସତର୍କ କରାଯାଇଛି।

## ଅର୍ଥ, କ୍ଷମତା...

ସମୀକ୍ଷକମାନେ କହିଛନ୍ତି। ବିଜେଡିର ଚତୁର୍ଥ ପାଳିରେ ମନ୍ତ୍ରୀଥିବା ଏକାଧିକ ବ୍ୟକ୍ତି ବିଭିନ୍ନ ପ୍ରସଙ୍ଗରେ ବିବାଦୀୟ ହୋଇସାରିଛନ୍ତି। ତେଣୁ ସେମାନଙ୍କୁ ନେତୃତ୍ୱ ପୁନର୍ବାର ସୁଯୋଗ ଦେବା ଉଚିତ ନୁହେଁ ବୋଲି କେତେକ ଆଶାୟୀ କହି ବୁଲିଲେଣି। ଅପରପକ୍ଷରେ ପୂର୍ବ ନିର୍ବାଚନ ଅପେକ୍ଷା ଭାଜପା ରାଜ୍ୟରେ ନିଜର ଶକ୍ତି ବୃଦ୍ଧି କରିଛି। କେନ୍ଦ୍ରରେ ପୂର୍ଣ୍ଣ ବହୁମତର ସରକାର ଥିବାରୁ ବିଜେଡି ପାଇଁ ଚ୍ୟାଲେଞ୍ଜ ମଧ୍ୟ ରହିଛି। ସେହି ସମୟରେ ବିରୋଧୀଙ୍କ ମୁକାବିଲା ପାଇଁ ବିଜେଡି ଆବଶ୍ୟକ କରୁଥିବା ସାଧନର ମାଲିକାନା ଥିବାରୁ ମନ୍ତ୍ରୀପଦକୁ ଛଡ଼ାଇ ନେବା କେତେକ ନେତା ଯୋଜନା କରିଚାଲିଛନ୍ତି।

ଅପରପକ୍ଷରେ ସେହି ନେତାଙ୍କୁ ବାଟ କଢ଼େଇଥିବା ଯୁବ ବିଧାୟକଗଣ ମୁହଁ ଖୋଲି କହି ପାରୁ ନାହାନ୍ତି କି ହାତରୁ କ୍ଷମତା ଚାଲିଯିବାର ସମ୍ଭାବନା ଥିବାରୁ ସହି ପାରୁ ନାହାନ୍ତି। ଏହି ଯୁବଗୋଷ୍ଠୀ ଆର୍ଥିକ ଭାବେ ସ୍ୱଚ୍ଛଳ ହେଲେ ବି ଧନ କୁବେର ନେତାମାନଙ୍କ ସମକକ୍ଷ ନୁହନ୍ତି। ୨୯ ଶପଥ ଗ୍ରହଣ ଉତ୍ସବକୁ ମାତ୍ର ୪୮ ଘଣ୍ଟା ବାକି ରହିଛି, ତେଣୁ ଆର୍ଥିକଭାବେ ସ୍ୱଚ୍ଛଳ ଥିବା ନେତାମାନେ ମନ୍ତ୍ରୀପଦ ହାତେଇ ପାରୁଛନ୍ତି ନା ନାହିଁ, ତାହା ଉପରେ ସମୀକ୍ଷକମାନଙ୍କ ନଜର ରହିଛି।

## ସରକାର ଗଠନ...

ପୂର୍ବ ବିଧାନସଭାର ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ ଆରୁଖ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ଆହୁରି ତ୍ୱରାନ୍ୱିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ ରାଜ୍ୟକୁ ପ୍ରଗତି ଆଣିଦେବ। ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ସହ ମହିଳା ସଶକ୍ତୀକରଣ ସରକାରଙ୍କ ପ୍ରାଥମିକତା ହେବ। ସେହିପରି

**ପ୍ରଥମ ପୃଷ୍ଠାରୁ...**

ନବ ନିର୍ବାଚିତ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଭଳି ଅନେକ ମହିଳାଙ୍କୁ ନେତୃତ୍ୱ ନେବାର ସୁଯୋଗ ପ୍ରଦାନ କରିଥିବାରୁ ଧନ୍ୟବାଦ। ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସଭାଜନ ହୋଇଥିବାରୁ ଆଗାମୀ ଦିନରେ ବିଜେଡି ସରକାର ଲୋକଙ୍କ ପ୍ରଗତି ପାଇଁ ନିଶ୍ଚୟ କାମ କରିବ ବୋଲି ଲତିକା କହିଛନ୍ତି। ଦଳ ପକ୍ଷରୁ ନବନିର୍ବାଚିତ ବିଧାୟିକା/ବିଧାୟକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ସେହିଭଳି ଅନ୍ୟ ଏକ ଭିନ୍ନ କାର୍ଯ୍ୟକ୍ରମରେ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ରାଜ୍ୟରେ ନବନିର୍ବାଚିତ ଜନପ୍ରତିନିଧିମାନଙ୍କ ତାଲିକା ରାଜ୍ୟପାଳ ଗଣେଶୀଲାଲଙ୍କୁ ପ୍ରଦାନ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଶତଭିଷା ନକ୍ଷତ୍ରସ୍ଥ ଚନ୍ଦ୍ର ଯୋଗୁ ଆପଣ ସମାଜକଲ୍ୟାଣ କାର୍ଯ୍ୟ, ଆନୁଷ୍ଠାନିକକ୍ଷେତ୍ର, ସଭାସମିତିରେ ସାମିଲ ହେଲେ ସମ୍ମାନିତ ହେବେ। ସ୍ୱେଚ୍ଛାକୃତ ଭାବରେ ଏକ ମହତ୍ୱପୂର୍ଣ୍ଣ କାମରେ ଅର୍ଥ ବ୍ୟୟ କରିପାରନ୍ତି। ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିବା ଫଳରେ ମାନସିକ ଅସ୍ଥିରତା ଭିତରେ ରହିବେ।

**ବୃଷ**
ଆଜି ରୋହିଣୀ ନକ୍ଷତ୍ରସ୍ଥ ରବି ହେତୁ ହସଖୁସିର ବାତାବରଣ ମଧ୍ୟରେ ମାଙ୍ଗଳିକ କାମ ଓ ବନ୍ଧୁମିଳନ ହେତୁକ ଆନନ୍ଦ ଅନୁଭବ କରିବେ। ମତାନ୍ତର ଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରିବହନ, ପ୍ରଶାସନ ଓ ପ୍ରକାଶନ,ଯୋଗାଯୋଗ କାମ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ।

**ମିଥୁନ**
ରାହୁ ନକ୍ଷତ୍ରସ୍ଥ ମଙ୍ଗଳଜନିତ ରୋଗ, ଋଣ ଓ ଶତ୍ରୁତା ତଥା ସାଧାରଣ ଯୁକ୍ତି ତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟ, ପ୍ରଶାସନ, କଳା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ଆସରରେ ନିଜକୁ ହଜାଇ ଦେଇ ପାରନ୍ତି। ରାଜନୈତିକ ତତ୍ପରତା ପରିବେଶକୁ ସରଗରମ କରିପାରେ। ଆର୍ଥିକ ଅନଟନ ମଧ୍ୟରେ ଚଳିବାକୁ ବାଧ୍ୟ ହେବେ।

**କର୍କଟ**
ରବି ଓ ବୁଧ ଏକାଦଶସ୍ଥ ହେତୁ ଆଜି ଆପଣଙ୍କ ଉଦାର ଭାବନାଯୁକ୍ତ ସୁଚିନ୍ତିତ କାର୍ଯ୍ୟାବଳୀ ପ୍ରତ୍ୟେକଙ୍କର ଦୃଷ୍ଟି ଆକର୍ଷଣ କରିବ। ପରିବାର ଭିତରେ ଆତ୍ମୀୟସ୍ୱଜନଙ୍କ ସୌହାର୍ଦ୍ଦ୍ୟତା ମଧ୍ୟରେ ଶୁଭକାର୍ଯ୍ୟ ସମ୍ପନ୍ନ କରିବେ। କର୍ମକ୍ଷେତ୍ରରେ ବନ୍ଧୁ ସୁବିଧାବାଦୀ ଗୁଣରେ ଶୋଷଣ କରିବାର ଅପଚେଷ୍ଟା କରିପାରନ୍ତି।

**ସିଂହ**
ଜ୍ୟେଷ୍ଠା ନକ୍ଷତ୍ରସ୍ଥ ବୃହସ୍ପତି ପାରିବାରିକ ଅଶାନ୍ତି ହେତୁ ମାନସିକ ସ୍ଥିତିକୁ ଅସନ୍ତୁଳିତ କରି ରଖିବ। ଫଳରେ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ପଡୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ଅଫିସରେ କିମ୍ବା କାମରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।

**କନ୍ୟା**
ଶନି ପୂର୍ବାଷାଢ଼ା ନକ୍ଷତ୍ରରେ ରହିଥିବାରୁ ଅସ୍ଥିରତା ମଧ୍ୟରେ ଦିନଚର୍ଯ୍ୟା କରିବାକୁ ବାଧ୍ୟ ହେବେ। ବ୍ୟୟବୃଦ୍ଧି, ସନ୍ତାନମାନଙ୍କ ସମସ୍ୟା, ଶତ୍ରୁତା, ବିରୋଧର ସାମ୍ନା କରିବା ଦିଗରେ ଚିନ୍ତିତ ରହିବେ। ଅବଶ୍ୟ ଧୈର୍ଯ୍ୟ ଧରି ସବୁ କାମ ସହଜ ଓ ସୁବିଧାରେ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

**ତୁଳା**
ଭାଗ୍ୟସ୍ଥାନରେ ରାହୁ ଓ ମଙ୍ଗଳ ଲକ୍ଷ୍ମୀଯୋଗ ସୃଷ୍ଟିକରି ପୁନର୍ବସୁ ଓ ଆରଦ୍ରା ନକ୍ଷତ୍ରସ୍ଥ ଯୋଗୁ ଯାହା ଦୀର୍ଘଦିନ ହେଲା ଖୋଜି ଖୋଜି ପାଉ ନ ଥିଲେ ଆଜି ତାହା ଆକସ୍ମିକ ଭାବରେ ପାଇ ଖୁସି ହେବେ। ଶତ୍ରୁତା କରୁଥିବା ଲୋକଠାରୁ ମଧ୍ୟ କାମ ହାସଲ କରିନେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ।

**ବିଛା**
ଦ୍ୱିତୀୟ ଭାବରେ କେତୁ ଆପଣଙ୍କ କଥା ଓ ବ୍ୟବହାରରେ ବ୍ୟତିକ୍ରମ ସୃଷ୍ଟିପୂର୍ବକ ସମସ୍ୟା ସୃଷ୍ଟି କରିପାରେ। ଅବଶ୍ୟ ଆଜିର ପ୍ରତ୍ୟୁଷ ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲ କରିବାରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ପରିବହନ, ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ।

**ଧନୁ**
ରାଶିରେ ପାପଗ୍ରହଜନିତ ଅଧିକାଂଶ ମସୟ ମାନସିକ ସ୍ଥିତି ଠିକ୍ ରହିବନାହିଁ। ନିକଟ ସମ୍ପର୍କୀୟଙ୍କ ତରଫରୁ କୌଣସି ସମସ୍ୟା କିମ୍ବା ବିରୋଧ ଆପଣଙ୍କ କାମରେ ପ୍ରତିବନ୍ଧକ ସୃଷ୍ଟି କରିବ। ଏହା ସାଙ୍ଗକୁ ନୂତନ ସ୍ଥାନ ପରିଦର୍ଶନ,ବନ୍ଧୁମାନଙ୍କ ସହ ଭ୍ରମଣ, କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବେ।

**ମକର**
ମୁଖଭାବରେ ଚନ୍ଦ୍ର ଓ କେନ୍ଦ୍ରରେ ଶୁକ୍ର ହେତୁ ମନ ଭଲ ନ ଥିଲେ ମଧ୍ୟ ଅନ୍ୟାନ୍ୟ ଦିଗରୁ ବିଶେଷକିଛି ଅସୁବିଧା ହେବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଚେଷ୍ଟା ସଫଳ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୋଷ ପ୍ରକାଶ କରିପାରନ୍ତି।

**କୁମ୍ଭ**
ଷଷ୍ଠାଧିପ ରାଶିରେ ରହିବା କାରଣରୁ କୌଣସି ସମ୍ପର୍କୀୟା ମହିଳା ମାନସିକ ଅଶାନ୍ତିର କାରଣ ହେବେ। ବନ୍ଧୁମାନଙ୍କ ସହାୟତାରେ ସଭାସମିତିରେ କିମ୍ବା ଆନୁଷ୍ଠାନିକ କାମରେ ଅର୍ଥ, ସମ୍ମାନ ଓ ପ୍ରଶଂସା ପାଇ ଖୁସି ହେବେ। ମାତ୍ର କେତେକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ମୀନ**
ରାଶିର ଉଭୟ ସ୍ଥାନରେ ଗ୍ରହଙ୍କ ସ୍ଥିତି କାରଣରୁ କାର୍ଯ୍ୟସିଦ୍ଧି, ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ ସାଙ୍ଗକୁ ଅର୍ଥ, ସମ୍ମାନ ଓ ସମ୍ବର୍ଦ୍ଧନା ପାଇ ଖୁସି ରହିବେ। ନିଜର କିଛି ଅସୁବିଧା ନ ଥିଲେ କ'ଣ ହେଲା, ଅନ୍ୟମାନଙ୍କ ଅସୁବିଧାକୁ ନେଇ ମନ ଉଦ୍‌ବେଗ ରହିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଯୋଜନା କରି ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

ଆଜି ଉତ୍କଳେ ଭଉଁରୀ, ଶ୍ରୀକ୍ଷେତ୍ରେ ହଳଦୀପାଣି, ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ଯୁକ୍ତ ନବମୀ ସୋମବାର, ମେ ୨୭ ତାରିଖ, ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ତିରୋଧାନ ଦିବସ, ଠାକୁର ଶ୍ରୀଶ୍ରୀ ଅନୁକୂଳଚନ୍ଦ୍ରଙ୍କର ୪୫ତମ ସ୍ନାନୋତ୍ସବ, ରାଶିନକ୍ଷତ୍ର- ଶତଭିଷା/କୁମ୍ଭ, ମିଥୁନ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ, ଘ୬।୩୧ମି. ମଧ୍ୟେ ଅମୃତ ବେଳା। ସକାଳ ଘ୮।୨୭ମି. ଗତେ ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ରବେଳା।

**classifieds Everyday**
**0674-2580101, 2549302**

**real estate**

**SALE**

Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332. D-66366

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାକୁଲେଇ ପୀଠଠାରେ 1200କୁ 3,00,000/- (outright) 9348817649, 8144706560. D-66377

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ସାମ୍ନାରେ ସ୍ଥିତିବାନ possession plot ୨୮୦ ଟଙ୍କାରେ କିଣି ଘର କରନ୍ତୁ: 6370924129. D-66382

**Ready to move 2BHK, 4BHK flat's at PENGUIN TOWER (Jaydev Vihar) @ 5500/- per sqft. Call: 9040007267 9040046767.** D-12665

Bhubaneswar near Pitapali. BDA Commercial Zone NH-5 50 mtr Distance 8599884236. D-12666

Revenue road gharabari plot for sale Hanspal Bhingarpur. 9937816565, 9937568585. D-12637

Plot at Bhubaneswar: Mahura (near CV Raman College) 750/, Raghunathpur (near Nandankanan PS) 1850/-, Madanpur (near Gita College) 1150/-, Arisol (near Infocity-II) 650/-. Contact: 9438355182, 9437290109. D-66472

BDA Yellow Zone ଥାଇ plot duplex ଭୁବନେଶ୍ୱର ଯାଆଁଳାରେ ମିଳୁଛି: 9853011628. D-12667

ଭୁବନେଶ୍ୱର ପିତାପଲ୍ଲି NH-5 ଠାରୁ 20' ଦୂରତାରେ BDA ପ୍ଲଟ ମିଳୁଅଛି। 8339920771. D-66381

Now Matrimonial ads. only on Wednesday & Sunday Book 1 Get 1 FREE

**business**

ଭୁବନେଶ୍ୱରରେ product ବ୍ୟବସାୟ କରି ୫୦୦୦/- ରୁ ୧୫୦୦୦/- ମାସିକ ରୋଜଗାର କରନ୍ତୁ। ଶିକ୍ଷାଗତ ଯୋଗ୍ୟତା ୨ୟ ଶ୍ରେଣୀ। 7327055871. D-12657

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Newly opening ayurvedic body massage smart therapist, Shree herbal. 7750020754. D-66542

Experience full body massage with us (expert). Call: 7377048581, 0674- 2597822. D-66535

Herbal full body massage by smart/expert therapist. Contact: 8338067247. D-66541

Full body massage with refreshment, expert therapist. 7381239385, 0674-2540855. D-66534

**to-let**

3BHK Niladri Vihar Jalabayu tower semi furnished for rent. 9078800134. D-59857



ଗାଜିଆବାଦ ଛାତ୍ର ସାଗର କସନା ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ୍ ଏଭରେଷ୍ଟର ଶୀର୍ଷରେ ପହଞ୍ଚି ଭାରତ ପାଇଁ ଗୌରବ ଅର୍ଜିଛନ୍ତି। ସେ ମେ ୨୨ ପୂର୍ବାହ୍ନ ୧୦ଟା ୧୫ରେ ଗିରିଶୃଙ୍ଗର ଶିଖରଦେଶରେ ପହଞ୍ଚିଥିବା ତାଙ୍କ ପିତା ଅଜବ ସିଂ କସନା ସୂଚନା ଦେଇଛନ୍ତି। ସାଗର ପୂର୍ବରୁ ଲେହ, ଲଦାଖ, ହିମାଚଳ ପ୍ରଦେଶ, ଅରୁଣାଚଳ ପ୍ରଦେଶ, ୟୁରୋପ (ମାଉଣ୍ଟ ଆଲବର୍ଟସ) ଏବଂ ରୁଷିଆର ବିଭିନ୍ନ ପର୍ବତ ଶୃଙ୍ଗ ଆରୋହଣ କରିଥିଲେ। ସେ ମଧ୍ୟ ଆଫ୍ରିକାର ମାଉଣ୍ଟ କିଲିମାନ୍‌ଜାରୋ ଆରୋହଣ କରିଛନ୍ତି।




## ସଂକ୍ଷେପରେ

### ମାଓବାଦୀଙ୍କ ବର୍ବରତା
### ପୋଲିସ ଇନ୍‌ଫର୍ମର ସନ୍ଦେହରେ କଂଗ୍ରେସ କର୍ମୀଙ୍କୁ ହତ୍ୟା

**ମାଲକାନଗିରି, ୨୬।୫ (ସ୍ୱ.ପ୍ର./ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ଲାଲବାହିନୀ ଶନିବାର ରାତିରେ ଅଘଟଣ ଘଟାଇଛନ୍ତି। ଭେରମଗଡ଼ ଥାନା ଅନ୍ତର୍ଗତ କେସତାପରା ଗ୍ରାମରେ ଜଣେ କଂଗ୍ରେସ କର୍ମୀଙ୍କୁ ହତ୍ୟା କରିଛନ୍ତି। ତାଙ୍କ ନାମ ସହଦେବ। ଖବରରୁ ଜଣାପଡିଛି ଶନିବାର ରାତିରେ ୨୦ରୁ ଊର୍ଦ୍ଧ୍ୱ ମାଓବାଦୀ ଆସି ଗ୍ରାମର ଜଣେ କଂଗ୍ରେସ କର୍ମୀ ସହଦେବଙ୍କ ଘରକୁ ଯାଇ ତାଙ୍କୁ ଜବରଦସ୍ତ ଘରୁ ଟାଣି ଆଣି ସମସ୍ତଙ୍କ ସମ୍ମୁଖରେ ଗଳାକାଟି ହତ୍ୟା କରିଥିଲେ। ଯିଏ ପୋଲିସ ପାଇଁ କାମ କରିବ ତାଙ୍କୁ ଏପରି ସଜା ଭୋଗିବାକୁ ପଡିବ ବୋଲି ମାଓବାଦୀମାନେ ଗ୍ରାମବାସୀଙ୍କୁ ଚେତାବନୀ ଦେଇ ଚାଲିଯାଇଥିଲେ। ଏ ସମ୍ପର୍କରେ ଖବର ପାଇ ରବିବାର ସକାଳୁ ପୋଲିସ ଉକ୍ତ ଗ୍ରାମକୁ ଯାଇ ତଦନ୍ତ ଚଳାଇଛି ବୋଲି ବିଜାପୁର ଏସ୍‌ପି ଗୋବର୍ଦ୍ଧନ ଠାକୁର ପ୍ରକାଶ କରିଛନ୍ତି।

### ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା: ୨ ମୃତ, ୩ ଗୁରୁତର

**ରଘୁନାଥପୁର, ୨୬।୫ (ଡି.ଏନ.ଏ.):** ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଓଡପଡା ଛକରେ ରବିବାର ଅପରାହ୍ନରେ ବାଇକ୍ ସହ ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, କେନ୍ଦ୍ରାପଡା ପଞ୍ଚୁପାଣ୍ଡବ ନିକଟସ୍ଥ କୁସୁନପୁର ଗାଁର ପବିତ୍ର କୁମାର ମଲ୍ଲିକ(୫୦), ଧ୍ରୁବଚରଣ ଘଡେଇ(୬୦) ଓ ନାରାୟଣ ସାମଲ ଏକ ହୋଣ୍ଡା ସାଇନ୍ ବାଇକ୍‌ରେ ବିରିଡି ବ୍ଲକ ଅନ୍ତର୍ଗତ ଶିବପୁର ଗାଁକୁ ଏକ ବିବାହ ନିର୍ବନ୍ଧ କାର୍ଯ୍ୟରେ ଆସିଥିଲେ। ଅପରାହ୍ନରେ ଘରକୁ ଫେରିବା ସମୟରେ ପୁରଣ ଓଡପଡା ଛକରେ ବିପରୀତ ପଟୁ ଏକ ସ୍କୁଟି ଦ୍ରୁତଗତିରେ ଆସି ବାଇକ୍‌କୁ ଧକ୍କା ଦେଇଥିଲା। ସ୍କୁଟିରେ ଥିବା ଜଗତପୁର ନାନକାର ଅଞ୍ଚଳର ପୁରୁଷୋତ୍ତମ ନାୟକ(୪୫), ହେମନ୍ତ କୁମାର ନାୟକ(୪୦) ଦୁର୍ଘଟଣାରେ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକେ ବାଇକ୍ ଆରୋହୀ ପବିତ୍ର ଓ ଧ୍ରୁବଚରଣଙ୍କୁ ପ୍ରଥମେ ଏକ ଆମ୍ବୁଲାନ୍ସରେ ସ୍ଥାନୀୟ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ଆଇଆଇସି ବବିତା ଦଳାଇ ଘଟଣାସ୍ଥଳରେ ପହଞ୍ଚି ସ୍କୁଟି ଓ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛନ୍ତି।

### ପୋଲିସ-ମାଓବାଦୀ ଗୁଳି ବିନିମୟ
### ଜଣେ ହାର୍ଡକୋର ମାଓବାଦୀ ମୃତ

**ମାଲକାନଗିରି, ୨୬।୫(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତରେ ରବିବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ଏଥିରେ ଜଣେ ହାର୍ଡକୋର ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଛତିଶଗଡର ଦାନ୍ତେୱାଡା ଜିଲା ହିରୋଲି ଜଙ୍ଗଲରେ ମାଓବାଦୀଙ୍କ ଏକ ବଡ ଧରଣର ମେଳି ଚାଲିଥିବା ଏବଂ ସେମାନେ ହିଂସା ଘଟାଇବା ନେଇ ଯୋଜନା କରୁଥିବା ଖବର ପାଇ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇଥିଲା। ଏହି ସମୟରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୋଲିସ ଗୁଳିରେ ଜଣେ ହାର୍ଡ କୋର ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଘଟଣା ସ୍ଥଳରୁ ପୋଲିସ ବନ୍ଧୁକ, ଗୁଳି ଓ ମାଓବାଦୀ ବ୍ୟବହୃତ ଅନେକ ସାମଗ୍ରୀ ଜବତ କରିଛି। ଘଟଣା ପରେ ସେଠାରେ ଥିବା ଅନ୍ୟ ମାଓବାଦୀମାନେ ଖସି ପଳାଇବାରେ ସମର୍ଥ ହୋଇଛନ୍ତି।

## ରୋକି ହେଉନି ବେଆଇନ ବାଲି ଉତ୍ତୋଳନ
# ଯୋଜନା ହେଉଛି, କାର୍ଯ୍ୟକାରୀ ହେଉନି

**ଯାଜପୁର ଅଫିସ, ୨୬।୫**

- ନିରର୍ଥକ ହୋଇଛି ବିଭାଗୀୟ ନିର୍ଦ୍ଦେଶ
- ନଦୀର ପ୍ରାକୃତିକ ସନ୍ତୁଳନ ପ୍ରକ୍ରିୟା ବ୍ୟାହତ

ବିଭିନ୍ନ ଉନ୍ନୟନ କାର୍ଯ୍ୟ ଓ ଗୃହ ନିର୍ମାଣରେ ଲଘୁ ଖଣିଜ ଦ୍ରବ୍ୟ ବାଲି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏଣୁ ବଜାରରେ ବାଲିର ଚାହିଦା ଆକାଶଛୁଆଁ ହେବା ସହିତ ବେଆଇନ ବାଲି ଉଠାଣ ଓ ଚୋରା କାରବାର ବୃଦ୍ଧି ପାଇଛି। ଫଳରେ ବାଲି ଉତ୍ସଗୁଡିକ କ୍ଷତିଗ୍ରସ୍ତ ହେବାକୁ ବସିଛି। ବାଲି ଖାଦାନ ଏବଂ ବେଆଇନ ବାଲି ଉଠାଣ କେବଳ ରାଜ୍ୟର ରାଜସ୍ୱ କ୍ଷତି କରୁନାହିଁ ବରଂ ନଦୀର ପ୍ରାକୃତିକ ସନ୍ତୁଳନ ପ୍ରକ୍ରିୟାରେ ବ୍ୟାଘାତ ସୃଷ୍ଟି କରୁଛି। ଏହା ସହିତ ନଦୀକୂଳିଆଙ୍କ ଜୀବନଚର୍ଯ୍ୟା ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପଡୁଛି। ଏହାକୁ ପ୍ରତିହତ କରିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକାଧିକ ନିର୍ଦ୍ଦେଶ ଓ ଗାଇଡଲାଇନ ଜାରି କରାଯାଉଥିଲେ ମଧ୍ୟ ବେଆଇନ ବାଲି କାରବାର ବନ୍ଦ ହେଉନାହିଁ। ରାଜସ୍ୱ ବିଭାଗ ପକ୍ଷରୁ ୨୦୧୮-୧୯ ଆର୍ଥିକ ବର୍ଷରେ ଲଘୁଖଣିଜ ଦ୍ରବ୍ୟର ଚୋରାଚାଲାଣ ଓ ଦଖଲଚ୍ୟୁତି ପ୍ରତିରୋଧ (ପିଟିଏମ୍ଏମ୍ଇଏ) ନାମରେ ଏକ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ରିଜୋଲ୍ୟୁଶନ ନମ୍ବର ୨୩୨୨୫/ଆର ଆଣ୍ଡଡିଏମ/୨୮।୬।୨୦୧୮ରେ ଲାଗୁ ହୋଇଥିବା ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ବିଭାଗୀୟ ସେକ୍ସନ ଅର୍ଡର ନମ୍ବର ୨୫୫୪୮/୧୧।୭।୨୦୧୮ରେ ୫କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ହେଲେ ନଦୀନାଳ ଭରା ଯାଜପୁର ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ ହୋଇ ନ ଥିବାରୁ ବେଆଇନ ବାଲି ଉତ୍ତୋଳନ ଅଣାୟତ୍ତ ହୋଇଛି।

ପିଟିଏମ୍ଏମ୍ଇଏ ଯୋଜନା ଅନୁଯାୟୀ ୪ଟି ପଦକ୍ଷେପ ଗ୍ରହଣ କରାଯାଇଛି। ବାଲି ଉତ୍ସ ଚିହ୍ନଟ କରିବାକୁ ଜଳ ସମ୍ପଦ ବିଭାଗର ସହନିର୍ବାହୀ ଯନ୍ତ୍ରୀ କିମ୍ବା ନିର୍ବାହୀ ଯନ୍ତ୍ରୀ ଓ ସମ୍ପୃକ୍ତ ତହସିଲଦାର ଯୁଗ୍ମ ଭାବେ ପଦକ୍ଷେପ ଗ୍ରହଣ କରିବେ। ବିଭାଗୀୟ ନିର୍ଦ୍ଦେଶନାମା ୧୫୬୪୦/୧୫।୫।୨୦୧୭ ଅନୁଯାୟୀ ଉପଯୁକ୍ତ ଭାବେ ବାଲି ଉତ୍ସର ସୀମାଙ୍କନ କରି ପିଲାର ପୋତିବେ। ଏହାବାଦ ମାଇନିଂ ପ୍ଲାନ ଏବଂ ପରିବେଶ ଅନୁମତି, ମାଇନିଂ ଅପରେଶନ ଏବଂ ବେଆଇନ ବାଲି ଖାଦାନ କାରବାର ଉପରେ ଅଙ୍କୁଶ ଲଗାଇବେ। ଯଦି କେହି ଲିଜଧାରୀ ଆଇନକୁ ଉଲ୍ଲଂଘନ କରୁଛନ୍ତି ତେବେ ତାଙ୍କ ବିରୋଧରେ (ଏମ୍ଏମ୍‌ଡିଆର) ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେଶନ) ଆକ୍ଟ-୧୯୫୭ ଅନୁସାରେ ଦଣ୍ଡିତ କରାଯାଇ ପାରିବ। ବାଲି ଖାଦାନ ଯୋଗୁ ଯଦି କୌଣସି ନଦୀବନ୍ଧ କ୍ଷତି ହେଉଥିବା ଜଣାପଡିବ ତେବେ ସମ୍ପୃକ୍ତ ଲିଜକୁ ରଦ୍ଦ କରାଯିବ। ବେଆଇନ ବାଲି ଖାଦାନରେ ବ୍ୟବହୃତ ହେଉଥିବା ବିଭିନ୍ନ ଯନ୍ତ୍ରପାତି, ଯାନବାହନ ଆଦିକୁ ରାଜସ୍ୱ ଓ ପୋଲିସ ପ୍ରଶାସନ ଜବତ କରି ସମ୍ପୃକ୍ତ ଲୋକଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇ ପାରିବ। ଏହି ଯୋଜନାରେ ଏଭଳି ଅନେକ ଆଇନ ରହିଥିଲେ ହେଁ ଯାଜପୁର ଜିଲାରେ ତାହା ନିରର୍ଥକ ହୋଇଛି। ବୈତରଣୀ ନଦୀର ଯାଜପୁର ଜିଲା ସାଆଁଳ ବାଲିଘାଟରୁ ବେଆଇନ ବାଲି ଉଠାଣ ଲିଜ ବାତିଲ କରିବାକୁ ଗ୍ରୀନ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଜାରି କରିଥିଲା। ଏହାସହ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ମାମଲାର ସବିଶେଷ ତଦନ୍ତ କରିବାକୁ ଟ୍ରିବ୍ୟୁନାଲ ପରାମର୍ଶ ଦେଇଥିଲା। ତଥାପି ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଏବେ ବି ସାଆଁଳ ବାଲିଘାଟରୁ ବେଆଇନ ଭାବେ ବିଭିନ୍ନ ଯନ୍ତ୍ର ସାହାଯ୍ୟରେ ବାଲି ଉତ୍ତୋଳନ ହେଉଛି। ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା, ବୁଢା ଆଦି ନଦୀପଠାରୁ ବାଲି ଚୋରାଚାଲାଣ ଅଣାୟତ୍ତ ହେବାରେ ଲାଗିଛି। ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ତହସିଲର ମଣିନାଥପୁର ଓ ମୁଡାପଦା ବାଲିଘାଟରୁ ଜିଲା ସଦର ଯାଜପୁର ଟାଉନ ଦେଇ ମଧ୍ୟ ଅନାୟାସରେ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହେଉଛି। ବୈତରଣୀ ନଦୀ ସାଆଁଳ ସମେତ ପାଟପୁର, ମୋଟରଙ୍ଗାପାଳ, ସୁନ୍ଦରାଇମୋହ, ରୁଢିଆ, ଅଡଙ୍ଗ ସମେତ ବ୍ରାହ୍ମଣୀ ନଦୀର ପଙ୍କପାଳ, ଖପୁରିଆପଦା, ମାର୍ଥାପୁର, ଜାବରା, ସୁଳିଆ, ଭାଲୁଖାଇ, ବାରବାଟି, ଦୁର୍ଗାପୁର, ଦନେଇପୁର, ଜାବରା, କରଜଙ୍ଗା ଓ ବଡଚଅପୋଇ ପ୍ରଭୃତି ସ୍ଥାନରୁ ବେଆଇନ ବାଲି ଚାଲାଣ ଚାଲିଛି। ତେବେ ଆର୍ ଆଣ୍ଡ୍ ଡିଏମ୍ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ନିକୁଞ୍ଜ ବି. ଧଳ ଏହା ଉପରେ ଗୁରୁତ୍ୱ ଦେବା ସହିତ ପିଟିଏମ୍ଏମ୍ଇଏ ଯୋଜନା କାର୍ଯ୍ୟକାରୀ ହେଲେ ବେଆଇନ ବାଲି ଉତ୍ତୋଳନ ନିୟନ୍ତ୍ରଣ ହୋଇ ପାରିବ ବୋଲି ଆଶା ରଖିଥିବା କହିଛନ୍ତି।



ମେଶିନ ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଉଛି।

### ଟ୍ରେନ୍‌ରୁ ଖସି ଯୁବକ ମୃତ

**ବାଲୁଗାଁ, ୨୬।୫(ଡି.ଏନ.ଏ.)**

ବାଲୁଗାଁ ରେଳ ଷ୍ଟେଶନର ଅନତି ଦୂର ମାମୁ ଭଣଜା ପାହାଡ଼ ନିକଟରେ ଶନିବାର ବିଳମ୍ବିତ ରାତିରେ କରମଣ୍ଡଳ ଏକ୍ସପ୍ରେସ୍ ଟ୍ରେନ୍‌ରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଭଦ୍ରକ ଜିଲା ଧାମନଗର ଥାନା ଡ଼ାଙ୍ଗୁଆ ପାଟଣା ଗ୍ରାମର ରବୀନ୍ଦ୍ର ପଲାଇଙ୍କ ପୁଅ ମନୋଜ (୨୩)। ରବିବାର ପ୍ରତ୍ୟୁଷରୁ ମାମୁ ଭଣଜା ପାହାଡ଼ ପାର୍ଶ୍ୱ ରେଳଧାରଣାରେ ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତ ଶରୀର ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ରେଳବାଇ ପୋଲିସ୍‌କୁ ଖବର ଦେଇଥିଲେ। ଜିଆରପି ଅଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଯୁବକଙ୍କ ମନିପର୍ସରୁ ମିଳିଥିବା ଟ୍ରେନ୍ ଟିକେଟ ଓ ଠିକଣା ଅନୁଯାୟୀ ତାଙ୍କ ପରିବାର ସହ ଯୋଗାଯୋଗ କରାଯାଇଥିଲା । ଅପରାହ୍ନରେ ପରିବାର ଲୋକେ ପହଞ୍ଚି ମନୋଜଙ୍କୁ ଚିହ୍ନଟ କରିଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ ମନୋଜ ଶନିବାର ଭଦ୍ରକରୁ କରମଣ୍ଡଳ ଏକ୍ସପ୍ରେସ୍ ଯୋଗେ ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀକୁ କାର୍ଯ୍ୟ କରିବା ପାଇଁ ଯାଉଥିଲେ। ତେବେ କୌଣସି କାରଣରୁ ଅସାବଧାନତା ବଶତଃ ସେ ଟ୍ରେନ୍‌ରୁ ଖସିପଡ଼ି ମୃତ୍ୟୁବରଣ କରିଥିବା ରେଳବାଇ ପୋଲିସର ପ୍ରାଥମିକ ତଦନ୍ତରୁ ଜଣାଯାଇଛି। ପୋଲିସ ଏ ସଂକ୍ରାନ୍ତରେ ୪୬/୧୯ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## ଇସ୍ତଫାପତ୍ର ପ୍ରତ୍ୟାହାର କଲେ ରାହୁଲ

**ନୂଆଦିଲ୍ଲୀ, ୨୬।୫**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ରବିବାର ନିଜ ଇସ୍ତଫାପତ୍ର ପ୍ରତ୍ୟାହାର କରିନେଇଛନ୍ତି। ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପାଇଁ ନିଜକୁ ଦାୟୀ କରି ରାହୁଲ ଶନିବାର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ରେ ଇସ୍ତଫା ଦେବା ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଦଳର ବରିଷ୍ଠ ନେତାମାନେ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଦଳର ପରାଜୟ ପାଇଁ କାହାକୁ ଉତ୍ତରଦାୟୀ କରାଯିବ ସେନେଇ ୧୦ ଦିନ ମଧ୍ୟରେ ସ୍ଥିର କରାଯିବ ବୋଲି ସୂତ୍ରରୁ ଜଣାପଡ଼ିଛି। ପ୍ରକାଶ ଯେ, ସଦ୍ୟ ସମାପ୍ତ ଲୋକ ସଭା ନିର୍ବାଚନରେ କଂଗ୍ରେସକୁ ୫୨ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ବିପୁଳ ବିଜୟ ହାସଲ କରି ପୁନର୍ବାର କ୍ଷମତାସୀନ ହେବାକୁ ଯାଉଛି।

## ଗଛକୁ ଧକ୍କା ଦେଲା ବସ୍

- ୧୮ ଆହତ, ଡ୍ରାଇଭରଙ୍କ ସମେତ ୧୦ ଗୁରୁତର



ଦୁର୍ଘଟଣାଗ୍ରସ୍ତ ବସ୍।

**ସୋନପୁର/ମନମୁଣ୍ଡା, ୨୬।୫ (ନି.ପ୍ର./ଡି.ଏନ୍.ଏ.)**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥର ବୌଦ୍ଧ ଜିଲା ମନମୁଣ୍ଡା ପୂର୍ତ୍ତ ବିଭାଗ ଡାକବଙ୍ଗଳା ସମ୍ମୁଖରେ ସୁଜନ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହିବସ୍ ଭୁବନେଶ୍ୱରରୁ ବଲାଙ୍ଗୀର ଯାଉଥିଲା। ଡ୍ରାଇଭରଙ୍କ ଅସାବଧାନତା ଯୋଗୁ ବସ୍ (ନଂ.ଓଡି୦୨ଏସି/୦୨୮୦)ଟି ରାସ୍ତାପାର୍ଶ୍ୱରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଏଥିଯୋଗୁ ୧୮ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ୧୦ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଡ୍ରାଇଭର ଶାନ୍ତନୁ ନାଏକ ବସ୍‌ରେ ଚାପି ହୋଇ ରହିଥିଲେ। ଜେସିବି ମେଶିନ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଡ୍ରାଇଭରଙ୍କ ଗୋଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କ ସହ ଅନ୍ୟ ଦୁଇ ଗୁରୁତରଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅନ୍ୟ ସମସ୍ତ ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନେ ହେଲେ ଭଦ୍ରକର ବିଭୂତି ପଣ୍ଡା, ବଲାଙ୍ଗୀରର ସୁଶୀଲ କୁମାର ଷାଣ୍ଢ, ସ୍ୱାଧୀନ ବିଶି, କେଉଁଝରର ଅନୀଲ କୁମାର ଓତା, ମଙ୍ଗଳାସାହି କଟକର ଉମ୍ବରୁଧର ଲେଙ୍କା, ତରଭା ବ୍ଲକ ଦେଉଳପଦରର ଜିତେନ୍ଦ୍ର ସା, ପୁଆର ଗଣେଶ ଦାଶ, କଳାହାଣ୍ଡି ଜୟପାଟଣାର ବବି ବାଗ ଓ ସୋନପୁରର ଗଦାଧର ବାରିକ। ସାମାନ୍ୟ ଆହତ ହୋଇଥିବା ଯାତ୍ରୀ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମନମୁଣ୍ଡା ପୋଲିସ ବସ୍ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ତଦନ୍ତ ଅଧିକାରୀ ଏଏସଆଇ ରଞ୍ଜନ ଭୁକ୍ତା କହିଛନ୍ତି।

## ନବନିର୍ବାଚିତ ବିଜେଡି ଲୋକ ସଭା ଏମ୍‌ପିଙ୍କ ସହ ନବୀନଙ୍କ ବୈଠକ

**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦଳର ୧୨ ନବନିର୍ବାଚିତ ଲୋକ ସଭା ଏମ୍‌ପି ରବିବାର ପୂର୍ବାହ୍ନ ୧୦ଟା ୩୦ରେ ନବୀନ ନିବାସରେ ଭେଟିଛନ୍ତି। ସାଧାରଣ ନିର୍ବାଚନରେ ବିରୋଧୀ ଦଳଗୁଡ଼ିକୁ ପରାସ୍ତ କରି ବିଜେଡିକୁ ବିଜୟୀ କରିଥିବାରୁ ପ୍ରତ୍ୟେକ ଏମ୍‌ପିଙ୍କୁ ନବୀନ ଶୁଭେଚ୍ଛା ଏବଂ କୃତଜ୍ଞତା ଜଣାଇଛନ୍ତି। ପାର୍ଲାମେଣ୍ଟରେ ଦଳର ଆଭିମୁଖ୍ୟ ନେଇ ନବନିର୍ବାଚିତ ଏମ୍‌ପିଙ୍କ ସହ ବୈଠକରେ ଆଲୋଚନା ହୋଇଥିଲା। ବରିଷ୍ଠ ନେତା ତଥା କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି ଯେ, ଚଳିତ ଥର ୧୨ ଏମ୍‌ପି ଜିତିଛୁ। ତନ୍ମଧ୍ୟରୁ ୭ ଜଣ ସମ୍ପୂର୍ଣ୍ଣ ନୂଆ। ତେଣୁ ଆସନ୍ତା ୨୮ ତାରିଖ ମଧ୍ୟରେ ବିଭିନ୍ନ ସଂସଦୀୟ ପଞ୍ଜୀକରଣ କିପରି ଭାବେ ହେବ ସେ ନେଇ ଆଲୋଚନା ହୋଇଛି। ଏଥିସହିତ ଜାତୀୟ ଫୋରମ୍‌ରେ ଦଳର ଆଭିମୁଖ୍ୟ ନେଇ ମଧ୍ୟ ବିଚାରବିମର୍ଶ ହୋଇଥିବା ମହତାବ ସୂଚନା ଦେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ କହିଛନ୍ତି ଯେ, ବିଜେଡି ମୁଖ୍ୟତଃ ୩ଟି ପ୍ରସଙ୍ଗକୁ ପ୍ରାଧାନ୍ୟ ଦେବ। ପ୍ରଥମତଃ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା, ଦ୍ୱିତୀୟରେ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ହୋଇଥିବାରୁ ଆର୍ଥିକ ସହାୟତା ଏବଂ ଶେଷରେ ପାର୍ଲାମେଣ୍ଟ, ରାଜ୍ୟ ବିଧାନସଭା ଗୁଡିକରେ ମହିଳାଙ୍କୁ ସର୍ବନିମ୍ନ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଦଳ ଗୁରୁତ୍ୱ ଦେବ ବୋଲି ଚନ୍ଦ୍ରଶେଖର କହିଛନ୍ତି। ସେହିପରି ଏସ୍ଏଚ୍‌ଜି ଆନ୍ଦୋଳନରୁ ପାର୍ଲାମେଣ୍ଟ ଯାତ୍ରା କରିଥିବା ପ୍ରମିଳା ବିଶୋୟୀ କହିଥିଲେ ଯେ, ଲୋକ ସଭାରେ ଆସିକା ଅଞ୍ଚଳର ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିବି। ବିଶେଷ କରି ରାସ୍ତାଘାଟ ଏବଂ ରେଳ ଯୋଗାଯୋଗକୁ ସୁଦୃଢ କରିବା ପାଇଁ ଚେଷ୍ଟା କରିବି। ରେଳ ଯୋଗାଯୋଗ ପାଇଁ ଏବେ ବି ଆମକୁ ବ୍ରହ୍ମପୁର ଉପରେ ନିର୍ଭର କରିବାକୁ ପଡୁଛି। ତୃଣମୂଳସ୍ତରରେ କାମ କରୁଥିଲେ ହେଲେ କେବେ ଏମ୍‌ପି ହେବେ ବୋଲି ଭାବି ନ ଥିବା ପ୍ରମିଳା କହିଛନ୍ତି। ଦେଶର ସର୍ବକନିଷ୍ଠା ଏମ୍‌ପି ହେବାକୁ ଯାଉଥିବା ଚନ୍ଦ୍ରାଣୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାରଣରୁ ସେ କମ୍ ବୟସରେ ଲୋକ ସଭା ଯାଇ ପାରୁଛନ୍ତି। କେନ୍ଦୁଝର ଜିଲାର ଦ୍ରୁତ ବିକାଶ ତାଙ୍କର ପ୍ରାଥମିକତା ହେବ। ସ୍ଥାନୀୟ ଅଞ୍ଚଳରେ ଷ୍ଟିଲ ପ୍ଲାଣ୍ଟ କରିବା ନେଇ ସାଧାରଣ ଜନତାଙ୍କ ଦାବି ରହିଛି। ଏହାକୁ କାର୍ଯ୍ୟ କରିବା ପାଇଁ ସେ ଦଳୀୟ ଏବଂ ଜାତୀୟ ଫୋରମ୍‌ରେ ତଥ୍ୟ ଉପସ୍ଥାପନ କରିବେ ବୋଲି ଚନ୍ଦ୍ରାଣୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ପୁରୀ ଏମ୍‌ପି ପିନାକୀ ମିଶ୍ର, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜଗତସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି ଏବଂ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ।



ନବନିର୍ବାଚିତ ଦଳୀୟ ଏମ୍‌ପିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ବାଲ୍ୟବିବାହ ରୋକିବାକୁ ଯାଇ ତୁମୁଳକାଣ୍ଡ
# ପୋଲିସ ଭ୍ୟାନ୍‌ରୁ ବାଳିକା ବଧୂଙ୍କୁ ଛଡ଼ାଇନେଲେ ଲୋକେ

**କଟକ ଅଫିସ/ଚୌଦ୍ୱାର, ୨୬।୫ (ଡି.ଏନ୍.ଏ.)**

**ଅଟକ ରହିଲେ ଚାଇଲ୍ଡଲାଇନ୍ କର୍ମକର୍ତ୍ତା**

ଜଣେ ୧୭ ବର୍ଷିୟା ନାବାଳିକାଙ୍କ ବିବାହକୁ ନେଇ ଚୌଦ୍ୱାର ଥାନା ଅଞ୍ଚଳରେ ରବିବାର ତୁମୁଳକାଣ୍ଡ ଘଟିଛି। ଏହି ବାଲ୍ୟବିବାହକୁ ରୋକିବାକୁ ଯାଇ ନାକେଦମ ହୋଇଛନ୍ତି ପୋଲିସ, ଚାଇଲ୍ଡଲାଇନ୍ କର୍ମକର୍ତ୍ତା ଓ ସାମାଜିକ କର୍ମୀ। ନାବାଳିକାଙ୍କ ପରିବାର ଓ ସ୍ଥାନୀୟ ଲୋକେ ଜୋରଜବରଦସ୍ତ ସମ୍ପୃକ୍ତା ନାବାଳିକାଙ୍କୁ ପୋଲିସ ଭ୍ୟାନ୍‌ରୁ ଛଡାଇ ନେଇଥିଲେ। ପରେ ଚାଇଲ୍ଡଲାଇନ୍ କର୍ମକର୍ତ୍ତା ଓ ସାମାଜିକ କର୍ମୀମାନଙ୍କୁ ଏକ ଘରେ ବନ୍ଦ ରଖି ଉକ୍ତ ବାଲ୍ୟବିବାହକୁ ସମ୍ପନ୍ନ କରିଥିଲେ। ଏହି ଘଟଣାରେ ଜିଲା ସମାଜ ମଙ୍ଗଳ ବିଭାଗ ସମ୍ପୂର୍ଣ୍ଣ ଅସହଯୋଗ କରିଥିବା ଚାଇଲ୍ଡଲାଇନ୍ ସଂଯୋଜକ ନାରାୟଣ ଶୁକ୍ଳା କହିଛନ୍ତି। ନାବାଳିକାଙ୍କ ପରିବାର ଲୋକେ ସେମାନଙ୍କ ମୋବାଇଲ ଫୋନ୍ ଛଡାଇ ନେଇ ନିଜ ପାଖରେ ରଖିଥିଲେ। ବିବାହ ସାରି ବରକନ୍ୟାଙ୍କୁ ବିଦା କରିବା ପରେ ସେମାନଙ୍କୁ ମୁକ୍ତ କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଚୌଦ୍ୱାର ପୌରପାଳିକା ୧୩ନଂ. ୱାର୍ଡ ଅଧୀନ ପାଇକରାପୁର ଗ୍ରାମର ଜଣେ ନାବାଳିକାଙ୍କ ବିବାହ ସ୍ଥାନୀୟ ଶିବମନ୍ଦିରରେ ଅନୁଷ୍ଠିତ ହେଉଥିବା ନେଇ ଚାଇଲ୍ଡଲାଇନ୍ ପାଖରେ ଖବର ପହଞ୍ଚିଥିଲା। ପରେ ଚାଇଲ୍ଡ ଲାଇନ୍ ସଂଯୋଜକ ଶୁକ୍ଳା, ଓଲସା ସଙ୍ଗଠନର ସଦସ୍ୟ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ଚାଇଲ୍ଡଲାଇନ୍ କର୍ମକର୍ତ୍ତାମାନେ ପୋଲିସ ସହାୟତାରେ ବିବାହକୁ ବନ୍ଦ କରିଥିଲେ। ଏଥିସହ ନାବାଳିକାଙ୍କୁ କଟକ ସିଡବ୍ଲ୍ୟୁସିକୁ ନେବାକୁ ଉଦ୍ୟମ କରି ପୋଲିସ ଭ୍ୟାନ୍‌ରେ ବସାଇଥିଲେ। ସେହି ସମୟରେ ନାବାଳିକାଙ୍କ ପରିବାର ଲୋକଙ୍କ ସମେତ ତାଙ୍କ ସମ୍ପର୍କୀୟ ଓ ଶତାଧିକ ଗ୍ରାମବାସୀ ଏହାକୁ ତୀବ୍ର ବିରୋଧ କରିଥିଲେ। ପରେ ନାବାଳିକା ବସିଥିବା ଭ୍ୟାନ୍‌କୁ ଅଟକାଇଥିଲେ। ଭ୍ୟାନ୍ ସମ୍ମୁଖରେ ଗଣ୍ଡଗୋଳ କରିବା ସହିତ ନାବାଳିକାଙ୍କୁ ଭ୍ୟାନ୍‌ରୁ ବାହାର କରି ନେଇ ଯାଇଥିଲେ। ଏହାପରେ ଜୋରଜବରଦସ୍ତ ନାବାଳିକାଙ୍କ ବିବାହ ସମ୍ପନ୍ନ କରି ଉଭୟ ବରକନ୍ୟାଙ୍କୁ ଶାଶୁଘରକୁ ପଠାଇ ଦେଇଥିଲେ। ଶେଷରେ ଉପସ୍ଥିତ ପୋଲିସ, ଚାଇଲ୍ଡଲାଇନ୍ ଓ ଓଲସାର କର୍ମକର୍ତ୍ତାମାନେ ନିରାଶ ହୋଇ ଘଟଣାସ୍ଥଳରୁ ଫେରିଆସିଥିଲେ। ଏ ନେଇ ଚାଇଲ୍ଡଲାଇନ୍ ପକ୍ଷରୁ ଚୌଦ୍ୱାର ଥାନାରେ ଏତଲା ଦିଆଯାଇଛି। ଏହି ଏତଲାକୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଛି ବୋଲି ଆଇଆଇସି ପଦ୍ମନାଭ ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି କୁହନ୍ତି, ମୁଁ ଏ ବାବଦରେ ଚୌଦ୍ୱାର ପୋଲିସ ସହ କଥା ହେଉଛି। ସୋମବାର ପୋଲିସ ସମ୍ପୃକ୍ତା ନାବାଳିକାଙ୍କୁ ତାଙ୍କ ଶାଶୁଘରୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରିବ ବୋଲି ବ୍ୟବସ୍ଥା ହୋଇଛି। ସ୍ଥାନୀୟ ଶିଶୁ ବିକାଶ ଅଧିକାରୀ(ସିଡିପିଓ) ଏ କ୍ଷେତ୍ରରେ ସହଯୋଗ କରିଥିବା ମହାନ୍ତି କହିଛନ୍ତି।



ଲୋକ ସଭା ନିର୍ବାଚନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଉପେନ୍ଦ୍ର କୁଶ୍ୱାହାଙ୍କ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି)କୁ ଗୋଟିଏ ହେଲେ ଆସନ ମିଳି ନ ଥିବାବେଳେ ରବିବାର ତାଙ୍କୁ ଆଉ ଏକ ଝଟକା ଲାଗିଛି। ସମସ୍ତ ୩ ଆର୍‌ଏଲ୍‌ଏସ୍‌ପି ବିଧାୟକ ଦଳ ଛାଡି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁରେ ସାମିଲ ହୋଇଛନ୍ତି। ଆର୍‌ଏଲ୍‌ଏସ୍‌ପି ବିଧାୟକ ଲାଲାନ ପାଶ୍ୱାନ, ସୁଧାଂଶୁ ଶେଖର ଏବଂ ବିଧାନ ପରିଷଦ ସଦସ୍ୟ ସଞ୍ଜୀବ ଶ୍ୟାମ ଏ ସମ୍ପର୍କରେ ବିଧାନସଭା ବାଚସ୍ପତି ବିଜୟ କୁମାର ଚୌଧୁରୀ ଏବଂ ବିଧାନ ପରିଷଦ ଉପାଧ୍ୟକ୍ଷ ହାରୁନ ରଶିଦଙ୍କୁ ଜଣାଇଛନ୍ତି।


DSPL-17

# ଡେଙ୍ଗୁ ରୋଗର ପ୍ରତିରୋଧ ପାଇଁ ସ୍ୱାସ୍ଥ୍ୟ ସଚେତନତା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

**ଲକ୍ଷଣ :** ଜ୍ୱର ସହିତ ଦେହହାତ ଘୋଳାବିନ୍ଧା ଓ ଗଣ୍ଠି ଦରଜ ହୁଏ। କେତେକ କ୍ଷେତ୍ରରେ ଶରୀରରେ ଲାଲ୍ ଲାଲ୍ ଦାଗ ଦେଖାଯାଇଥାଏ। ଏପରି ଲକ୍ଷଣ ଦେଖାଗଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କୁ ପରାମର୍ଶ କରନ୍ତୁ।

**ମନେରଖନ୍ତୁ :** ଘର ଭିତର ଓ ଚତୁଃପାର୍ଶ୍ୱ ପରିଷ୍କାର ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ।

ଏଡ଼ିସ୍ ମଶା ବଂଶବୃଦ୍ଧି କରିବା ସ୍ଥାନ



ପ୍ରତି ୩/୪ ଦିନରେ ପାଣି ରଖୁଥିବା ପାତ୍ର ଗୁଡ଼ିକୁ ଭଲଭାବରେ ସଫା କରନ୍ତୁ। ଅଦରକାରୀ ପାତ୍ର ଗୁଡ଼ିକରେ ପାଣି ଜମିବାକୁ ଦିଅନ୍ତୁ ନାହିଁ।

ସରକାରୀ ଡ଼ାକ୍ତରଖାନା ମାନଙ୍କରେ ଡେଙ୍ଗୁ ରୋଗୀଙ୍କ ପାଇଁ ଚିକିତ୍ସା ଉପଲବ୍ଧ।

10003/13/0015/1920
facebook.com/HFWOdisha http://www.health.odisha.gov.in/ @HFWOdisha
NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ


# ଲୋକ ସଭା ନିର୍ବାଚନ: ପ୍ରମୁଖ ଦଳଗୁଡ଼ିକର ଭୋଟ ହାର

## ଆଣ୍ଡାମାନ ନିକୋବର




ଭାଜପା: ୪୫.୩%
କଂଗ୍ରେସ: ୪୫.୯୮%
ଏଏପି: ୧.୩୭%
ନୋଟା: ୦.୬୮%

## ଆନ୍ଧ୍ରପ୍ରଦେଶ




ୱାଇଏସ୍‌ଆର୍‌ସିପି: ୪୯.୧%
ଟିଡିପି: ୩୯.୬%
କଂଗ୍ରେସ: ୧.୨୯% | ଭାଜପା:୦.୯୬%
ନୋଟା: ୦.୬୮%

## ଅରୁଣାଚଳପ୍ରଦେଶ




ଭାଜପା: ୫୮.୨୨%
କଂଗ୍ରେସ: ୨୦.୬୯%
ଜେଡିଏସ୍: ୯.୧୮%
ନୋଟା: ୧.୧୪%

## ଆସାମ




ଭାଜପା: ୩୬.୧% ଏଜିପି: ୮.୨୩%
କଂଗ୍ରେସ: ୩୫.୪%
ଏଆଇୟୁଡିଏଫ୍: ୭.୮%
ନୋଟା: ୦.୯୯%

## ବିହାର




ଭାଜପା: ୨୩.୬% ଏଲ୍‌ଜିପି: ୭.୮୬%
କଂଗ୍ରେସ: ୭.୭% ଆର୍‌ଜେଡି: ୧୫.୩୬%
ଜେଡିୟୁ: ୨୧.୮୧%
ନୋଟା: ୨%

## ଚଣ୍ଡିଗଡ଼




ଭାଜପା: ୫୦.୬୪%
କଂଗ୍ରେସ: ୪୦.୩୫%
ଏଏପି: ୩.୦୨%
ନୋଟା: ୦.୯୫%

## ଛତିଶଗଡ଼




ଭାଜପା: ୫୦.୭%
କଂଗ୍ରେସ: ୪୦.୯୧%
ବିଏସ୍‌ପି: ୨.୩%
ନୋଟା: ୧.୪୪%

## ଦାଦ୍ରା ଓ ନଗର ହାବେଳି




ଭାଜପା: ୪୦.୯୨%
କଂଗ୍ରେସ: ୪.୩୩%
ଅନ୍ୟାନ୍ୟ: ୫୦.୭୯%
ନୋଟା: ୧.୪୮%

## ଡାମନ ଓ ଡିଉ




ଭାଜପା: ୪୨.୯୮%
କଂଗ୍ରେସ: ୩୧.୬୨%
ବିଏସ୍‌ପି: ୦.୯୧%
ନୋଟା: ୧.୭%

## ଗୋଆ




ଭାଜପା: ୫୧.୧୮%
କଂଗ୍ରେସ: ୪୨.୯୨%
ଏଏପି: ୩.୦୧%
ନୋଟା: ୧.୪୬%

## ଗୁଜରାଟ




ଭାଜପା: ୬୨.୨୧%
କଂଗ୍ରେସ: ୩୨.୧୧%
ନୋଟା:୧.୩୮%

## ହରିୟାଣା




ଭାଜପା: ୫୮.୦୨%
କଂଗ୍ରେସ: ୨୮.୪୨%
ଆଇଏନ୍‌ଏଲ୍‌ଡି: ୧.୮୯%
ନୋଟା: ୦.୩୩%

## ହିମାଚଳପ୍ରଦେଶ




ଭାଜପା: ୬୯.୧୧%
କଂଗ୍ରେସ: ୨୭.୩%
ନୋଟା: ୦.୮୬%

## ଜମ୍ମୁ ଓ କଶ୍ମୀର




ଭାଜପା: ୪୬.୩୯%
କଂଗ୍ରେସ: ୨୮.୪୭%
ଏନ୍‌ସି: ୭.୮୯%
ପିଡିପି: ୨.୩୭% | ନୋଟା: ୦.୬୧%

## ଝାଡ଼ଖଣ୍ଡ




ଭାଜପା: ୫୦.୯୬%
କଂଗ୍ରେସ: ୧୫.୬୩%
ଜେଏମ୍‌ଏମ୍: ୧୧.୫୧% | ଆର୍‌ଜେଡି: ୨.୪୨%
ଏଜେଏସ୍‌ୟୁପି: ୪.୩୩% | ନୋଟା: ୧.୨୭%

## କର୍ଣ୍ଣାଟକ




ଭାଜପା: ୫୧.୩୮%
କଂଗ୍ରେସ: ୩୧.୮୮%
ଜେଡିଏସ୍: ୯.୬୭%
ନୋଟା: ୦.୭୧%

## କେରଳ




କଂଗ୍ରେସ: ୩୭.୨୭%
ସିପିଏମ୍: ୨୫.୮୩%
ଭାଜପା: ୧୨.୯୩% | ଆଇୟୁଏମ୍‌ଏଲ୍: ୫.୪୫%
ସିପିଆଇ: ୬.୦୫% | ନୋଟା: ୦.୫୧%

## ଲାକ୍ଷାଦ୍ୱୀପ




କଂଗ୍ରେସ: ୪୬.୮୬%
ଏନ୍‌ସିପି: ୪୮.୬୧%
ଭାଜପା: ୦.୨୭%
ନୋଟା: ୦.୨୧%

## ମଧ୍ୟପ୍ରଦେଶ




ଭାଜପା: ୫୮%
କଂଗ୍ରେସ: ୩୪.୫%
ବିଏସ୍‌ପି: ୨.୩୮%
ନୋଟା: ୦.୯୨%

## ମହାରାଷ୍ଟ୍ର




ଭାଜପା: ୨୭.୫୯%
ଶିବସେନା: ୨୩.୨୯%
କଂଗ୍ରେସ: ୧୬.୨୭%
ଏନ୍‌ସିପି: ୧୫.୫୨% | ନୋଟା: ୦.୯%

## ମଣିପୁର




ଭାଜପା: ୩୪.୨୨%
କଂଗ୍ରେସ: ୨୪.୬୩%
ଏନ୍‌ପିଏଫ୍: ୨୨.୪୮%
ସିପିଆଇ: ୮.୨୭% | ନୋଟା: ୦.୩୩%

## ମେଘାଳୟ




କଂଗ୍ରେସ: ୪୮.୨୮%
ଏନ୍‌ପିଇପି: ୨୨.୨୭%
ୟୁଡିପି: ୧୯.୫୫% | ଭାଜପା: ୭.୯୩%
ନୋଟା: ୦.୮%

## ମିଜୋରାମ




ଏମ୍‌ଏନ୍‌ଏଫ୍: ୪୪.୮୯%
ଭାଜପା: ୫.୭୫%
ଅନ୍ୟାନ୍ୟ: ୪୮.୮୬%
ନୋଟା: ୦.୫%

## ନାଗାଲାଣ୍ଡ




ଏନ୍‌ଡିପିପି: ୪୯.୭୩%
କଂଗ୍ରେସ: ୪୮.୧୧%
ନୋଟା: ୦.୨୧%

## ଦିଲ୍ଲୀ




ଭାଜପା: ୫୬.୫୬%
କଂଗ୍ରେସ: ୨୨.୫୧%
ଏଏପି: ୧୮.୧୧%
ନୋଟା: ୦.୫୩%

## ଓଡ଼ିଶା




ବିଜେଡି: ୪୨.୭୬%
ଭାଜପା: ୩୮.୩୭%
କଂଗ୍ରେସ: ୧୩.୮୧%
ନୋଟା: ୧.୩୧%

## ପୁଡୁଚେରୀ




କଂଗ୍ରେସ: ୫୬.୨୭%
ଏଆଇଏନ୍‌ଆର୍‌ସି: ୩୧.୩୬%
ନୋଟା: ୧.୫୪%

## ପଞ୍ଜାବ




କଂଗ୍ରେସ: ୪୦.୧୨%
ଏସ୍‌ଏଡି: ୨୭.୪୫%
ଭାଜପା: ୯.୬୩%
ଏଏପି: ୭.୩୮% | ନୋଟା: ୧.୧୨%

## ରାଜସ୍ଥାନ




ଭାଜପା: ୫୮.୪୭%
କଂଗ୍ରେସ: ୩୪.୨୪%
ନୋଟା: ୧.୦୧%

## ସିକିମ




ଏସ୍‌କେଏମ୍: ୪୭.୪୬%
ଏସ୍‌ଡିଏଫ୍: ୪୩.୯୨%
ଭାଜପା: ୪.୭୧%
କଂଗ୍ରେସ: ୧.୧୩% | ନୋଟା: ୦.୬୫%

## ତାମିଲନାଡୁ




ଡିଏମ୍‌କେ: ୩୨.୭୬%
ଏଆଇଏଡିଏମ୍‌କେ: ୧୮.୪୮%
କଂଗ୍ରେସ: ୧୨.୭୬% | ଭାଜପା: ୩.୩୬%
ପିଏମ୍‌କେ: ୫.୪୨% | ନୋଟା: ୧.୨୮%

## ତେଲେଙ୍ଗାନା




ଟିଆର୍‌ଏସ୍: ୪୧.୨୯%
କଂଗ୍ରେସ: ୨୯.୪୮%
ଭାଜପା: ୧୯.୪୫% | ନୋଟା: ୧.୦୨%
ଏଆଇଏମ୍‌ଆଇଏମ୍: ୨.୭୮%

## ତ୍ରିପୁରା




ଭାଜପା: ୪୯.୦୩%
କଂଗ୍ରେସ: ୨୫.୩୪%
ସିପିଏମ୍: ୧୭.୩୧%
ନୋଟା: ୧.୦୮%

## ଉତ୍ତରପ୍ରଦେଶ




ଭାଜପା: ୪୯.୫୬%
ଏସ୍‌ପି: ୧୭.୯୬%
ବିଏସ୍‌ପି: ୧୯.୨୬%
କଂଗ୍ରେସ: ୬.୩୧% | ନୋଟା: ୦.୮୪%

## ଉତ୍ତରାଖଣ୍ଡ




ଭାଜପା: ୬୧.୦୧%
କଂଗ୍ରେସ: ୩୧.୪%
ବିଏସ୍‌ପି: ୪.୪୮%
ନୋଟା: ୧.୦୫%

## ପଶ୍ଚିମବଙ୍ଗ




ତୃଣମୂଳ କଂଗ୍ରେସ: ୪୩.୨୮%
ଭାଜପା: ୪୦.୨୫%
କଂଗ୍ରେସ: ୫.୬୧% | ନୋଟା: ୦.୯୬%
ସିପିଏମ୍: ୬.୨୮% | ସିପିଆଇ: ୦.୪%


**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



**ସାଇନାଥ ମହାନ୍ତି (ସାଇ)**
ପାଟସୁନ୍ଦରପୁର, କାକଟପୁର, ପୁରୀ

ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀ ଶିରିଡିସାଇଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ତୋର ସୁଦୀର୍ଘ ଭବିଷ୍ୟତ ପ୍ରଭୁ ସାଇବାବା ଉଜ୍ଜ୍ୱଳମୟ କରନ୍ତୁ। ଏହାହିଁ ଜନ୍ମଦିନର ଶୁଭକାମନା।

ଶୁଭେଚ୍ଛା ସହ
ଜେଜେବାପା, ଜେଜେମା, ବଡ଼ବାପା, ବଡ଼ମା, ପିଉସା, ପିଉସୀ, ଭାଇ, ଭଉଣୀ, ବନ୍ଧୁ ଓ ପରିବାର ବର୍ଗ। ବାପା– ଶୁସାନ୍ତ ମହାନ୍ତି, ମା– ନୀଲାଞ୍ଜନା ମହାନ୍ତି।

ଧ–୧୨୩୫୧


## ଆଜି ଜେଇଇ ଆଡ୍‌ଭାନ୍ସ

### ଓଡ଼ିଶାରୁ ୩,୨୬୧ ପରୀକ୍ଷାର୍ଥୀ

ଭୁବନେଶ୍ୱର,୨୬।୫(ବ୍ୟୁରୋ)

ସୋମବାର ସମଗ୍ର ଦେଶରେ ଅନୁଷ୍ଠିତ ହେବ ଜେଇଇ ଆଡ୍‌ଭାନ୍ସ ପରୀକ୍ଷା। ଦେଶର ସମସ୍ତ ଆଇଆଇଟି ସହ ଆଇଆଇଟି ଧାନବାଦ ତଥା ଇଣ୍ଡିଆନ୍ ସ୍କୁଲ ଅଫ୍ ମାଇନ୍ସ(ଆଇଏସ୍‌ଏମ୍)ରେ ନାମଲେଖା ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏଥର ମୋଟ ୧ଲକ୍ଷ ୭୬ହଜାର ଛାତ୍ରୀଛାତ୍ର ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ଓଡ଼ିଶାରୁ ୩,୨୬୧ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ। କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ ବା ସିବିଟି ମାଧ୍ୟମରେ ପରୀକ୍ଷା କରାଯିବ। ଚଳିତବର୍ଷ ଓଡ଼ିଶାରେ ଭୁବନେଶ୍ୱର, କଟକ, ରାଉରକେଲା ଓ ବ୍ରହ୍ମପୁରରେ ପରୀକ୍ଷା କେନ୍ଦ୍ର ହୋଇଛି। ଜେଇଇ ଆଡ୍‌ଭାନ୍ସ ପାଇଁ ଦୁଇଟି ପେପରରେ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ପେପର–୧ ଓ ଅପରାହ୍ନ ୨ଟାରୁ ୪ଟା ପର୍ଯ୍ୟନ୍ତ ପେପର–୨ ପରୀକ୍ଷା ଅନୁଷ୍ଠିତ ହେବ। ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କୁ ଅଧିକ ଏକ ଘଣ୍ଟା ସମୟ ଦିଆଯିବ। ପରୀକ୍ଷା କେନ୍ଦ୍ର ମଧ୍ୟକୁ ଆଡ୍‌ମିଟ୍ କାର୍ଡ ଓ ଫଟୋ ପରିଚୟପତ୍ର ନେବା ବାଧ୍ୟତାମୂଳକ ରହିଛି। ସ୍ମାର୍ଟଫୋନ୍, କାଲକୁଲେଟର, ଆଇପ୍ୟାଡ୍, ସ୍ମାର୍ଟୱାଚ୍ ଆଦି ସାମଗ୍ରୀ ନେବାକୁ ଅନୁମତି ନାହିଁ। ସେହିଭଳି ବ୍ରେସ୍‌ଲେଟ୍ ଓ ବଡ଼ ବଡ଼ ବଟମ୍ ଥିବା ଡ୍ରେସ୍ ପିନ୍ଧିବାକୁ ପରୀକ୍ଷାର୍ଥୀଙ୍କୁ ବାରଣ କରାଯାଇଛି। ଜେଇଇ ଆଡ୍‌ଭାନ୍ସ ଲାଗି ନାମ ପଞ୍ଜୀକରଣ ଚଳିତ ମେ ୩ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ହେଲେ ଓଡ଼ିଶାରେ ବାତ୍ୟା 'ଫନୀ' ଯୋଗୁ ନାମ ପଞ୍ଜୀକରଣ ଅବଧିକୁ ୧୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧିକରାଯାଇଥିଲା। ଆସନ୍ତା ଜୁନ୍ ୧୪ରେ ପରୀକ୍ଷା ଫଳ ପ୍ରକାଶ ପାଇବ।


**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପ୍ରମୋଦ କୁମାର ମହାନ୍ତି**
ଝରମୁହଁ, ରାଜକନିକା, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୪।୧୧।୧୯୫୭
ତିରୋଧାନ: ୧୭।୦୫।୨୦୧୯

ଆପଣଙ୍କ ଅମୂଲ୍ୟ ସାହିତ୍ୟକୃତି ସବୁଦିନ ପାଇଁ ଅମର ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ହେଉ ଏହାହିଁ ଏକାଦଶାହରେ ଆମର ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:**
ପରିବାର ବର୍ଗ

ଧ–୧୨୬୭୨

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୭ ମେ, ୨୦୧୯



ଇରାକର ଉତ୍ତର-ପଶ୍ଚିମ ଭାଗ ତଥା ସିରିଆ ସୀମାନ୍ତ ଏକ ଗାଁରେ କାର୍ ବୋମା ବିସ୍ଫୋରଣ ଯୋଗୁ ୫ଜଣ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୮ ଆହତ ହୋଇଛନ୍ତି। ଇରାକୀ ସେନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳ ପୂର୍ବରୁ ଆଇଏସ୍ ଗୋଷ୍ଠୀର ଅକ୍ତିଆରରେ ଥିଲା ଏବଂ ଇରାକ ଓ ସିରିଆର ଅଧିକାଂଶ ଭାଗ ଉକ୍ତ ଆତଙ୍କବାଦୀ ଗୋଷ୍ଠୀ ନିୟନ୍ତ୍ରଣରେ ରହିଥିଲା।



### ୨୯ରେ ନୂଆ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ

# ପ୍ରଦର୍ଶନୀ ପଡ଼ିଆର ସୁରକ୍ଷା ଅନୁଧ୍ୟାନ କଲେ ଡିଜିପି

- ମୁତୟନ ହେବେ ୩୦ ପ୍ଲାଟୁନ ଫୋର୍ସ, ୨ ଶହ ଅଫିସର
- ଉଚ୍ଚ କୋଠା ଉପରେ ଜଗିବେ ବନ୍ଧୁକଧାରୀ
- ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା
- ସୁରକ୍ଷା ଦାୟିତ୍ୱ ସମ୍ଭାଳିବେ ପୋଲିସ କମିଶନର

ଭୁବନେଶ୍ୱର, ୨୬।୫(ବ୍ୟୁରୋ)

ସାଧାରଣ ନିର୍ବାଚନରେ ବିପୁଳ ଜନ ସମର୍ଥନ ପାଇଥିବା ବିଜେଡି ପୁଣି ସରକାର ଗଠନ କରିବାକୁ ଯାଉଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପଞ୍ଚମଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ। ଏଥିପାଇଁ ଆସନ୍ତା ୨୯ ତାରିଖରେ ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆ (ଇଡ୍‌କୋ ଗ୍ରାଉଣ୍ଡ)ରେ ନୂଆ ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ପ୍ରଥମଥର ଶପଥଗ୍ରହଣ ଉତ୍ସବ ରାଜଭବନ ବାହାରେ ଅନୁଷ୍ଠିତ ହେଉଥିବାବେଳେ ଏଥିରେ ରାଜ୍ୟ ତଥା ବାହାରୁ ୫ହଜାରରୁ ଊର୍ଦ୍ଧ୍ୱ ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବହୁ ଶିଳ୍ପପତି, କଳାକାର ତଥା ବିଶିଷ୍ଟ ବ୍ୟକ୍ତି ମଧ୍ୟ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ଓ ସୁରକ୍ଷା ବ୍ୟବସ୍ଥା ନେଇ ତତ୍ପରତା ପ୍ରକାଶ ପାଇଛି। ରବିବାର ସକାଳେ ଡିଜିପି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ଓ ପୋଲିସ କମିଶନର ସତ୍ୟଜିତ ମହାନ୍ତି ପ୍ରଦର୍ଶନୀ ପଡ଼ିଆ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେମାନଙ୍କ ସହ ବିଡିଏ କମିଶନର ଓ ଭୁବନେଶ୍ୱର ଡିସିପି ଉପସ୍ଥିତ ରହି ଆଲୋଚନା କରିଛନ୍ତି।

ଡିଜିପିଙ୍କ ସୂଚନାନୁସାରେ, ଶପଥ ଗ୍ରହଣ ଉତ୍ସବର ସୁରକ୍ଷା ଦାୟିତ୍ୱ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କୁ ଦିଆଯାଇଥିବାବେଳେ ଡିଜିପି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ପଡିଆ ବାହାର ଓ ଭିତରେ ପ୍ରାୟ ୩୦ ପ୍ଲାଟୁନ ପୋଲିସ ଫୋର୍ସ ସହ ୨ଶହ ଅଫିସର ନିୟୋଜିତ ହେବେ। ଉତ୍ସବକୁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ କଡାକଡି ଯାଞ୍ଚ କରାଯିବ। ଖୋଲା ପଡିଆରେ କାର୍ଯ୍ୟକ୍ରମ ହେଉଥିବାରୁ ଚତୁର୍ପାର୍ଶ୍ୱରେ ରହିଥିବା ଉଚ୍ଚ କୋଠାରେ ବନ୍ଧୁକଧାରୀ ପୋଲିସ ଜଗି ରହିବେ। ପଡିଆ ଉପରେ କୌଣସି ଡ୍ରୋନ୍ କିମ୍ବା ଅନ୍ୟ କିଛି ସନ୍ଦେହଜନକ ଜିନିଷ ଦେଖିଲେ ତୁରନ୍ତ ଗୁଳି କରି ଉଡାଇ ଦେବେ। ପଡିଆ ଚାରିପଟେ ଏକାଧିକ ଡ୍ରୋନ କ୍ୟାମେରା ଲଗାଯିବ। ଏହାର କଣ୍ଟ୍ରୋଲ ରୁମ୍ ପଡିଆ ଭିତରେ ରହିବ। ଅତିରିକ୍ତ ଡିସିପି ର୍ୟାଙ୍କ୍‌ର ୨ ଜଣ ପୋଲିସ ଅଫିସର କଣ୍ଟ୍ରୋଲ ରୁମ୍‌ରେ ରହି ସିସିଟିଭି ଫୁଟେଜ ଉପରେ ନଜର ରଖିବେ। ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ଡିସିପି କିମ୍ବା ଅନ୍ୟ ବରିଷ୍ଠ ପୋଲିସ ଅଫିସରଙ୍କୁ ଜଣାଇବେ।

ସେହିପରି ଉତ୍ସବ ଦିନ ଟ୍ରାଫିକ ସମସ୍ୟା ଦେଖାଦେବାର ସମ୍ଭାବନା ରହିଥିବାରୁ ପ୍ରଦର୍ଶନୀ ପଡିଆକୁ ସଂଯୋଗ ରାସ୍ତାରେ ଯାତାୟାତ ଉପରେ କଟକଣା ଲଗାଯିବ। ରବୀନ୍ଦ୍ର ମଣ୍ଡପ ନିକଟରୁ ବୁଦ୍ଧମନ୍ଦିର ଛକ ଓ ସେଠାରୁ ରାମମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତାକୁ ସିଲ୍ କରାଯିବ। ପ୍ରଦର୍ଶନୀ ପଡ଼ିଆ ସମ୍ମୁଖ ରାସ୍ତା ଓ କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଗାଡି ପାର୍କିଂ କରାଯିବାକୁ ସ୍ଥିର କରାଯାଇଛି। ଶପଥ ଗ୍ରହଣ ଉତ୍ସବ ପୂର୍ବରୁ ଗୋଇନ୍ଦା ପୋଲିସକୁ ସଜାଗ ରହିବାକୁ କୁହାଯାଇଛି। ବିଭିନ୍ନ ସ୍ଥାନରେ ସାଦା ପୋଷାକଧାରୀ ପୋଲିସ ନିୟୋଜିତ ହେବେ ବୋଲି ଡିଜିପି ସୂଚନା ଦେଇଛନ୍ତି।

ଏନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଶପଥ ଗ୍ରହଣ ଉତ୍ସବରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଉତ୍ସବକୁ କେବଳ ପାସ୍‌ଧାରୀ ବ୍ୟକ୍ତି ଯାଇପାରିବେ। ସେମାନେ ପାସ୍ ଦେଖାଇବା ପରେ ଯାଞ୍ଚ କରାଯାଇ ପଡିଆ ଭିତରକୁ ପ୍ରବେଶ ପାଇଁ ସୁଯୋଗ ଦିଆଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେତେବେଳେ ଯାଏ ଶ୍ୱାସ**
**ତେତେବେଳେ ଯାଏ ଆଶ ।**

ମଣିଷର ଆଶା ଅସୁମାରି। ଆଶାକୁ ନେଇ ମଣିଷ ଆଗକୁ ବଢ଼ିଥାଏ। ଆଶା ପଛରେ ଧାଇଁବା ସହ ତାକୁ ପୂରଣ କରିବାରେ ଲାଗି ପଡ଼ିଥାଏ। ହେତୁହେବା ଦିନରୁ ମଣିଷ ଆଶାକୁ ନେଇ ବଞ୍ଚି ରହିଥାଏ। ବଞ୍ଚି ରହିଥିବା ପର୍ଯ୍ୟନ୍ତ ମଣିଷ ଆଶାଠୁ ନିଜକୁ ଦୂରେଇ ରଖିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯେବେ ଆଣିବୁ ଅରଜି**
**ତେବେ ଖାଇବୁ ଗରଜି ।**

ମଣିଷ ସ୍ୱାବଲମ୍ବୀ ହେବା ଉଚିତ। ନିଜ ରୋଜଗାରରେ ନିଜ ପେଟ ପୋଷିବା ମଣିଷ ପକ୍ଷେ ଗର୍ବ ଓ ଗୌରବର ବିଷୟ ହୋଇଥାଏ। ଯିଏ ଆୟକ୍ଷମ ନ ହୋଇ ପର ଉପରେ ନିର୍ଭର କରି ଚଳୁଥାଏ ତାକୁ ଅନେକ ସମୟରେ କଟୁକଥା ଶୁଣିବାକୁ ପଡ଼ିଥାଏ, ବେଳ ଅବେଳରେ ନିନ୍ଦିତ ହେବାକୁ ମଧ୍ୟ ପଡ଼ିଥାଏ। କିନ୍ତୁ ଯିଏ ରୋଜଗାର କରି ନିଜ ଖର୍ଚ୍ଚ ନିଜେ ତୁଲାଇବାକୁ ସମର୍ଥ ହୋଇଥାଏ ସେ ମୁଣ୍ଡ ଉଠାଇ ବାଟ ଚାଲିଥାଏ, ଘର ସଂସାରକୁ ସୁରୁଖୁରୁରେ ଚଳାଇପାରିଥାଏ। ସେହିପରି ଅର୍ଜନକାରୀ ବ୍ୟକ୍ତି ନିଜ ପସନ୍ଦକୁ ଚାହିଁ ଖର୍ଚ୍ଚ କରିବାରେ କୌଣସି ବାଧା ଉପୁଜୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ନିର୍ବାଚନ ପରବର୍ତ୍ତୀ ହିଂସା, ପୋଲିସ ନିଷ୍କ୍ରିୟ

# ଥାନାରେ ରାତିସାରା ଗ୍ରାମବାସୀଙ୍କ ଧାରଣା

ଭଦ୍ରକ ଅଫିସ, ୨୬।୫

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଟିଲୋ ମାଳିସାହି ଅଞ୍ଚଳରେ ନିର୍ବାଚନୀ ହିଂସା ଘଟିବା ପରେ ଉତ୍ତେଜନା ଲାଗିରହିଛି। ଏନେଇ ଉଭୟ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ନିଷ୍କ୍ରିୟ ରହିବାରୁ ଏହାର ପ୍ରତିବାଦରେ ଟିଲୋ ମାଳିସାହିର ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଶନିବାର ରାତିରେ ବନ୍ତ ଥାନାରେ ଧାରଣା ଦେଇଥିଲେ। ସେମାନେ ରାତି ୯ଟାରୁ ଭୋର ପର୍ଯ୍ୟନ୍ତ ଥାନାରେ ବସିରହିଥିଲେ। ଧାମନଗର ଏସ୍‌ଡିପିଓ ମନୋରଞ୍ଜନ ସାମଲ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ସେମାନେ ଧାରଣାରୁ ଓହରିଥିଲେ।

ଥାନାରେ ଧାରଣା ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ନିର୍ବାଚନ ଫଳାଫଳ ଆସିବା ପରେ ଶାସକ ଦଳ ସମର୍ଥିତ କେତେକ ଲୋକ ଗାଁରେ ଗୁଣ୍ଡାଗର୍ଦ୍ଦି କରିବା ଆରମ୍ଭ କରିଥିଲେ। ଟିଲୋ ମାଳିସାହିର ଭାଜପା ସମର୍ଥିତ ଜଣେ ପୂର୍ବତନ ସରପଞ୍ଚଙ୍କ ଦିବ୍ୟାଙ୍ଗ ଝିଅଙ୍କୁ କେତେକ କର୍ମୀ ପ୍ରଥମେ କମେଣ୍ଟ ମାରିଥିଲେ। ଶନିବାର ସକାଳେ ତାଙ୍କ ଉପରେ ଗାଡ଼ି ଚଢ଼ାଇ ମାରିଦେବାକୁ ମଧ୍ୟ ଉଦ୍ୟମ ହୋଇଥିଲା। ଏ ସମ୍ପର୍କରେ ଗ୍ରାମବାସୀ ଓ ପୂର୍ବତନ ସରପଞ୍ଚ ବନ୍ତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିଲା। ପୋଲିସ ଏଭଳି କୋହଳ ମନୋଭାବ ପୋଷଣ ଯୋଗୁ ସାହସ ପାଇ କେତେକ ବ୍ୟକ୍ତି ପୂର୍ବତନ ମହିଳା ସରପଞ୍ଚଙ୍କ ଘରକୁ ଯାଇ ଆକ୍ରମଣ ମଧ୍ୟ କରିଥିଲେ। ଭାଜପା ସମର୍ଥକମାନେ ବିରୋଧ କରିବାରୁ ସେମାନେ ପ୍ରତିଆକ୍ରମଣ କରିଥିଲେ। ଏଭଳି ସ୍ଥିତିରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ପ୍ରତିବାଦରେ ଟିଲୋ ମାଳିସାହି ବାସିନ୍ଦା ଶନିବାର ରାତି ୯ଟା ବେଳେ ଥାନାକୁ ଯାଇ ଧାରଣା ଦେଇଥିଲେ। ଏ ସମ୍ପର୍କରେ ପୋଲିସକୁ ପଚାରିବାରୁ ଉଭୟ ଗୋଷ୍ଠୀ ଏହି ଗଣ୍ଡଗୋଳ ନେଇ ପରସ୍ପର ବିରୋଧରେ ଏତଲା ଦେଇଛନ୍ତି। ଘଟଣାର ତଦନ୍ତ କରାଯାଉଛି। ଗାଁର ପଙ୍କଜିନୀ ଜେନା ଓ ଗ୍ରାମବାସୀଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା(ନଂ.୬୦/୧୯) ହୋଇଥିବା ବେଳେ ଅପରପକ୍ଷର ଗୋଲକ ସାମଲଙ୍କ ଅଭିଯୋଗକୁ ଭିତ୍ତିକରି ଆଉ ଏକ ମାମଲା(ନଂ. ୫୯/୧୯) ରବିବାର ରୁଜୁ ହୋଇଛି। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

## ପୋଲ ତଳକୁ ମୋଟର ସାଇକେଲ ଖସି ୨ ମୃତ

ମାଲକାନଗିରି, ୨୬।୫(ଡି.ଏନ.ଏ.)

ମାଲକାନଗିରି ଜିଲା ଏମ.ଭି-୪୫ ଗ୍ରାମ ନିକଟରେ ଏକ ମୋଟରସାଇକେଲ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ ୨ ଜଣ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ସେମାନେ ହେଲେ ଏମ.ଭି-୫ ଗ୍ରାମର ମନୋଜ ସୋରେନ ଓ ଅତୁଲ ମୁଣ୍ଡା। ମନୋଜ ଓ ଅତୁଲ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଏକ ଦଶାହ କାର୍ଯ୍ୟରେ ଯୋଗଦେବାକୁ ଏମ.ଭି-୪୫ ଗ୍ରାମକୁ ଯାଉଥିଲେ। ଏମ.ଭି-୫ ନିକଟରେ ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡ଼ିଥିଲେ। ଫଳରେ ଘଟଣା ସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ମାଲକାନଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପ୍ରିୟଙ୍କା-ନିକ୍‌ଙ୍କ ଭେଟକୁ ବର୍ଷେ

**ଲଣ୍ଡନ:** ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ତାଙ୍କ ସ୍ୱାମୀ ତଥା ଆମେରିକୀୟ ପପ୍ ଗାୟକ ନିକ୍ ଜୋନ୍‌ସ ରବିବାର ସେମାନଙ୍କ ପ୍ରଥମ ସାକ୍ଷାତର ବର୍ଷପୂର୍ତ୍ତି ପାଳନ କରିଛନ୍ତି। ପ୍ରିୟଙ୍କାଙ୍କ ପାଇଁ ନିକ୍ ଏକ ଭାବାବେଗପୂର୍ଣ୍ଣ ଲେଖା ଲେଖି ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଉଭୟଙ୍କର ବାହାଘର ୨୦୧୮ ଡିସେମ୍ବରରେ ଅନୁଷ୍ଠିତ ହୋଇଥିଲା। ବର୍ଷକ ତଳେ ଏହି ଦିନ ହଲିଉଡ୍‌ରେ 'ବିଉଟି ଆଣ୍ଡ ଦି ବେଷ୍ଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଉକ୍ତ କାର୍ଯ୍ୟକ୍ରମରେ ବହୁ ସେଲିବ୍ରିଟିଙ୍କ ମଧ୍ୟରେ ଯୋଗ ଦେଇଥିଲେ ନିକ୍ ଜୋନ୍‌ସ ଏବଂ ପ୍ରିୟଙ୍କା ଚୋପ୍ରା। ନିକ୍ ପ୍ରଥମ ସାକ୍ଷାତରେ ପ୍ରିୟଙ୍କାଙ୍କୁ ଭଲ ପାଇ ବସିଥିଲେ। ପରବର୍ତ୍ତୀ ପରିସ୍ଥିତିରେ ଉଭୟ ପରସ୍ପରକୁ ଭଲପାଇ ପ୍ରେମବିବାହ କରିଛନ୍ତି। କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରୁ ବାହାରକୁ ଆସୁଥିବା ବେଳର ଏକ ରୋମାଣ୍ଟିକ୍ ଫଟୋଗ୍ରାଫ୍ ପକାଇ ନିକ୍ ଲେଖିଛନ୍ତି, 'ପ୍ରତ୍ୟେକ ଦିନ ତୁମେ ମୋତେ ହସାଅ ଏବଂ ନିଜକୁ ଭଲ ଭାବେ ଉପସ୍ଥାପନ କରିବା ପାଇଁ ମୋତେ ଅନୁପ୍ରେରିତ କର। ତୁମ ସ୍ୱାମୀ ହୋଇ ନିଜକୁ ଧନ୍ୟ ମନେକରୁଛି। ତୁମକୁ ଖୁବ୍ ଭଲ ପାଏ।' ପ୍ରିୟଙ୍କା ମଧ୍ୟ ନିକ୍‌ଙ୍କୁ ଜଣେ ଶ୍ରେଷ୍ଠ ସ୍ୱାମୀ ବୋଲି ସମ୍ବୋଧନ କରିଛନ୍ତି। ଡେଟିଂର ଦୁଇମାସ ପରେ ନିକ୍ ଏବଂ ପ୍ରିୟଙ୍କାଙ୍କ ନିର୍ବନ୍ଧ ୨୦୧୮ ଜୁଲାଇରେ ହୋଇଥିଲା। ଡିସେମ୍ବରରେ ସେମାନଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା।




CLASSIFIED DISPLAY

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ ଜେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

DHARITRI Career appointment Every Wednesday and Saturday

BUSINESS BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
8676907143, 9348274623

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

FINANCE FINANCE

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

FINANCE
ସ୍ୱୀକୃତୀପ୍ରାପ୍ତ ରାମ ଫାଇନାନ୍ସ ଦ୍ୱାରା ମାର୍କସିଟ୍, କୃଷି, ଶିକ୍ଷା, ଆଧାରକାର୍ଡ, ସମ୍ପତି, BPL, ଗୃହ ଓ ବ୍ୟକ୍ତିଗତ ଋଣ ଘରେ ବସି ପାଆନ୍ତୁ।
ବାର୍ଷିକ 1% ସୁଧ
ଏବଂ 50% ଛାଡ
2th floor, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7088207357
9758645827

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 6390091675 8527858125
9454715754

ଖର୍ଚ୍ଚ ଋଣରୁ କଟିବ
Mudra Finance (Govt. Regd)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ସମସ୍ତ ଋଣ
2% ସୁଧ, 40% ରିହାତି।
8278511947
8901142354
JAIN MARKET SOUTH, PART-2, VIGYAN NAGAR, DELHI - 110049
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଫୋନ୍ କରନ୍ତୁ

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929606415
8929609224
SCO- 106, Second Floor, Vishal Tower, Cannaught Place, Delhi.

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ ନ କରି ନିଜ ବୁଦ୍ଧିରେ କର।
- ଏଡ୍‌ୱାର୍ଥ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଅଭିନନ୍ଦନ ଉତ୍ସବର ଉଦ୍‌ଘାଟନ, କ୍ରିୟାଯୋଗ ଆଶ୍ରମ, ଭିଏସ୍ଏସ୍ ନଗର, ସନ୍ଧ୍ୟା ୬ଟା ୩୦।
- ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ୍ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଲୁପ୍ତପ୍ରାୟ ଲୋକକଳା ଉତ୍ସବ, ମୁକ୍ତ ମଞ୍ଚ, ଖାରବେଳ ନଗର, ସନ୍ଧ୍ୟା ୬ଟା ୩୦।
- ନୃତ୍ୟ ଏକାଡେମୀ ଦେବଦାସୀର ୧୫ତମ ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନ ଅନୁଷ୍ଠାନ ପକ୍ଷରୁ ଦ୍ୱିତୀୟ ନାଟ୍ୟ ଉତ୍ସବ, ଭଞ୍ଜକଳା ମଣ୍ଡପ, ରାତି ୭ଟା।

**ଖୋର୍ଦ୍ଧା**

- କାଇପଦର ମହୋତ୍ସବର ୩ୟ ସନ୍ଧ୍ୟାରେ ପାଇକ ଆଖଡା ଓ ଲୋକାଲ ଡ୍ୟାନ୍ସ ସମାରୋହ, କାଇପଦର, ରାତ୍ର ୭ଟା।

**ବାଲିଅନ୍ତା**

- ଚନ୍ଦନ ଯାତ୍ରା ଉପଲକ୍ଷେ ମାଗଣା ଯାତ୍ରା ପରିବେଷଣ, ହରିଦାସପୁର ସପ୍ତେଶ୍ୱର ମନ୍ଦିର ନିକଟ, ରାତି ୧୧ଟା।

**ସାକ୍ଷୀଗୋପାଳ**

- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ପୂର୍ଣ୍ଣାହୁତି ଯଜ୍ଞ, ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସନ୍ଧ୍ୟା ୬ଟା।
- ଚନ୍ଦନ ଯାତ୍ରା ହଳଦୀ ପାଣି ଓ ଲାଖବିନ୍ଧା ନୀତି, ଚନ୍ଦନପୋଖରୀ, ରାତି ୮ଟା।

## ଅଲାରନାଥଙ୍କ ସର୍ବାଙ୍ଗ ଚନ୍ଦନ ବେଶ



ବ୍ରହ୍ମଗିରି, ୨୬।୫(ଡି.ଏନ୍.ଏ.): ମହାପ୍ରଭୁ ଅଲାରନାଥଙ୍କର ରବିବାର ଚନ୍ଦନ ଯାତ ଓ ଭଉଁରୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମହାପ୍ରଭୁଙ୍କୁ ସର୍ବାଙ୍ଗ ଚନ୍ଦନ ବେଶ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ୧୦କିଲୋ ଚନ୍ଦନ ଯୋଗାଇ ଦିଆଯାଇଥିଲା। ପରେ ଅଲାରନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ପାଲିଙ୍କିରେ ନିଆଯାଇ ଚନ୍ଦନ ପୁଷ୍କରିଣୀକୁ ନିଆଯାଇଥିଲା। ସେଠାରେ ୨୧ଘେରା ଚାପ ଖେଳିଥିଲେ। ମହାପ୍ରଭୁଙ୍କ ବେଶ ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

## ୩୦ରେ ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ବୈଠକ

ପୁରୁଣା ଭୁବନେଶ୍ୱର, ୨୬।୫ (ଡି.ଏନ.ଏ.): ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଆସନ୍ତା ଜୁନ୍ ୮ରେ ଅନୁଷ୍ଠିତ ହେବ। ଜୁନ୍ ୭ ତାରିଖରେ ମା' ପାର୍ବତୀ ଏବଂ ଶ୍ରୀଲିଙ୍ଗରାଜଙ୍କ ଶିବ ବିବାହ ଉତ୍ସବ ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ। ବିଧି ମୁତାବକ ଶ୍ରୀଲିଙ୍ଗରାଜ ମନ୍ଦିରରୁ ଦେବ ଦମ୍ପତି କେଦାରଗୌରୀ ମନ୍ଦିର ଯାତ୍ରା କରିବେ। ତେଣୁ ଏଭଳି ଏକ ଆଧାତ୍ମିକ ଦେବ ଉତ୍ସବ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଆରମ୍ଭ ହୋଇଛି। ଆସନ୍ତା ୩୦ ତାରିଖରେ ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା ପାଇଁ ସମସ୍ତ ନିଯୋଗ ପ୍ରମୁଖ, ସେବାୟତଙ୍କୁ ନେଇ ପ୍ରଶାସନ ଅଧିକାରୀମାନଙ୍କ ଉପସ୍ଥିତିରେ ପ୍ରସ୍ତୁତି ବୈଠକ ଆୟୋଜନ କରାଯିବାର ସମୟ ସ୍ଥିର କରାଯାଇଥିବା ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି। ଏହି ବୈଠକ ବୋର୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି କୁହାଯାଇଛି।

**ରଥ ଖଳାରୁ**



ପୁରୀ ରଥଖଳାରେ ପୂଜାପଣ୍ଡା ସାମନ୍ତ ତିନି ରଥର ଚକରେ ଆଜ୍ଞାମାଳ ବିଜେ କରୁଛନ୍ତି।

# ଚକା ଡେରା ନୀତି ସମ୍ପନ୍ନ

**ପୁରୀ ଅଫିସ, ୨୬।୫**

ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଭଉଁରି ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରଥଖଳାରେ ମହାପ୍ରଭୁଙ୍କ ତିନି ରଥର ଚକା ଡେରା ନୀତି ସମ୍ପନ୍ନ ହୋଇଛି। ତିନି ରଥର ଦୁଇଟି ଲେଖାଏଁ ଚକ ସହ ଅଖ ସଂଯୋଗ କରାଯାଇଛି। ସକାଳେ ରଥଖଳାରେ କମାର ସେବକମାନେ ୬ଟି ଚକରେ ପନ୍ଦାରୀରେ ଯୋଳା ବାଡେଇଥିଲେ। ଶ୍ରୀମନ୍ଦିର ନିକଟସ୍ଥ କୂଅରୁ ପାଣି ଅଣାଯାଇ ଡେରା ପାଇଁ ରହିଥିବା ଚକ ଓ ଅଖକୁ ସ୍ନାନ କରାଯାଇଥିଲା। ଶ୍ରୀମନ୍ଦିର ସକାଳ ଧୂପ ନୀତି ୯ଟା ୪୫ରେ ବଢ଼ିଥିଲା। ୧୦ଟାରେ ଆଜ୍ଞାମାଳ ବିଜେ ହୋଇଥିଲା। ତିନି ବଡ଼ ପୂଜାପଣ୍ଡା ସାମନ୍ତ ପଟୁଆରରେ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ୭ଟି ଆଜ୍ଞାମାଳ ନେଇ ରଥଖଳାରେ ପହଞ୍ଚିଥିଲେ। ଭୋଇ ସେବକମାନେ ପ୍ରଥମେ ଚକ ସହିତ ତାଳଧ୍ୱଜ ରଥର ଅଖ ସଂଯୋଗ କରି ଡେରିଥିଲେ। ପରେ ନନ୍ଦିଘୋଷ ଓ ଶେଷରେ ଦର୍ପଦଳନ ରଥର ଚକ ଡେରା ସମ୍ପନ୍ନ ହୋଇଥିଲା। ଏହି ନୀତି ଦେଖିବା ପାଇଁ ରଥଖଳାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ଜୟ ଜଗନ୍ନାଥ, ହରିବୋଲ ଧ୍ୱନିରେ ରଥଖଳାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଚକା ଡେରା ହେବା ପରେ ବଡ଼ବାଡ଼ର ହରିହର ପୂଜାପଣ୍ଡା, ନନ୍ଦିଘୋଷର ଭୁବନ ମୋହନ ପୂଜାପଣ୍ଡା ଓ ସାନବାଡ଼ର ରାମନାରାୟଣ ପୂଜାପଣ୍ଡା କ୍ରମାନ୍ୱୟରେ ଡେରା ଯାଇଥିବା ଚକରେ ଅଜ୍ଞାମାଳ ଦେଇଥିଲେ। ଏହାପରେ ତିନି ରଥର ମୁଖ୍ୟ ବିଶ୍ୱକର୍ମା ମହାପ୍ରଭୁଙ୍କୁ ପ୍ରଣାମ କରି ରଥ ଚକରେ ଲାଗି ଆଜ୍ଞାମାଳ କାଢ଼ି ମା'ଚର୍ଚ୍ଚିକାଙ୍କ ପୀଠକୁ ନେଇ ଲାଗି କରିଥିଲେ। ରଥ ନିର୍ମାଣ ବେଳେ ମହାରଣା, ରୂପକାର ଆଦି ସେବକ ବହୁ ଉଚ୍ଚକୁ ଚଢ଼ି କାର୍ଯ୍ୟ କରନ୍ତି। ଏହି ସମୟରେ ମା'ଙ୍କ କୃପା ଏମାନଙ୍କ ଉପରେ ରହିଥାଏ।

**ତିନି ରଥର ଚକରେ ଲାଗିଲା ଅଖ**



**ଶ୍ରୀକ୍ଷେତ୍ରରେ ଭଉଁରି ଯାତ**





# ୨୧ ଘେରା ଚାପ ଖେଳିଲେ ମହାପ୍ରଭୁ

**ପୁରୀ ଅଫିସ, ୨୬।୫**

ଭଉଁରି ଏବଂ ନରେନ୍ଦ୍ର ପୁଷ୍କରିଣୀରେ ଚାପ ପାଇଁ ରବିବାର ଶ୍ରୀକ୍ଷେତ୍ର ଉତ୍ସବ ମୁଖର ହୋଇଉଠିଥିଲା। ଆତସବାଜି ଆଲୋକ ସଜ୍ଜାରେ ଝଲସି ଉଠିଥିଲା ପରିବେଶ। ସଂକୀର୍ତ୍ତନ, ଭଜନ, ଜଣାଣ ଏବଂ ମହାପ୍ରଭୁଙ୍କ ଜୟ ଜୟକାରରେ ସୃଷ୍ଟି ହୋଇଥିଲା ଆଧାତ୍ମିକ ବାତାବରଣ। ପଞ୍ଚ ପାଣ୍ଡବଙ୍କୁ ସାଥିରେ ନେଇ ମହାପ୍ରଭୁ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡା କରିଥିଲେ। ଭଉଁରି ଲାଗି ଠାକୁର ୨୧ଘେରା ଚାପ ଖେଳିଥିଲେ। ଏହି ଅବସରରେ ମଦନମୋହନଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଥିଲା। ସୋମବାର ବାହାର ଚନ୍ଦନ ବେଶ ହେବ। ଏହି ଦିନ ନରେନ୍ଦ୍ର ପୁଷ୍କରିଣୀରେ ହଳଦୀ ପାଣି ନୀତି ସମ୍ପନ୍ନ ହେବ।

ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଛି ଚନ୍ଦନ ଯାତ୍ରା, ବାହାର ଚନ୍ଦନର ୨୦ଦିନରେ ପାଳିତ ହୁଏ ଶ୍ରୀକ୍ଷେତ୍ର ଭଉଁରି। ଏଥିପାଇଁ ଭୋର ୩ଟା ୪୫ରେ ଦ୍ୱାର ଫିଟାଯାଇ ୪ଟା ୫୦ରେ ମଙ୍ଗଳ ଆଳତି ବଢ଼ିଥିଲା। ଗୋପାଳ ବଲ୍ଲଭ ଓ ସକାଳ ଧୂପ ପରେ ରଥ ଚକ ଡେରା ନୀତି ଲାଗି ଆଜ୍ଞାମାଳ ବିଜେ ହୋଇଥିଲା। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ଆଣି ବିମାନରେ ବିଜେ କରାଇଥିଲେ। ବିମାନବଡୁମାନେ ଘଣ୍ଟ, ଛତା, କାହାଳି ସହ ମହାପ୍ରଭୁଙ୍କୁ ଅପରାହ୍ନରେ ୩ଟା ୪୫ରେ ବଡ଼ଦାଣ୍ଡକୁ ଓହ୍ଲାଇଥିଲେ। ଆଗରେ ଥିଲେ ଚକ୍ରରାଜ ସୁଦର୍ଶନ। ମହାପ୍ରଭୁଙ୍କ ସହିତ ପଞ୍ଚ ମହାଦେବ। ପାରମ୍ପରିକ ଲୋକ କଳା, ଓଡ଼ିଶୀ ନୃତ୍ୟ, ସଂକୀର୍ତ୍ତନ ହଳଦିଆ ରଙ୍ଗର ଧ୍ୱଜା ସହିତ ବିଶାଳ ଶୋଭାଯାତ୍ରାରେ ସିଂହଦ୍ୱାରରୁ ବାହାରି ମହାପ୍ରଭୁ ନରେନ୍ଦ୍ର ଚନ୍ଦନ ଚକଡାରେ ପହଞ୍ଚିଥିଲେ। ଚକଡାରେ ଭିତରଚ୍ଛ ମହାପାତ୍ର ମହାପ୍ରଭୁଙ୍କ ବଳଲାଗି କରିଥିଲେ। ଏହାପରେ ଅପରାହ୍ନ ୫ଟାରେ ଚାପ ଆରମ୍ଭ ହୋଇଥିଲା। ପୁଷ୍କରିଣୀରେ ଠାକୁର ନନ୍ଦା ଓ ଭଦ୍ରା ଚାପରେ ଗୋଟିଏ ଘେରା ପରିକ୍ରମା କରିଥିଲେ। ଦିନ ଚାପ ସାରି ମହାପ୍ରଭୁ ଚନ୍ଦନ କୁଣ୍ଡକୁ ବିଜେ ହୋଇଥିଲେ। ଚନ୍ଦନ କୁଣ୍ଡରୁ ଉଠିବାପରେ ଚନ୍ଦନ ମଣ୍ଡପ ଗର୍ଭଗୃହକୁ ବିଜେ କରିଥିଲେ। ସେଠାରେ ସାଦା ବେଶ ହୋଇ ଶୀତଳ ଭୋଗ ବଢ଼ିଥିଲା। ମହାପ୍ରଭୁ ଜଗତି ଉପରକୁ ବିଜେ ହୋଇଥିଲେ। ସେଠାରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ହୋଇଥିଲା। ମହାପ୍ରଭୁ ପୁଣି ଚନ୍ଦନ ଗର୍ଭଗୃହକୁ ବିଜେ କରିଥିଲେ। ସେଠାରେ ମାଣ୍ଡୁଆ ଭୋଗ ହୋଇଥିଲା। ଭିତରଚ୍ଛ ମହାପାତ୍ର ବନ୍ଦାପନା କରିବା ସହିତ ବିଡ଼ିଆ ମାଣୋହି କରିଥିଲେ। ଏହାପରେ ମହାଜନ ସେବକମାନେ ରାତ୍ରି ଚାପ ଲାଗି ମହାପ୍ରଭୁଙ୍କୁ ନନ୍ଦା ଭଦ୍ରାକୁ ବିଜେ କରାଇଥିଲେ। ନନ୍ଦାରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଭଦ୍ରାରେ ଚକ୍ରରାଜ ସୁଦର୍ଶନ, ରାମକୃଷ୍ଣ ଓ ପଞ୍ଚ ମହାଦେବ ବସି ନରେନ୍ଦ୍ରରେ ଚାପ ଖେଳିଥିଲେ। ଚାପ ଖେଳ ସରିବା ପରେ ଠାକୁର ବାହୁଡା ବିଜେ କରିଥିଲେ।

**ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ**



ଶ୍ରୀଜୀଉମାନେ ନରେନ୍ଦ୍ର ପୁଷ୍କରିଣୀରେ ଚାପରେ ବସି ଭଉଁରି ଖେଳୁଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କ୍ଷୁଦ୍ର କଳାକୃତିକୁ ଶିଳ୍ପୀ ଏଲ୍. ଈଶ୍ୱର ରାଓ ରବିବାର ସୂଚନା ଭବନରେ ପ୍ରଦର୍ଶନ କରୁଛନ୍ତି।

# କାଠଯୋଡ଼ିରେ ବୁଡି ଇଞ୍ଜିନିୟରିଂ ଛାତ୍ର ନିଖୋଜ

**ବାରଙ୍ଗ,୨୬।୫(ଡି.ଏନ୍.ଏ.)**

ନରାଜ ଗ୍ରାମର ଆନିକଟ ପାଖ କାଠଯୋଡିରେ ରବିବାର ଦ୍ୱିପ୍ରହରରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜର ୫ଜଣ ଛାତ୍ର ଗାଧୋଉଥିବାବେଳେ ଭାସିଯାଇ ଜଣେ ବୁଡିଯାଇ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ଅନ୍ୟ ଚାରିଜଣଙ୍କୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ପରେ ଅଗ୍ନିଶମ ବିଭାଗ ସହ ଏନଡିଆରଏଫ ଟିମ ପହଞ୍ଚି ୮ଘଣ୍ଟା ଧରି ଉଦ୍ଧାର କାର୍ଯ୍ୟ ଜାରି ରଖିଥିବାବେଳେ ନିଖୋଜ ଛାତ୍ରଙ୍କୁ ଉଦ୍ଧାର କରିପାରିନାହାନ୍ତି। ନିଖୋଜ ଛାତ୍ର ଜଣକ ହେଲେ ଝାଡଖଣ୍ଡର ବିକି କୁମାର (୨୨)। ସେ ଚନ୍ଦ୍ରଶେଖରପୁର ଥାନା ଅଧୀନ ଚୌଦ୍ୱାର-ଟାଙ୍ଗୀ ଡ୍ରିମ୍ସ କଲେଜରେ ଯୁକ୍ତ୩ର ବିସିଏ ପଢୁଥିବା ୨ୟବର୍ଷର ଛାତ୍ର।

ପ୍ରକାଶ ଯେ, ମଧ୍ୟାହ୍ନ ୧୨ଟା ବେଳେ ବିକି ସହ ଉକ୍ତ ଡ୍ରିମ୍ସ କଲେଜରେ ପଢୁଥିବା ଝାଡଖଣ୍ଡର ସୂରଜ କୁମାର ମଣ୍ଡଳ ଓ ଅନ୍ୟ ତିନି ଟିଟିଲାଗଡର କୁନାଲ ବେହେରା, ଝାଡଖଣ୍ଡର ସପନ କୁମାର ଓ ଅଶୋକ୍ କୁମାର ବାସ୍କେ ମିଶି କାଠଯୋଡି ନଦୀ ପୁରୁଣାବୁଢ଼ା ବନ୍ଧ ନିକଟରେ ଗାଧୋଇବା ପାଇଁ ଆସିଥିଲେ। ଗାଧୋଇବା ବେଳେ ହଠାତ୍ ଅସାବଧାନତାବଶତଃ ମହାନଦୀର ପ୍ରଖର ସ୍ରୋତରେ ସେମାନେ ଭାସିଯାଇଥିଲେ। ଏହାଦେଖି ସେଠାରେ ଥିବା ଗ୍ରାମବାସୀ ୪ଜଣ ଯୁବକଙ୍କୁ ଉଦ୍ଧାର କରିଥିବାବେଳେ ବିକିକୁ ଖୋଜିବାରୁ ସେ ପାଣିର ଅଧିକ ଗଭୀରକୁ ଚାଲିଯାଇଥିଲେ। ଫଳରେ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଜଣାଇବାରୁ ଖବରପାଇ ସିଡିଏରୁ କମଳକାନ୍ତଙ୍କ ନେତୃତ୍ୱରେ ଏକ ସାତଜଣିଆ ଦମକଳ ବାହିନୀ ଆସି ଖୋଜିଥିଲେ। କିନ୍ତୁ ବିକିକୁ ନ ପାଇ ପରେ ବାରଙ୍ଗ ଦମକଳ ବାହିନୀ ଓ ଏନଡିଆର୍ଏଫ ଟିମ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ପ୍ରାୟ ୮ଘଣ୍ଟା କାଳ ପର୍ଯ୍ୟନ୍ତ ଖୋଜାଖୋଜି କରିବା ପରେ ମଧ ବିକିଙ୍କ କୌଣସି ଖବର ମିଳିପାରି ନାହିଁ। ପରେ ସ୍ଥାନୀୟ ଗୋଡିସାହି ଫାଣ୍ଡି ପୋଲିସ ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ।





# ବିଦ୍ୟୁତ୍ ଆଘାତରେ ବୃଦ୍ଧ ମୃତ

**ବାଲିଅନ୍ତା,୨୬।୫(ଡି.ଏନ୍.ଏ.)**

ବାଲିଅନ୍ତା ଥାନା ଅଧୀନ ଚିଙ୍ଗୁଡିଆ ଗ୍ରାମର ବାସୁଦେବ ସାମନ୍ତରାୟ(୬୦)ଙ୍କ ରବିବାର ସନ୍ଧ୍ୟାରେ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ବାସୁଦେବ ନିଜ ଘରେ ଏକ ପ୍ଲଗ ସଜାଡୁଥିବା ବେଳେ ହଠାତ ବିଦ୍ୟୁତ ଆଘାତ ଲାଗିଯାଇଥିଲା। ଫଳରେ ସେ ଛିଟିକି ପଡିଯିବାରୁ ତାଙ୍କ ମୁଣ୍ଡ କାନ୍ଥରେ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ। ସୋମବାର ମୃତକଙ୍କ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଆଜାଦ



ସୁନୀଲ



ସୀତାଞ୍ଜଳି



ବିଭୁପ୍ରସାଦ



ସ୍ନେହାଶିଷ



ସୋନାଲି



ଜୟଶ୍ରୀ



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।

- ଡାୟୋଜିନିସ୍



## ସଂକ୍ଷେପରେ

### ସୁରଟ ଅଘଟଣ ପରେ ସଜାଗ ହେଲା ଅଗ୍ନିଶମ ବିଭାଗ

## ଆଜିଠୁ ଯାଞ୍ଚ ହେବ କୋଚିଂ ସେଣ୍ଟର

**କଟକ ଅଫିସ,୨୬ା୫:** ଗୁଜରାଟର ସୁରଟ୍‌ସ୍ଥିତ ଏକ କୋଚିଂ ସେଣ୍ଟରରେ ଗତ ଶୁକ୍ରବାର ନିଆଁ ଲାଗିଯିବାରୁ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ସଜାଗ ହୋଇଛି ଅଗ୍ନିଶମ ବିଭାଗ। ଆଗାମୀ ଦିନରେ କଟକରେ ଏଭଳି କିଛି ଅଘଟଣ ନ ଘଟୁ ସେଥିପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଅଗ୍ନିଶମ ବିଭାଗ ପକ୍ଷରୁ ସୋମବାର ବିଭିନ୍ନ ଅଞ୍ଚଳରେ ଯାଞ୍ଚ ହେବ। କଟକ ଅଗ୍ନିଶମ ବିଭାଗ ଏଏଫ୍‌ଓ ଅବନୀ ସ୍ୱାଇଁ କହିଛନ୍ତି, ସୋମବାର ସକାଳ ୮ଟାରୁ କଟକର ୯ଟି ଅଞ୍ଚଳରେ ଥିବା କୋଚିଂ ସେଣ୍ଟରରେ ଯାଞ୍ଚ କରାଯିବ। ତେବେ କେତୋଟି ଟିମ୍ କେଉଁ ଜାଗାକୁ ଯିବ ତାହା ସୋମବାର ଅଗ୍ନିଶମ ବିଭାଗ ଡିଜି ନିର୍ଦ୍ଦେଶ ଦେବେ। ନିର୍ଦ୍ଦେଶ ମିଳିବା ମାତ୍ରେ ଚଢ଼ାଉ କରାଯିବ। ଯେଉଁଠି ଅଗ୍ନି ନିର୍ବାପକ ବ୍ୟବସ୍ଥା ନାହିଁ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ନିମାପଡ଼ା,୨୬ା୫(ଡି.ଏନ୍.ଏ.):** ନିମାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ସେହି ଗ୍ରାମର ଜଣେ ଯୁବକ ଶନିବାର ରାତିରେ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ଉକ୍ତ ନାବାଳିକା ଛାତ୍ରୀଜଣକ ନିମାପଡ଼ା ଅଞ୍ଚଳର ଏକ କଲେଜର ଯୁକ୍ତ୨ ପ୍ରଥମ ବର୍ଷର ଛାତ୍ରୀ ଅଟନ୍ତି। ସେ ଶନିବାର ସକାଳେ ସ୍ଥାନୀୟ ଏକ କୋଚିଂ ସେଣ୍ଟରକୁ ଟ୍ୟୁଶନ ପାଇଁ ଆସିଥିବାବେଳେ ଉକ୍ତ ଯୁବକ ଜଣକ ଅପହରଣ କରିନେଇଥିଲେ। ପରେ ଛାତ୍ରୀଜଣକ ସନ୍ଧ୍ୟାସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ଶେଷରେ ନିରାଶ ହୋଇ ଛାତ୍ରୀଙ୍କ ବାପା ଏହି ଅଞ୍ଚଳର ଜଣେ ଯୁବକଙ୍କ ଉପରେ ସନ୍ଦେହ କରି ଝିଅକୁ ଅପହରଣ କରିନେଇଥିବା ନେଇ ରାତିରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଅପହରଣକାରୀ ଯୁବକ ଜିତୁନା ବେହେରାଙ୍କ ବିରୋଧରେ କେସ ନଂ ୧୨୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ୨ ଛାତ୍ରଙ୍କ ଜୀବନ ନେଇଥିବା ଡ୍ରାଇଭର ଗିରଫ

**ଭୁବନେଶ୍ୱର,୨୬ା୫(ବ୍ୟୁରୋ)-** ନୟାପଲ୍ଲୀ ଥାନା ଫାୟାରଷ୍ଟେଶନ ଛକ କାଳୀ ମନ୍ଦିର ନିକଟରେ ଶନିବାର ଦୁର୍ଘଟଣା ପରେ ରାସ୍ତାକୁ ଛିଟିକି ପଡିଥିବା ଦୁଇ ଛାତ୍ରଙ୍କ ଉପରେ ଟ୍ରକ୍ ଚଢ଼ିଯିବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଗୁରୁତର ଆହତ ହୋଇ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ପୋଲିସ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ବିଜୟୱାଡ଼ା ଅଞ୍ଚଳର ଆର୍. ଶ୍ରୀକାନ୍ତ। ସୂଚନା ମୁତାବକ, ବରମୁଣ୍ଡାର ଚନ୍ଦ୍ରାଂଶୁପତି ମିଶ୍ର (୨୦), ଖଣ୍ଡଗିରି ପାତ୍ରପଡା ଅଞ୍ଚଳର ଗିରିଜା ଶଙ୍କର ଦାଶ(୧୭) ଓ କୋଲଥିଆର ସୌମ୍ୟକେତନ ସାହୁ ଏକ ସ୍କୁଟିରେ ବାଣୀବିହାର ପଟୁ ବରମୁଣ୍ଡା ଅଭିମୁଖେ ଯାଉଥିଲେ। ଗାଡି ଚଳାଉଥିବା ସୌମ୍ୟରଞ୍ଜନ ଭାରସାମ୍ୟ ହରାଇବାରୁ କାଳୀ ମନ୍ଦିର ନିକଟରେ ସ୍କୁଟିଟି ଡିଭାଇଡରରେ ପିଟି ହୋଇଯାଇଥିଲା। ଫଳରେ ତିନିଜଣ ଡିଭାଇଡର ଡେଇଁ ଅପରପାର୍ଶ୍ୱ ରାସ୍ତାରେ ଛିଟିକି ପଡିଥିଲେ। ଏହି ସମୟରେ ବରମୁଣ୍ଡାରୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍‌ଟି ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଘଟଣା ସ୍ଥଳରେ ଚନ୍ଦ୍ରାଂଶୁ ଓ ଗିରିଜାଙ୍କର ମୃତ୍ୟୁ ଘଟିଥିବାବେଳେ ସୌମ୍ୟରଞ୍ଜନଙ୍କ ଗୋଡ଼ ଉପରେ ଚକ ଚଢ଼ିଯାଇଥିବାରୁ ସେ ଗୁରୁତର ଆହତ ହୋଇଥିଲେ।

# ଡାକ୍ତରଙ୍କ ଖାମଖିଆଲରୁ ଚାଲିଗଲା ଜୀବନ

**ଭୁବନେଶ୍ୱର,୨୬ା୫(ବ୍ୟୁରୋ)**

- ମହିଳାଙ୍କ ମୃତ୍ୟୁକୁ ନେଇ ଘରୋଇ ମେଡିକାଲରେ ଉତ୍ତେଜନା
- ଡାକ୍ତରଙ୍କ ନାମରେ ମାମଲା
- ପୋଲିସକୁ ଦୁର୍ବ୍ୟବହାର ନେଇ ଜଣେ ଗିରଫ

ଡାକ୍ତରଙ୍କୁ ଭଗବାନ ବୋଲି କୁହାଯାଏ। ହେଲେ ଡାକ୍ତରଙ୍କ ଖାମଖିଆଲରୁ ଜଣେ ମହିଳାଙ୍କ ଜୀବନ ଯାଇଛି। ଏହି ଘଟଣାକୁ ନେଇ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଏକ ଘରୋଇ ମେଡିକାଲରେ ଉତ୍ତେଜନା ଦେଖିବାକୁ ମିଳିଛି। ମୃତ୍ୟୁ ପାଇଁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଦାୟୀ କରି ମହିଳାଙ୍କ ସ୍ୱାମୀ ଓ ସମ୍ପର୍କୀୟମାନେ ହସ୍ପିଟାଲରେ ହୋହଲ୍ଲା କରିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ହସ୍ପିଟାଲରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ହାବିଲ୍‌ଦାର ନବକିଶୋର ସ୍ୱାଇଁଙ୍କୁ ଠେଲାପେଲା କରାଯାଇଥିବା ଅଭିଯୋଗ ହୋଇଛି। ତେବେ ମହିଳାଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଡାକ୍ତରଙ୍କ ନାମରେ ଥାନାରେ ମାମଲା ରୁଜୁ କରାଯାଇଥିବାବେଳେ ପୋଲିସକୁ ଦୁର୍ବ୍ୟବହାର ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି।

ସୂଚନା ମୁତାବକ, ତାମିଲନାଡୁ ଅଞ୍ଚଳର ମୁଥୁ ସାଲ୍‌ଭେମ ନାମକ ଯୁବକ ନହରକଣ୍ଟା ଅଞ୍ଚଳରେ ରହି ଜଣେ ଠିକାଦାରଙ୍କ ଅଧୀନରେ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ମୁଥୁଙ୍କ କହିବା କଥା, ଗତ ୨ ଦିନ ତଳେ ୪ ମାସର ଗର୍ଭବତୀ ସ୍ତ୍ରୀ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ହାଇଟେକ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ନରହରି ବେହେରା ଅପରେଶନ ମାଧ୍ୟମରେ ଗର୍ଭପାତ କରାଇଥିଲେ। ଶନିବାର ଡାକ୍ତର ତାଙ୍କୁ ଘରକୁ ଫେରିଯିବାକୁ କହିଥିଲେ। ମୁଥୁ ସ୍ତ୍ରୀଙ୍କୁ ଧରି ଘରେ ପହଞ୍ଚିବାର କିଛି ସମୟ ପରେ ପେଟରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ। ତେଣୁ ସେ ଏ ସମ୍ପର୍କରେ ଜଣାଇବାରୁ ଡାକ୍ତର ତାଙ୍କୁ ମୋବାଇଲ୍ ଫୋନ୍‌ରେ ମେଡିସିନ ମେସେଜ କରିଥିଲେ। ହେଲେ ଉକ୍ତ ମେଡିସିନ ଖାଇବା ପରେ ମୁଥୁ ସ୍ତ୍ରୀଙ୍କର ଦେହ ଅଧିକ ଖରାପ ହୋଇଯାଇଥିଲା। ତାଙ୍କୁ ତୁରନ୍ତ ଉକ୍ତ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମୁଥୁଙ୍କ ସମ୍ପର୍କୀୟ ଓ ସେ ରହୁଥିବା ନହରକଣ୍ଟାର କେତେଜଣ ଯୁବକ ମେଡିକାଲ ପରିସରରେ ପହଞ୍ଚି ହୋହଲ୍ଲା କରିଥିଲେ। ଏଥିପାଇଁ ଡାକ୍ତର ଅବହେଳାକୁ ଦାୟୀ କରି ଜୋର୍‌ରେ ପାଟିକରିଥିଲେ। କେଉଁ ପରିସ୍ଥିତିରେ ଡାକ୍ତର ଅପରେଶନର ଗୋଟିଏ ଦିନ ପରେ ମହିଳାଙ୍କୁ ଘରକୁ ପଠାଇ ଦେଲେ ଏବଂ ରୋଗୀଙ୍କର ଅବସ୍ଥା ନ ଦେଖି ମେସେଜରେ ମେଡିସିନ ଖାଇବାକୁ କହିଲେ ବୋଲି ପ୍ରଶ୍ନ କରି ନହରକଣ୍ଟା ଗଡ଼ସାହିର ସଂଗ୍ରାମ କେଶରୀ ଜେନା ଓରଫ ବିକି ଉକ୍ତ ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହ ହସ୍ପିଟାଲ ନାମରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରି ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲା। ହେଲେ ବିକି ସମ୍ପୃକ୍ତ ଡାକ୍ତରଙ୍କୁ ଗିରଫ କରିବାକୁ ଦାବି କରିବା ସହ ଗାଳି ଗୁଲଜ କରିଥିଲେ। ବିକିଙ୍କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଥିବାବେଳେ ସେ ହାବିଲଦାର ନବ କିଶୋର ସ୍ୱାଇଁଙ୍କୁ ଠେଲାପେଲା କରିଥିଲେ। ଏ ନେଇ ନବଙ୍କ ଅଭିଯୋଗକ୍ରମେ ପୋଲିସ ୨୦୧/୧୯ରେ ଏକ ମାମଲା ରୁଜୁ କରି ବିକିଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା। ସେହିଭଳି ମୃତା ମହିଳାଙ୍କ ସ୍ୱାମୀ ମୁଥୁଙ୍କ ଅଭିଯୋଗକ୍ରମେ ପୋଲିସ ଡାକ୍ତର ନରହରି ବେହେରାଙ୍କ ନାମରେ ୨୦୦/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।




ମହାନଦୀ ଫେଷ୍ଟିଭାଲରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# ଚିତ୍ରରେ ଡାଇନୋସର୍



ଚିତ୍ରକଳା ଓ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତାରେ ଭାଗ ନେଇଥିବା କୁନି ପିଲାମାନେ।

**ଭୁବନେଶ୍ୱର,୨୬ା୫(ବ୍ୟୁରୋ)**

ଏସ୍‌ପ୍ଲାନେଡ୍ ୱାନ୍ ମଲ୍ ପକ୍ଷରୁ ରବିବାର ରସୁଲଗଡ଼ସ୍ଥିତ ମଲ୍ ପରିସରରେ କୁନି କୁନି ପିଲାଙ୍କୁ ନେଇ ଚିତ୍ରକଳା ଓ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପିଲା ଚିତ୍ରକଳା ପ୍ରତିଯୋଗିତାରେ ନିଜ ପ୍ରତିଭା ଦେଖାଇଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ପିଲା ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୃଥିବୀ ପୃଷ୍ଠରୁ ଲୋପ ପାଇଯାଇଥିବା ପ୍ରାଣୀ ଡାଇନୋସର୍ ଉପରେ ପିଲାମାନେ ଚିତ୍ର ଆଙ୍କିଥିଲେ। କାର୍ଯ୍ୟକ୍ରମର ଥିମ୍ 'ପ୍ରକୃତି'କୁ ନେଇ ଭିନ୍ନ ଭିନ୍ନ ଶୈଳୀରେ ଚିତ୍ରାଙ୍କନ କରିଥିଲେ। ସେହିଭଳି ଫ୍ୟାଶନ ଶୋ' ଇଭେଣ୍ଟରେ କୁନି କୁନି ପିଲା ଆକର୍ଷଣୀୟ ପୋଷାକ ପିନ୍ଧି ର୍‍ୟାମ୍ପ୍‌ରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ମଲ୍ ପରିସରରେ ବୁଲୁଥିବା ଏକ ବେବି ଡାଇନୋସର୍ ସମସ୍ତଙ୍କ ଆକର୍ଷଣ ସାଜିଥିଲା। ଆସନ୍ତା ଏକମାସ ପର୍ଯ୍ୟନ୍ତ ଏହି ଡାଇନୋସର୍‌କୁ ମଲ୍ ପରିସରରେ ପ୍ରଦର୍ଶନ କରାଯିବ ବୋଲି ଏସ୍‌ପ୍ଲାନେଡ୍‌ର ମାର୍କେଟିଂ ହେଡ୍ ଶ୍ୟାମା ଝା କହିଛନ୍ତି। ଆସନ୍ତା ସପ୍ତାହରେ ଡାଇନୋସର୍ ଉପରେ ଏକ କର୍ମଶାଳା ଆୟୋଜନ ହେବା ସହ ଏହାକୁ ନେଇ ଓପନ୍ ମାଇକ୍ ଇଭେଣ୍ଟ ଅନୁଷ୍ଠିତ ହେବ।

## ଲିଫ୍ଟ ବେସ୍‌ରେ ନିଆଁ, ଦୌଡ଼ିଲେ କର୍ମଚାରୀ

**ଭୁବନେଶ୍ୱର,୨୬ା୫(ବ୍ୟୁରୋ):** ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଏକ ଖବରକାଗଜ ସଂସ୍ଥା କାର୍ଯ୍ୟାଳୟର ଲିଫ୍ଟ ବେସ୍‌ରେ ରବିବାର ନିଆଁ ଲାଗିଯାଇଥିଲା। ଫଳରେ ଷଷ୍ଠ ମହଲା ପର୍ଯ୍ୟନ୍ତ ଧୂଆଁ ବ୍ୟାପିଯାଇଥିଲା। ଏହାଦେଖି କାର୍ଯ୍ୟାଳୟରେ ଆତଙ୍କ ଖେଳିଯାଇଥିଲା। କର୍ମଚାରୀମାନେ ଭୟଭୀତ ହୋଇପଡିବା ସହ ଚିତ୍କାର କରି ଶିଡିରେ ତଳକୁ ଦୌଡ଼ିଥିଲେ। ଖବର ପାଇ କଳ୍ପନା ଦମକଳ କେନ୍ଦ୍ରରୁ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ବଡ଼ ଧରଣର ବିପଦ ଆଶଙ୍କାକୁ ଏଡାଇ ଦିଆଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଶିଳ୍ପାଞ୍ଚଳରେ ଏକ ଦୈନିକ ଓଡ଼ିଆ ଖବରକାଗଜ କାର୍ଯ୍ୟାଳୟ ରହିଛି। ଅପରାହ୍ନ ପ୍ରାୟ ସାଢେ ୧ଟା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ପ୍ରଥମ ମହଲାରେ ଥିବା ଲିଫ୍ଟ ବେସ୍‌ର ଫାଙ୍କା ସ୍ଥାନରେ ଅଦରକାରୀ କାଗଜ ଓ ଅଳିଆ ଜମାହୋଇ ରହିଥିଲା। ହଠାତ୍ ସେଥିରେ ନିଆଁ ଲାଗିଯାଇଥିବା ଦେଖିବାକୁ ମିଳିଥିଲା। କେହି ସିଗାରେଟ କିମ୍ବା ବିଡି ଟାଣିସାରିବା ପରେ ସେଠାରେ ଫିଙ୍ଗି ଦେବାରୁ ନିଆଁ ଲାଗିଯାଇଥିବା ଅନୁମାନ କରାଯାଉଛି।

# ମନମୋହିଲା ସିଲିଗୁଡି, ଓଡ଼ିଶୀ ନୃତ୍ୟ

**କଟକ ଅଫିସ, ୨୬ା୫**

**୧୪ତମ ମହାନଦୀ ଫେଷ୍ଟିଭାଲ ଉଦ୍‌ଘାଟିତ**

କଟକ ପୋତାପୋଖରୀସ୍ଥିତ ନେତାଜୀ ଖେଳପଡିଆରେ ୧୪ତମ ମହାନଦୀ ଫେଷ୍ଟିଭାଲ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲ, କାଇଣ୍ଡ ଇଣ୍ଡିଆ ଫାଉଣ୍ଡେଶନ, ପୋତାପୋଖରୀ ପୂଜା କମିଟି ଏବଂ ଭାରତ ମସଲାର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମକୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଳାକାନ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କଟକ ସହର ଏବଂ ଜିଲାର ବିଭିନ୍ନ ଅଞ୍ଚଳର କଳାକାରମାନେ ନୃତ୍ୟ, ସଙ୍ଗୀତ ପରିବେଷଣ କରି ଲୋକଲୋଚନକୁ ଆସିପାରିବେ ବୋଲି ମୁଖ୍ୟଅତିଥି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଇଂ. ଗୋପାଳକୃଷ୍ଣ ବେହେରା, ଶିକ୍ଷାବିତ୍ ରବୀନ୍ଦ୍ର ନାଥ ମହାନ୍ତି, ଇଂ. ସୁବ୍ରତ ଘଡେଇ, ଶୋଭେନ ରାଏ, ପ୍ରମୋଦ ଗୋଚ୍ଛାୟତ ଓ ପ୍ରଦ୍ୟୋଷ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ସାହିତ୍ୟକ ଡ. ନୃସିଂହ ଚରଣ ଷଡଙ୍ଗୀଙ୍କୁ ମହାନଦୀ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହାନଦୀ ଫେଷ୍ଟିଭାଲ ସାଂସ୍କୃତିକ କମିଟିର ଅଧ୍ୟକ୍ଷ ପ୍ରଫେସର ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସ୍କୃତିକ ସମ୍ପାଦିକା ମଞ୍ଜୁଶ୍ରୀ ଶାସ୍ତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଚୌଧୁରୀ ସତ୍ୟ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ପଶ୍ଚିମବଙ୍ଗ କଳାକାରମାନେ ସିଲିଗୁଡି ନୃତ୍ୟ ପରିବେଷଣ କରିଥିଲେ। ପରେ ଶ୍ରୀବିଦ୍ୟା ଅନୁଷ୍ଠାନର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଉଭୟ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ପରେ ବିଭିନ୍ନ ଅନୁଷ୍ଠାନର କଳାକାରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହାକୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଜନସମାଗମ ହୋଇଥିଲା।

## ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ

**ନାବାଳିକା ଗର୍ଭବତୀ ଘଟଣା**

**ଭୁବନେଶ୍ୱର, ୨୬ା୫ (ବ୍ୟୁରୋ):** ବରଗଡ଼ ଜିଲା ବରପାଲି ବ୍ଲକ୍ ବରମକେଲା ଅଞ୍ଚଳରେ ଜଣେ ୧୨ବର୍ଷର ନାବାଳିକା ଗର୍ଭବତୀ ହେବା ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ପିଟିଶନ ହୋଇଛି। ଏହି ଘଟଣାକୁ କମିଶନ ଗୁରୁତର ସହ ନେଇ ପିଟିଶନ୍‌କୁ ଗ୍ରହଣ କରିଛନ୍ତି। ଶୀଘ୍ର ଏହାର ଶୁଣାଣି ହେବ ବୋଲି ଏନ୍‌ଏଚ୍‌ଆର୍‌ସି ଅଫିସ ପକ୍ଷରୁ ସୂଚନା ଦିଆଯାଇଛି। କେଉଁଝର ଜିଲାର ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ କରିଥିବା ପିଟିଶନରେ ଉଲ୍ଲେଖ ରହିଛି ଯେ, ପୀଡିତାଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ୍ କରାଯାଉ। ୪ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ପିଟିଶନରେ କମିଶନଙ୍କୁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ବରମକେଲା ପଞ୍ଚାୟତର ଜଣେ ବିବାହିତ ଯୁବକ ନାବାଳିକାଙ୍କୁ ଜବରଦସ୍ତ ଟେକି ନେଇ ବଳାତ୍କାର କରିଥିଲେ। ଏପରି କି ପରିବାର ଲୋକଙ୍କୁ ଜଣାଇଲେ ସମସ୍ତଙ୍କୁ ହତ୍ୟା କରିବା ପାଇଁ ଅଭିଯୁକ୍ତ ଧମକ ଦେଇଥିଲେ। ଫଳରେ ନାବାଳିକା ଭୟରେ ପରିବାର ଲୋକଙ୍କୁ ଜଣାଇ ନ ଥିଲେ। ନାବାଳିକା ୫ ମାସର ଗର୍ଭବତୀ ହେବା ପରେ ପରିବାର ଲୋକେ ତାଙ୍କୁ ପଚାରିବାରୁ ଘଟଣା ଜଣାପଡିଥିଲା। ପରେ ଏନେଇ ବରପାଲି ଥାନାରେ ମେ ୨୫ରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲେ ମଧ ଅଭିଯୁକ୍ତ ଫେରାର ଥିବା ଥାନା ପକ୍ଷରୁ କୁହାଯାଉଛି।

### ଭୁବନେଶ୍ୱର ସାହିତ୍ୟ ସମାଜ ଅଧିବେଶନ

# 'ବିତର୍କ' ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ

**ଭୁବନେଶ୍ୱର,୨୬ା୫(ବ୍ୟୁରୋ)**

ବିତର୍କ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ସୃଜନଶୀଳ ଲେଖକକୁ ପଥ ଦେଖାଏ। ବିତର୍କ ବଳରେ ଜଣେ ଲେଖକ ଅଧିକ ପରିପୁଷ୍ଟ ଓ ଉତ୍ସାହିତ ହୋଇଥାଏ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ କହିଛନ୍ତି। ଭୁବନେଶ୍ୱର କୃଷକ ସମାଜ ପରିସରରେ ଅନୁଷ୍ଠିତ ଭୁବନେଶ୍ୱର ସାହିତ୍ୟ ସମାଜ ଅଧିବେଶନରେ ଯୋଗଦେଇ ପ୍ରଫେସର ତ୍ରିପାଠୀ 'ସାହିତ୍ୟରେ ବିତର୍କ' ପ୍ରସଙ୍ଗ ଉପରେ ଆଲୋକପାତ କରି ବିତର୍କ ହିଁ ସୃଜନର ଭୂମି ବୋଲି ମତବ୍ୟକ୍ତ କରିଥିଲେ। ଯୁକ୍ତିସମ୍ମତ ଉପସ୍ଥାପନା ଏବଂ ତଥ୍ୟ ସମ୍ବଳିତ ମତାମତ ପ୍ରଦାନ ବଳରେ ସାହିତ୍ୟିକ ବିତର୍କ ଗୁରୁତ୍ୱମନ୍ତ ହୋଇଥାଏ। ବିତର୍କରେ ଉପସ୍ଥାପକଙ୍କ ପାଣ୍ଡିତ୍ୟ, ପ୍ରତିଭା ଓ ତଥ୍ୟଗତ ସ୍ୱଚ୍ଛତା ପ୍ରତିଫଳିତ ହୁଏ ବୋଲି ଡ. ତ୍ରିପାଠୀ ଏହି ଅବସରରେ କହିଥିଲେ।

ଅନୁଷ୍ଠାନ ସଭାପତି ତଥା କବି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିତର୍କ ହିଁ ଲେଖକୀୟ ପ୍ରତିଷ୍ଠାକୁ ଅଳଙ୍କୃତ କରେ ବୋଲି ଦର୍ଶାଇଥିଲେ। ଏଥିସହ ସେ ଓଡ଼ିଆ ଓ ଭାରତୀୟ ସାହିତ୍ୟ କୃତିଗୁଡ଼ିକରେ ବହୁବିଧ ସୃଜନ ବିତର୍କର ଦୃଷ୍ଟାନ୍ତ ଦେଇଥିଲେ। ଆଲୋଚନାରେ କବି ରକ୍ଷକ ନାୟକ, ଡ. ରାଜୀବ ଷଡ଼ଙ୍ଗୀ, ଡ. ଦେବାଶିଷ ମହାପାତ୍ର, ରମଣ ଅଗ୍ରୱାଲ, ଡ. ସୁଧା ଦାସ ଓ ଡ. ହେମନ୍ତ ଛୋଟରାୟ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କବିତା ପାଠୋତ୍ସବରେ ତରୁଣ କବି ବାଦଲ ମହାନ୍ତି 'ଏ ମାସର କବି' ଭାବେ ଯୋଗଦେଇଥିଲେ। ଡ. ରଶ୍ମି ଦାସ, ମିନତୀ ମିଶ୍ର ଓ ଅମ୍ବିକା ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରମେଶ ପ୍ରସାଦ ମହାନ୍ତି, ପ୍ରିୟରଞ୍ଜନ ସାହୁ, ବିନୋଦିନୀ ବେହେରା, ରାମନାରାୟଣ ପୂଜାରୀ, ନିରୂପମା କର, ଅଞ୍ଜନ ପ୍ରଧାନ, ନୀଳକଣ୍ଠ ପ୍ରଧାନ, ଅରୁଣା କର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି ଅନ୍ୟା ଅନୁରୂପା, ଗୀତା ପଟ୍ଟନାୟକ, ମିହିରକାନ୍ତି ଦାସ, ଭାଗୀରଥି ସେଠୀ, ଗଗନ ବିହାରୀ ନାୟକ, ସୁଷମା ଦାସ, ମଞ୍ଜୁଳା ତ୍ରିପାଠୀ, ଦିଲୀପ ବେଉରା, ଦେବବ୍ରତ ଜେନା, ସୁଧୀର ମଉଡ଼ମଣି, ତପନ ରଥ, ସୁଧାକର ଶତପଥୀ ଓ ମନମୋହନ ମିଶ୍ର କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅର୍ଥନୀତିଜ୍ଞ ତଥା ସାହିତ୍ୟିକ ପ୍ରଫେସର ଡ. ବାସୁଦେବ ସାହୁ, ଲେଖିକା ଡ. ମନିଦୀପା ପଟ୍ଟନାୟକ, ସାମ୍ବାଦିକ ରାମହରି ମିଶ୍ର ଓ ଏଭରେଷ୍ଟ ବିଜୟିନୀ କଳ୍ପନା ଦାସଙ୍କ ପରଲୋକରେ ଶୋକ ପ୍ରସ୍ତାବ ଆଗତ ସହିତ ନୀରବ ପ୍ରାର୍ଥନା କରାଯାଇଥିଲା।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ବିଦ୍ୟାଜନକ ସୃଜନ ଅନୁଷ୍ଠାନ ପକ୍ଷରୁ ରବିବାର ଅନୁଷ୍ଠିତ ଦ୍ୱିତୀୟ ନାଟ୍ୟ ଉତ୍ସବରେ ପରିବେଷିତ ନାଟକ 'ଦ୍ୱିତୀୟ ଗାନ୍ଧୀ'ର ଏକ ଦୃଶ୍ୟ।

## ନିର୍ଝରା କଲ୍‌ଚରାଲ ଏକାଡେମୀର ବାର୍ଷିକୋତ୍ସବ

**ଭୁବନେଶ୍ୱର, ୨୬ା୫(ବ୍ୟୁରୋ):** ନିର୍ଝରା କଲ୍‌ଚରାଲ ଏକାଡେମୀର ପ୍ରଥମ ବାର୍ଷିକୋତ୍ସବ ରବିବାର ଏକାମ୍ର ହାଟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ମୁଖ୍ୟ ପରିବୀକ୍ଷଣ ଅଧିକାରୀ ପ୍ରମୋଦ କୁମାରୀ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୁରୁ ମନୋରଞ୍ଜନ ପ୍ରଧାନ ଓ ଅନ୍ୟତମ ଅତିଥି ଭାବେ ପ୍ରତାପ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଗୁରୁ ପ୍ରଫୁଲ୍ଲ କୁମାର ବଳ ଓ କେଦାର ମଲ୍ଲିକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. କରିଣ କୁମାର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ଅଧ୍ୟକ୍ଷ ଭାଗ୍ୟଶ୍ରୀ ଦାସଙ୍କ ନିର୍ଦ୍ଦେଶନାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୁନି ପିଲାମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ।




ନିର୍ଝରା କଲ୍‌ଚରାଲ ଏକାଡେମୀର ବାର୍ଷିକୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ସ୍କୁଟି ଚାଳକଙ୍କ ଉପରେ ଚଢ଼ିଗଲା ବସ୍

**ଭୁବନେଶ୍ୱର,୨୬।୫(ବ୍ୟୁରୋ):** ନୟାପଲ୍ଲୀ ଫାୟାର ଷ୍ଟେଶନ ନିକଟରେ ଶନିବାର ଏକ ଦୁର୍ଘଟଣାରେ ଦୁଇଜଣ ଯୁବକଙ୍କ ମୃତ୍ୟୁକୁ ୨୪ ଘଣ୍ଟା ନପୂରୁଣୁ ପୁଣି ରବିବାର ରାତି ପ୍ରାୟ ୮ଟାରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପେଟ୍ରୋଲ ପମ୍ପ ନିକଟରେ ଆଉ ଏକ ଦୁର୍ଘଟଣା ଘଟିଛି। ଏକ ଘରୋଇ ବସ୍ ଚଢ଼ି ଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଧଉଳି ଥାନା ଇଟିପୁର ଅଞ୍ଚଳର ବାପୁଜୀ ନାୟକ। ଖବରପାଇ ଖଣ୍ଡଗିରି ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରି ତଦନ୍ତ କରୁଛି। ଏ ନେଇ ପୋଲିସ ବସ୍‌ର ଡ୍ରାଇଭରଙ୍କୁ ଅଟକ ରଖିଛି। ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ସୂଚନା ଅନୁଯାୟୀ, ବାପୁଜୀ କୌଣସି କାମରେ ରବିବାର ସନ୍ଧ୍ୟାରେ ଏକ ସ୍କୁଟି ଯୋଗେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଆସିଥିଲେ। ସେ ଘରକୁ ଫେରୁଥିବାବେଳେ ବରମୁଣ୍ଡା ପେଟ୍ରୋଲ ପମ୍ପ ନିକଟରେ ଦ୍ରୁତଗତିରେ ଯାଉଥିବା ଏକ ବସ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ସହ ବାପୁଜୀ ବସ୍ ଚକା ତଳେ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୃକ୍ଷରୋପଣ

**ଭୁବନେଶ୍ୱର,୨୬।୫(ବ୍ୟୁରୋ):** ଭୁବନେଶ୍ୱର ଉନ୍ନୟନ ପରିଷଦ ଓ ରୋଟାରୀ କ୍ଲବର ମିଳିତ ଉଦ୍ୟମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ବିଇଓ) କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବ୍ଲକ୍ ଶିକ୍ଷା ଅଧିକାରୀ ସସ୍ମିତା ମାଳୀ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ବାସୁଦେବ ଭଞ୍ଜ ଓ ପୁଣ୍ୟଶ୍ଳୋକ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବାତ୍ୟା 'ଫନୀ' ଦ୍ୱାରା ଭୁବନେଶ୍ୱରରେ ବହୁ ଗଛ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଭୁବନେଶ୍ୱରକୁ ବିଶ୍ୱ ସ୍ତରରେ ପରିଚିତ କରାଇଥିବା ସବୁଜିମା ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଛି। ଭୁବନେଶ୍ୱରରେ ପୁଣିଥରେ ସବୁଜିମା ଭରିଦେବାକୁ ପରିଷଦ ଓ ରୋଟାରୀ କ୍ଲବ ପକ୍ଷରୁ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି।

### ସରଗଶଶୀର ଅଷ୍ଟାଦଶ ବାର୍ଷିକୋତ୍ସବ

**ଭୁବନେଶ୍ୱର,୨୬।୫(ବ୍ୟୁରୋ):** ସରଗଶଶୀର ଅଷ୍ଟାଦଶ ବାର୍ଷିକ ଉତ୍ସବ ଓ ସାରସ୍ୱତ ମହାମିଳନ ୨୦୧୯ ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଖ୍ୟାତ ସାହିତ୍ୟିକ ତଥା ବରିଷ୍ଠ ପ୍ରଶାସକ ହରପ୍ରସାଦ ଦାସ, ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଆୟକର ଆୟୁକ୍ତ ତଥା ବିଶିଷ୍ଟ କବି ଶରତ କୁମାର ଦାଶ ଓ ବିଶିଷ୍ଟ ସାହିତ୍ୟିକ ମୀନକେତନ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁବଲେଖକ ଡା. ପ୍ରଶାନ୍ତ ବିଶ୍ୱାଳ ଯୋଗଦେଇଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ଧନଞ୍ଜୟ ସ୍ୱାଇଁ ନିଜର ବକ୍ତବ୍ୟରେ ପିଲାଙ୍କ ସାହିତ୍ୟର ବହୁଳ ପ୍ରଚାର, ପ୍ରସାର ଓ ପାଠକାଦୃତି ଲାଭ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ନଟବର ସାହୁଙ୍କୁ ସ୍ନେହସୁଧା ଶିଶୁ ସାହିତ୍ୟ ସମ୍ମାନ, ମହେନ୍ଦ୍ର ଘଡ଼େଇଙ୍କୁ ସରଗଶଶୀ ଶିଶୁ ସାହିତ୍ୟ ସମ୍ମାନ, ପ୍ରଭାତ ଚନ୍ଦ୍ର ରଥଙ୍କୁ ରବୀନ୍ଦ୍ର ବିଶ୍ୱାଳ ସ୍ମୃତି ଶିଶୁ ସାହିତ୍ୟ ସମ୍ମାନ, ଚିତ୍ତରଞ୍ଜନ ବିଶ୍ୱାଳଙ୍କୁ ସୋମନାଥ ତ୍ରିପାଠୀ ସ୍ମୃତି ଶିଶୁ ସାହିତ୍ୟ ସମ୍ମାନ, ମନୋରମା ମିଶ୍ରଙ୍କୁ ବିଜୟା ଶିଶୁ ସାହିତ୍ୟ ସମ୍ମାନ, ସୁରଞ୍ଜନ ପାତ୍ରଙ୍କୁ ଖଗେଶ୍ୱର ରାୟ ସ୍ମୃତି ସାରସ୍ୱତ ସମ୍ମାନ, ତପନ କୁମାର ସ୍ୱାଇଁଙ୍କୁ ସରଗଶଶୀ ଶିଶୁ ସାହିତ୍ୟ ସୌରଭ ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରଭାତଚନ୍ଦ୍ର ରଥଙ୍କ ଦ୍ୱାରା ଲିଖିତ ପିଲାଙ୍କ ଗୀତିକବିତା ପୁସ୍ତକ ବାଲୁତ ବାଜିଆ ମୁଖ୍ୟଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାପରେ କବିତାପାଠ କାର୍ଯ୍ୟକ୍ରମ ରହିଥିଲା ଏବଂ ଉନ୍ନତମାନର କବିତା ରଚନା ଓ ପଠନ ନିମନ୍ତେ ରାଜ୍ୟର ପାଞ୍ଚଜଣ କବିଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଲେଖିକା ଚମକଚାନ୍ଦିନୀ ଦାଶ, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିଶୁ ସାହିତ୍ୟିକ ଡ. ହେମନ୍ତ ଛୋଟରାୟ, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସରଗଶଶୀର ସଂପାଦକ ପ୍ରଶାନ୍ତ କୁମାର ଦାଶ ଏବଂସରଗତରା ସମ୍ପାଦକ ଅକ୍ଷୟ ସାହୁ ସହଯୋଗ କରିଥିଲେ।

# ମୌସୁମୀ ପୂର୍ବରୁ ସଫା ହେବ ସମସ୍ତ ଡ୍ରେନ୍

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**



- ୧୦ ୱାର୍ଡରେ ସଫେଇ ଦାୟିତ୍ୱ ନେଇଛି ଡ୍ରେନେଜ୍ ବିଭାଗ
- ୨୩୦ ଶ୍ରମିକ ନିୟୋଜିତ
- ୬୭ ୱାର୍ଡରେ ବିଏମ୍‌ସି ପକ୍ଷରୁ ୨୫ ଘରୋଇ ଠିକା ସଂସ୍ଥାକୁ ଦାୟିତ୍ୱ

ଚଳିତବର୍ଷ ମୌସୁମୀ ଆସିବା ପୂର୍ବରୁ ରାଜଧାନୀ ଭୁବନେଶ୍ୱରର ସମସ୍ତ ମୁଖ୍ୟ ଓ ସବ୍ ଡ୍ରେନ୍ ସଫା କରାଯିବ। ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗତ ୨୪ତାରିଖରୁ ମୁଖ୍ୟ ୧୦ ଡ୍ରେନ୍‌ର ସଫେଇ ସହିତ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇସାରିଥିବା ବେଳେ ଏବେ ପ୍ରମୁଖ ରାସ୍ତାକଡ଼ରେ ଥିବା ସବ୍ ଡ୍ରେନ୍‌ଗୁଡ଼ିକର ସଫେଇ କାର୍ଯ୍ୟ ଜାରି ରହିଛି। ଡ୍ରେନ୍‌ରେ ଜମିଥିବା ଅଳିଆ ଆବର୍ଜନା ସହ ମାଟି କଢ଼ାଯାଇ ତାକୁ ନିଷ୍କାସନ ଉପଯୋଗୀ କରାଯାଉଛି। ୬୭ ୱାର୍ଡରେ ବିଏମ୍‌ସି ପକ୍ଷରୁ ୨୫ ଘରୋଇ ଠିକା ସଂସ୍ଥାକୁ ଏ ନେଇ ଦାୟିତ୍ୱ ଦିଆଯାଇଥିବା ବେଳେ ୩ ସଫେଇ ସଂସ୍ଥା କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ବିଏମ୍‌ସି ଦ୍ୱାରା ପରିଚାଳିତ ଡ୍ରେନେଜ ଡିଭିଜନ ନିଜେ ୧୦ ୱାର୍ଡରେ ଥିବା ମୁଖ୍ୟ ଓ ସବ୍ ଡ୍ରେନ୍‌ର ସଫେଇ ଦାୟିତ୍ୱ ନେଇଛି। ବିଏମ୍‌ସିର ବରିଷ୍ଠ ଅଧିକାରୀଙ୍କ ତଦାରଖରେ ଏହି ସଫେଇ କାର୍ଯ୍ୟ ଜାରି ରହିଛି। ମୌସୁମୀ ଆସିବା ପୂର୍ବରୁ ସମସ୍ତ ଡ୍ରେନ୍‌ର କାର୍ଯ୍ୟ ସରିଯିବ ବୋଲି ବିଏମ୍‌ସି ଆଶା ପ୍ରକାଶ କରିଛି।

ମୁଖ୍ୟ ଡ୍ରେନ୍‌ଗୁଡ଼ିକରେ ୧୦ରୁ ୧୨ ପ୍ରୋକ୍ଲିନ୍ ମେଶିନ ଏବେଠାରୁ ପ୍ରତ୍ୟେକ ଦିନ ସଫେଇ କରିବେ। ଆବଶ୍ୟକ ପଡ଼ିଲେ ଅଧିକ ମେଶିନ ଯୋଗାଇ ଦିଆଯିବ। ଯେଉଁ ସ୍ଥାନରେ ମେଶିନରେ କାମ କରିହେବ ନାହିଁ, ସେଠାରେ ଶ୍ରମିକ ନିୟୋଜିତ ରହିବେ। ଏଥିପାଇଁ ୨୩୦ଜଣ ଶ୍ରମିକଙ୍କୁ ନିୟୋଜିତ କରାଯାଇଛି। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ମୋଟ ୧୦ ମୁଖ୍ୟ ଡ୍ରେନ୍ ରହିଛି। ସେଗୁଡ଼ିକ ମିଶି ପାଖାପାଖି ୬୦କିମି ଲମ୍ବ ହୋଇଥିବା ବେଳେ ସବ୍ ଡ୍ରେନ୍‌ଗୁଡ଼ିକ ମିଶି ୫୬୦କିମି ଲମ୍ବ। ସମସ୍ତ ଡ୍ରେନ୍ ଗଙ୍ଗୁଆ ନାଳ ସହ ସଂଯୋଗ ହୋଇଛି। ସେହିପରି ଗଙ୍ଗୁଆ ନାଳକୁ ଦୟା ନଦୀ ସହ ସଂଯୋଗ କରାଯାଇଛି। ଭୁବନେଶ୍ୱରରେ ଥିବା ମୁଖ୍ୟ ଡ୍ରେନ୍‌ଗୁଡ଼ିକ ଯଥା- ଡ୍ରେନ୍ ନଂ-୧ ଫରେଷ୍ଟ ଲେକ୍ ଚନ୍ଦ୍ରଶେଖରପୁରଠାରୁ ଆରମ୍ଭ ହୋଇ ଗଙ୍ଗୁଆରେ ପଡ଼ିଛି, ଯାହାକି ୫.୭କିମି ଲମ୍ବ। ଡ୍ରେନ୍ ନଂ-୨ ସୈନିକ ସ୍କୁଲ ନିକଟରୁ ବାହାରି ୦.୮୫ କିମି ଯିବା ପରେ ଭିଏସ୍‌ଏସ୍ ନଗର ରେଲୱେ ବ୍ରିଜ୍ ନିକଟରେ ଡ୍ରେନ୍ ନଂ-୩ରେ ମିଶିଛି। ଡ୍ରେନ୍ ନଂ-୩ ଗଜପତି ନଗରରୁ ଆରମ୍ଭ ହୋଇ ଗଙ୍ଗୁଆରେ ମିଶିଛି, ଯାହାକି ୪.୨୨କିମି ଲମ୍ବ। ଡ୍ରେନ୍ ନଂ-୪ ଏକାମ୍ର କାନନ ଲେକ୍‌ଠାରୁ ଆରମ୍ଭ ହୋଇ ଗଙ୍ଗୁଆରେ ମିଶିଛି। ଏହା ୭.୫କିମି ଲମ୍ବ। ସେହିପରି ଡ୍ରେନ୍ ନଂ-୫ ଗୁରୁଦ୍ୱାରା ସିଂ ସଭାଠାରୁ ଆରମ୍ଭ ହୋଇ ଗଙ୍ଗୁଆରେ ମିଶିଛି, ଯାହାକି ୩.୫୪କିମି ଲମ୍ବ। ଡ୍ରେନ୍ ନଂ-୬ ଅଶୋକ ନଗରରୁ ବାହାରି ୩.୫କିମି ଯାଇ ଗଙ୍ଗୁଆରେ ମିଶିଥିବା ବେଳେ ଡ୍ରେନ୍ ନଂ-୭ ଗଙ୍ଗନଗରସ୍ଥିତ ବନଦୁର୍ଗା ମନ୍ଦିରରୁ ବାହାରି ୫.୪୫କିମି ଯାଇ ଗଙ୍ଗୁଆରେ ପଡ଼ିଛି। ସେପଟେ ଡ୍ରେନ୍ ନଂ-୮ ଓୟୁଏଟିଠାରୁ ବାହାରି ୫.୩୬କିମି ଯାଇ ଗଙ୍ଗୁଆରେ ମିଶିଛି, ଡ୍ରେନ୍ ନଂ-୯ ପଚଶଖା ନଗରରୁ ବାହାରି ସବୁଠୁ ଅଧିକ ଅର୍ଥାତ୍ ୧୫.୫କିମି ଯାଇ ଗଙ୍ଗୁଆରେ ମିଶିଛି। ସେହିପରି ଡ୍ରେନ୍ ନଂ-୧୦ ମୁମତାଜ ଅଲ୍ଲୀ ହାଇସ୍କୁଲ ନୟାପଲ୍ଲୀରୁ ବାହାରି ୭.୩୭କିମି ଯାଇ ଗଙ୍ଗୁଆରେ ପଡ଼ିଛି। ବର୍ତ୍ତମାନ ଏହି ସମସ୍ତ ଡ୍ରେନ୍‌ରେ ବିଏମ୍‌ସି ପକ୍ଷରୁ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି।

### ଯୁବକଙ୍କ ଆତ୍ମହତ୍ୟା

**ପୁରୁଣା ଭୁବନେଶ୍ୱର,୨୬।୫ (ଡି.ଏନ.ଏ.)**

ଲିଙ୍ଗରାଜ ଥାନା ଅଧୀନ ବିଦ୍ୟୁତ୍ ଅଫିସ ନିକଟ ଏକ ଘରେ ଜଣେକ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଆଶିଷ ମିଶ୍ର (୨୮)। ପୋଲିସ ସୂଚନା ମୁତାବକ, ଆଶିଷ ଶନିବାର ବିଳମ୍ବିତ ରାତି ୨ଟାରେ ରହୁଥିବା ଘରେ ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ନିକଟରେ ରହୁଥିବା ତାଙ୍କ ପରିବାର ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ପରେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିବା ବେଳେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପୋଲିସ ସୂଚନା ମୁତାବକ, ଆଶିଷଙ୍କ ମା' ବାପା ନ ଥିବାବେଳେ ସେ ତାଙ୍କ ବାନ୍ଧବୀଙ୍କ ସହ ଏକାଠି ରହୁଥିଲେ। ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ଆଶିଷ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ଏ ନେଇ ମୃତକଙ୍କ ଭଉଣୀ ମାଧୁରୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୮୭/୧୯ରେ ଏକ ମାମଲା ରୁଜୁ କରିଛି। ଅଭିଯୋଗରେ ଆଶିଷଙ୍କ ପ୍ରେମିକାଙ୍କ ନାମ ରହିଥିବାରୁ ପୋଲିସ ତାଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

## ଡକାୟତ ଗ୍ୟାଙ୍ଗର ୨ ଗିରଫ

**ବନ୍ଧୁକ, ଖଣ୍ଡା ସହ କାର୍ ଜବତ**

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ରାଜଧାନୀର ବିଭିନ୍ନ ଅଞ୍ଚଳରୁ ଡକାୟତି କରୁଥିବା ଏକ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି କମିଶନରେଟ ପୋଲିସ। ଗ୍ୟାଙ୍ଗର ଦୁଇଜଣ ସଦସ୍ୟ ଧରାପଡିଥିବା ବେଳେ ଅନ୍ୟମାନେ ଖସିଯିବାରେ ସକ୍ଷମ ହୋଇଛନ୍ତି। ଗିରଫ ଦୁଇ ଡକାୟତଙ୍କ ନିକଟରୁ ସ୍ପେଶାଲ ସ୍କ୍ୱାଡ ଦୁଇଟି ବନ୍ଧୁକ,ଏକାଧିକ ଗୁଳି,ଏକ କାର ଏବଂ ଖଣ୍ଡାକୁ ଜବତ କରିଛି। ଏପରି କି ସେମାନଙ୍କ ନିକଟରୁ ସୁନଗହଣା ଜବତ କରାଯାଇଥିବା ଜଣାପଡିଛି। ଅଟକ ଦୁଇ ଡକାୟତଙ୍କ ନିକଟରୁ ଆହୁରି ଅନେକ ସାମଗ୍ରୀ ଜବତ ହେବାର ଥିବାରୁ ପୋଲିସ ସେମାନଙ୍କ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ସେମାନଙ୍କୁ ପଚରାଉଚରା କରିବା ପରେ ରବିବାର ରାତିରେ ବିଭିନ୍ନ ସ୍ଥାନରେ ଚଢାଉ କରି ସହଯୋଗୀଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ କରୁଛି। ଏହି ଗ୍ୟାଙ୍ଗ୍ ରାଜଧାନୀର ବିଭିନ୍ନ ସ୍ଥାନରେ ହୋଇଥିବା ଡକାୟତି ମାମଲାରେ ସମ୍ପୃକ୍ତ ଅଛନ୍ତି। ଏପରି କି ଏହି ଗ୍ୟାଙ୍ଗ୍ ରାଜଧାନୀରେ ଚୋରା ବନ୍ଧୁକ ବ୍ୟବସାୟ କରୁଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ସେମାନେ କେଉଁଠୁ ବନ୍ଧୁକ ଆଣି କିପରି ଏଠାରେ ବିକ୍ରି କରୁଥିଲେ। ସେମାନଙ୍କ ଠାରୁ କେଉଁମାନେ ଏହି ଟଙ୍କା ନେଉଥିଲେ ସେନେଇ ପୋଲିସ ତଦନ୍ତ ଜାରି ରଖିଛି। ସୋମବାର ଦୁଇ ଅଭିଯୁକ୍ତଙ୍କୁ ଜଟଣୀ ପୋଲିସ କୋର୍ଟ ଚାଲାଣ କରିବ ବୋଲି ଜଣାପଡିଛି।

ସୂଚନା ଅନୁଯାୟୀ, ଦୁଇଦିନ ତଳେ ଏହି ଗ୍ୟାଙ୍ଗ୍ ଜଟଣୀ ଅଞ୍ଚଳରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିଲେ। କୌଣସି ସୂତ୍ରରୁ ଖବରପାଇ କ୍ୟୁଏଟି ଏହି ଗ୍ୟାଙ୍ଗର ଦୁଇଜଣଙ୍କୁ କାବୁ କରି ଯାଞ୍ଚ କରିବା ପରେ ସେମାନଙ୍କଠାରୁ ମାରଣାସ୍ତ୍ର ମିଳିଥିଲା। ଏହାପରେ ଏହି ମାମଲାର ତଦନ୍ତ କରିବାପାଇଁ କ୍ୟୁଏଟି କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ ହାତକୁ ଦେଇଥିଲେ। ସ୍କ୍ୱାଡ ଏହି ଗ୍ୟାଙ୍ଗ୍‌ର ଦୁଇ ଜଣ ସଦସ୍ୟଙ୍କୁ ପଚରାଉଚରା କରିବା ପରେ ବହୁ ଗୁମର ତଥ୍ୟ ମିଳିଥିଲା। ସେମାନେ କେଉଁଠୁ ଡକାୟତ କରିଥିଲେ ସେନେଇ ସୋମବାର ପୋଲିସ ସୂଚନା ଦେବ ବୋଲି କୁହାଯାଉଛି।

## ଜୟପୁରରେ ଭଗବତ ମିଳନ ଉତ୍ସବ

**ବାଲିଅନ୍ତା,୨୬।୫(ଡି.ଏନ୍.ଏ.)**

ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡ ଅଧୀନ ଜୟପୁର ଗ୍ରାମରେ ୧୧୨ତମ ବାର୍ଷିକ ଭଗବତ ବାସୁଦେବ ମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରାଚୀନ ମିଳନର ଜୟପୁରକରଣ ସାହିର ୫ଟି ଭଗବତ ବାସୁଦେବଙ୍କ ଦୋଳ ବିମାନ ଯୋଗଦେଇଥିଲେ। ୨ଦିନ ଧରି ଅନୁଷ୍ଠିତ ଏହି ମିଳନରେ ୨୦ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଲକ୍ଷେଶ୍ୱର ଆଞ୍ଚଳିକ ଓଡ଼ିଶୀ ସଂକୀର୍ତ୍ତନ ମହାମଣ୍ଡଳୀର ମହନ୍ତ ନଳିନୀ ସ୍ୱାଇଁ, ଅଧିକାରୀ ଚୈତନ୍ୟ ସାହୁ ଓ ଉପଦେଷ୍ଟା ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବକୁ ଅରୂପାନନ୍ଦ ରାଉତରାୟ, ଅଚ୍ୟୁତାନନ୍ଦ ରାଉତରାୟ, ଜଗଦାନନ୍ଦ ରାଉତରାୟ, ଉମେଶ ଚନ୍ଦ୍ର ରାଉତରାୟ, ଦେବାନନ୍ଦ ରାଉତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଓଁ କଳିଙ୍ଗ କଳା ପରିଷଦର ସାଂସ୍କୃତିକ ସନ୍ଧ୍ୟା




ସାଂସ୍କୃତିକ ଉତ୍ସବରେ ଯୁବ ପ୍ରତିଭାମାନଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ସାଂସ୍କୃତିକ ଅନୁଷ୍ଠାନ 'ଓଁ କଳିଙ୍ଗ କଳା ପରିଷଦ'ର ସାଂସ୍କୃତିକ ଉତ୍ସବ ରବିବାର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମନୋବିଜ୍ଞାନ ପ୍ରଫେସର ଓ ନାଟ୍ୟ ନିର୍ଦ୍ଦେଶକ ଡ. ବସନ୍ତ କୁମାର ଦାସ ଓ ରମାଦେବୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଚିତ୍ରାଙ୍ଗଦା ସାମନ୍ତ ସିଂହାର ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣ (ଗଣେଶ ବନ୍ଦନା), କଳାବତୀ ପଲ୍ଲବୀ, ଅଭିନୟ 'ଗୀତଗୋବିନ୍ଦ ଲଳିତ ଲବଙ୍ଗଲତା', ଛୋଟ ପିଲାଙ୍କର ଠେଙ୍କୁଆ ସଂଗୀତ ଉପରେ ପଲ୍ଲୀ ନୃତ୍ୟ, ଓଡ଼ିଶୀ କଣ୍ଠ ସଂଗୀତ, 'ବାଜେ ବଂଶୀ-ନାଚେ ଘୁଙ୍ଗୁର' ନୃତ୍ୟ ଓ ଶେଷରେ ନୃତ୍ୟନାଟିକା 'ତପସ୍ୱିନୀ' ପରିବେଷିତ ହୋଇଥିଲା। ଉତ୍ସବରେ ଚାରିଜଣ ଯୁବପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ଧାବିକା ଦୂତୀ ଚାନ୍ଦ, ପ୍ରଧାନମନ୍ତ୍ରୀ ବାଲ ପୁରସ୍କାରପ୍ରାପ୍ତ (୨୦୧୯) ତଥା ପରିବେଶରେ ରୁଚି ରଖୁଥିବା ଆୟୁଷ୍ମାନ ନୈସର୍ଗିକ ଲେଙ୍କା, ଉଦ୍‌ଘୋଷିକା ଓ ଅଭିନେତ୍ରୀ ଗୁନଗୁନ ଏବଂ ଅଭିନେତା ସୁଜିତ ପାଇକରାୟ। ସଭାପତି ଡ. ସୁଧାଂଶୁ ମୋହନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅଧ୍ୟକ୍ଷା ଗୁରୁ ରଶ୍ମି ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆରାଧନା ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ଉତ୍ସବରେ ୫୦ରୁ ଊର୍ଦ୍ଧ୍ୱ କଳାକାର ନିଜର କଳାପ୍ରଦର୍ଶନ କରିଥିଲେ।

## ରୁକୁଣା ରଥ ଖୋଲା କାର୍ଯ୍ୟ ଅଧାରେ ଅଟକିଛି

**ଉପୁଜୁଛି ଟ୍ରାଫିକ ସମସ୍ୟା**

**ପୁରୁଣା ଭୁବନେଶ୍ୱର, ୨୬।୫ (ଡି.ଏନ.ଏ.)**




ରଥ ଖୋଲା କାର୍ଯ୍ୟ ଅଧାରେ ଥିବାରୁ ଏକ ବସ୍ ରାସ୍ତାରେ ରହି ଟ୍ରାଫିକ୍ ସୃଷ୍ଟି କରୁଛି।

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ଗତ ମାସ ୧୭ ତାରିଖରେ ଶେଷ ହୋଇଛି। ରଥଖଳାରେ ରାମେଶ୍ୱର ମନ୍ଦିରରୁ ଲେଉଟାଣି ରଥ ସେବେଠାରୁ ପଡି ରହିଛି ଅଧା ଖୋଲା ଅବସ୍ଥାରେ। ରଥରୁ ସିଂହାସନ ଓ ପ୍ରଭା ଖୋଲା ଯାଇ ଠାକୁରଙ୍କ ଚନ୍ଦନ ଯାତ୍ରାରେ ବ୍ୟବହୃତ ଚାପ ଡଙ୍ଗାରେ ଲଗାଯାଇଛି। ଅଧା ଖୋଲା ଯାଇଥିବା ରୁକୁଣା ରଥ ପର୍ଯ୍ୟଟକମାନଙ୍କ ମନରେ ପ୍ରତିକୂଳ ପ୍ରଭାବ ପକାଉଛି। ଅନ୍ୟପକ୍ଷେ ରଥଖଳାରେ ରଥ ଥିବାରୁ ମନ୍ଦିର-ରଥଦାଣ୍ଡ ରାସ୍ତା ଏବଂ ମନ୍ଦିର-ତଳବଜାର ବନ୍ଦୁସାଗର ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ସର୍ବୋପରି ରାଜ୍ୟ ବାହାରୁ ଆସୁଥିବା ଟୁରିଷ୍ଟ ବସ୍ ପାଇଁ ଘୋର ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ପ୍ରତ୍ୟହ ଏହି ରାସ୍ତା ଜାମ ରହୁଛି। କେତେକ ଦୋକାନୀ ଅସ୍ଥାୟୀ ଦୋକାନ ଉପରେ ନିର୍ଭର କରୁଛନ୍ତି। ତେଣୁ ତୁରନ୍ତ ଏଠାରୁ ରଥ ଖୋଲିବା ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହେଉଛି।

■ ଆଇରନ ଓ ଗୋରୁ ବୋଝେଇ ଟ୍ରକ୍ ମୁହାଁମୁହିଁ

## ୨୦ରୁ ଊର୍ଦ୍ଧ୍ୱ ଗୋରୁ ମୃତ ସତ୍ତ୍ୱେ ମିଳିଲାନି ମୃତଦେହ

**ଖୋର୍ଦ୍ଧା ଅଫିସ,୨୬।୫**

ଖୋର୍ଦ୍ଧା ଆଦର୍ଶ ଥାନା ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ତରତୁଆ ଚିଙ୍ଗୁଡିଝରଠାରେ ଶନିବାର ବିଳମ୍ବିତ ରାତିରେ ଆଇରନ ଓ ଗୋରୁ ବୋଝେଇ ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଥିବାବେଳେ ପୋଲିସ ମୃତ କି ଜୀବିତ ଗୋରୁଙ୍କ ଟେର ନ ପାଇବା ସନ୍ଦେହ ସୃଷ୍ଟି କରିଛି। ପୋଲିସ ପହଞ୍ଚିବାରେ ବିଳମ୍ବର ସୁଯୋଗ ନେଇ ଚୋରା ଗୋରୁ ବେପାରୀମାନେ ମଲା ଓ ଜିଅନ୍ତା ଗୋରୁଙ୍କୁ ପିକ୍‌ଅପ ଭ୍ୟାନରେ ନେଇ ପଳାଇ ଯାଇଥିଲେ। ପୋଲିସ ଦୁର୍ଘଟଣା ଗ୍ରସ୍ତ ଦୁଇ ଟ୍ରକ୍‌କୁ ନିଜ ହେପାଜତକୁ ନେଇ ନଂ. ୧୫୫/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରାପ୍ତ ସୂଚନା ଅନୁସାରେ, ଶନିବାର ବିଳମ୍ବିତ ରାତିରେ ବେଗୁନିଆ ଅଞ୍ଚଳରୁ ଏକ ନଂ. ଓଆର୦୯ ଜି ୩୯୬୦ ଟ୍ରକରେ ୭୦ରୁ ଊର୍ଦ୍ଧ୍ୱ ଗୋରୁ ବୋଝେଇ ହୋଇ ବେଆଇନ ଭାବେ ଚାଲାଣ ହେଉଥିଲେ। ରାତି ପ୍ରାୟ ୪ଟାରେ ଚିଙ୍ଗୁଡିଝର ନିକଟରେ ଗୋରୁ ବୋଝେଇ ଟ୍ରକ ସହ ଓଆର୦୨ ବିଏଚ ୧୬୯୯ନଂ. ଆଇରନ ବୋଝେଇ ଟ୍ରକ ଧକ୍କା ହୋଇଥିଲା। ରବିବାର ପୂର୍ବାହ୍ନ ପର୍ଯ୍ୟନ୍ତ ରାସ୍ତାକଡରେ ମୃତ ଓ ଜୀବିତ ଗୋରୁ ପଡିଥିଲେ। ପୋଲିସ ଆସିବା ପୂର୍ବରୁ ଗୋରୁମାନଙ୍କୁ ଅନ୍ୟତ୍ର ଚାଲାଣ କରି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ତେବେ ରାତିରେ ଦୁର୍ଘଟଣା ଘଟିଥିବାବେଳେ ପୋଲିସ ବିଳମ୍ବରେ ଆସିବାର କାରଣ କ'ଣ ବୋଲି ପ୍ରଶ୍ନ ଉଠିଛି। ଏହାରି ପଛରେ ମାସିକିଆ କୋଟା କାରବାର ଲୁଚି ରହିଥିବା ଅଭିଯୋଗ ଉଠିଛି। ଖୋର୍ଦ୍ଧା ଜିଲା ସଦର ମହକୁମାରେ ବେଆଇନ ଗୋଚାଲାଣ ବଢ଼ି ଚାଲିଥିବାବେଳେ ପୋଲିସ ମାସିକ କୋଟା ନେଇ ଚୁପ ରହୁଥିବା ଅଭିଯୋଗ ରହିଛି।

## ୫୮ ୟୁନିଟ୍ ରକ୍ତ ସଂଗ୍ରହ

**ଭୁବନେଶ୍ୱର,୨୬।୫(ବ୍ୟୁରୋ)**

ଥାଲାସେମିଆ କେୟାର ସୋସାଇଟି ଓଡ଼ିଶା (ଟିସିଏସ୍‌ଓ) ପକ୍ଷରୁ ଥାଲାସେମିଆ ରୋଗୀଙ୍କ ଲାଗି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବମିଖାଲ ନିଗମାନନ୍ଦ ନଗରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଡିଏସ୍‌ଏସ୍‌ଓ ସନ୍ନ୍ୟାସୀ ବେହେରା (ଓଏଏସ୍) ଏବଂ ଓଡ଼ିଶା ରାଜ୍ୟ ରକ୍ତ ସଞ୍ଚାଳନ ପରିଷଦର ବରିଷ୍ଠ ଅଧିକାରୀ ସ୍ୱରୂପ ଦାସ ଉଦ୍‌ଘାଟନ କରିଥିଲେ। କେତେକ ଥାଲାସେମିଆ ରୋଗୀ ପ୍ରତି ମାସରେ, ୧୫ ଦିନରେ, ଏପରି କି ପ୍ରତି ସପ୍ତାହରେ ରକ୍ତ ନ ନେଲେ ମୃତ୍ୟୁ କରୁଛନ୍ତି। ତେଣୁ ପ୍ରତି ରକ୍ତ ଭଣ୍ଡାରରେ ସେମାନଙ୍କ ନିମନ୍ତେ ବିଭିନ୍ନ ଗ୍ରୁପ୍‌ର ରକ୍ତ ସଂରକ୍ଷିତ ରଖାଯାଇଥାଏ। ଏହି ରକ୍ତ ଅଭାବକୁ ଦୂର କରିବା ନିମନ୍ତେ ଟିସିଏସ୍‌ଓର ଏହି ପ୍ରୟାସ ଜାରି ରହିଛି ବୋଲି ସଭାପତି ବିଜୟ କୁମାର ରାଉତ କହିଛନ୍ତି। ଏହି ଶିବିରରେ ୫୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ରକ୍ତଦାନ ଶିବିରକୁ କଟକ ସେଣ୍ଟ୍ରାଲ ରେଡକ୍ରସ୍ ବ୍ଲଡବ୍ୟାଙ୍କ ଅଧିକାରୀ ଡ. ରଶ୍ମିମଞ୍ଜୁଳା ସାହୁ ଓ ତାଙ୍କ ଟିମ ପରିଚାଳନା କରିଥିଲେ। ଟିସିଏସ୍‌ଓର ସମ୍ପାଦକ ନିରାକାର ପଣ୍ଡା, ସହ ସମ୍ପାଦକ ଦୀପକ ଜାଲି, କୋଷାଧ୍ୟକ୍ଷ ରଘୁନାଥ ପ୍ରଧାନ, ରାଜଶ୍ରୀ ଜେନା, ରଞ୍ଜିତ ସାହୁ ପ୍ରମୁଖ ଏହି ଶିବିରର ଆୟୋଜନ କରିଥିଲେ।

■ ଖୋର୍ଦ୍ଧା ଜିଲାରେ ଫନୀ ସମୀକ୍ଷା କଲେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ମିଳିତ ଜାତିସଂଘର ଟିମ୍

## ସ୍ୱାସ୍ଥ୍ୟ ବିଭାଗର କ୍ଷୟକ୍ଷତି ଆକଳନ ୧୭ କୋଟି

**ଖୋର୍ଦ୍ଧା ଅଫିସ,୨୬।୫**



ସ୍ୱାସ୍ଥ୍ୟ ବିଭାଗ ଓ ମିଳିତ ଜାତିସଂଘର ଟିମ୍‌ମାନେ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଅନୁଧ୍ୟାନ କରୁଛନ୍ତି।

ସାମୁଦ୍ରିକ ବନ୍ୟା ଫନୀରେ ସ୍ୱାସ୍ଥ୍ୟ ବିଭାଗର କ୍ଷୟକ୍ଷତି ଆକଳନ ଓ ରିପୋର୍ଟ ସଂଗ୍ରହ ଉଦ୍ଦେଶ୍ୟରେ ରବିବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ମିଳିତ ଜାତିସଂଘର ୨ ଜଣିଆ ଟିମ୍ ଖୋର୍ଦ୍ଧା ଗସ୍ତରେ ଆସିଥିଲେ। ଏହି ଟିମ୍‌ରେ ଗୌରବ ଗୁପ୍ତା ଓ ସନ୍ତୋଷ ସାହୁ ଥିଲେ। ଏହି ଟିମ୍ ପ୍ରଥମେ ଖୋର୍ଦ୍ଧା ଜିଲାପାଳ ଭୂପିନ୍ଦର ସିଂ ପୁନିଆଙ୍କ ସହ ଆଲୋଚନା କରି ବୈଠକରେ ସମୀକ୍ଷା କରିଥିଲେ। କ୍ଷୟକ୍ଷତି ସମ୍ପର୍କରେ ଜିଲାପାଳଙ୍କଠାରୁ ରିପୋର୍ଟ ନେଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି କ୍ଷୟକ୍ଷତି ଆକଳନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ ମହାପାତ୍ର ଓ ଏଡିଏମ୍‌ଓ (ମେଡିକାଲ)ରଘୁନାଥ ନାୟକ, ଡିପିଏମ୍ ପ୍ରମୁଖଙ୍କ ସହ ଫନୀର ଷ୍ଟେଟ ନୋଡାଲ ଅଫିସର ଏମ.ଏସ୍ ମୁନିର୍‌ଙ୍କ ସହ ସମୀକ୍ଷା, ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟବିଭାଗର ରିପୋର୍ଟ ଅନୁସାରେ ଜିଲାରେ ପିଏଚସି, ସିଏଚସି, ସ୍ୱାସ୍ଥ୍ୟକେନ୍ଦ୍ର, ଉପସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ, ବିଭିନ୍ନ ଉପକରଣ, ଏସି ପ୍ରମୁଖ ବାବଦରେ ୧୭ କୋଟି ଟଙ୍କା କ୍ଷୟକ୍ଷତି ହୋଇଥିବା ଏକ ରିପୋର୍ଟ ଦୁଇ ଜଣିଆ ଟିମ୍‌କୁ ପ୍ରଦାନ କରାଯାଇଛି। ସେହିପରି ଟିମ୍‌ର ସଦସ୍ୟ ଦ୍ୱୟ ନିଜ ଆଡୁ କିଛି କ୍ଷୟକ୍ଷତି ତଦନ୍ତ କରି ଯୋଡିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଗୁପ୍ତା ଓ ମିଳିତ ଜାତିସଂଘର ସାହୁଙ୍କ ସୂଚନା ଅନୁସାରେ, ଫନୀ କ୍ଷୟକ୍ଷତି ଆକଳନ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗଠାରୁ ମିଳିଛି। ସେମାନେ କିଛି ସ୍ଥାନ ବୁଲି କ୍ଷୟକ୍ଷତି ରିପୋର୍ଟ ସଂଗ୍ରହ କରୁଛନ୍ତି। ପରେ ଏଥିରେ ସଂଯୋଗ କରିବେ। ସୋମବାର ସେମାନେ ଭୁବନେଶ୍ୱର ବ୍ଲକର ଡାକ୍ତରଖାନା, କ୍ୟାପିଟାଲ ହସ୍ପିଟାଲ ଯାଇ ଅନୁଧ୍ୟାନ ଓ ସମୀକ୍ଷା କରିବେ ବୋଲି କହିଛନ୍ତି।

# ପାଞ୍ଚ ସ୍ମରଣୀୟ ମ୍ୟାଚ

କ୍ରିକେଟ ବିଶ୍ୱକପର ୪୪ ବର୍ଷ ଇତିହାସରେ ଅନେକ ସ୍ମରଣୀୟ ଘଟଣା ଘଟିଛି। ସେଥିମଧ୍ୟରୁ ୫ ସ୍ମରଣୀୟ ମ୍ୟାଚକୁ ନେଇ ଏହି ଉପସ୍ଥାପନା..

## ୧୯୭୫ ଗିଲମୋରଙ୍କ ଶ୍ରେଷ୍ଠ ଦିନ

ଟୁର୍ନାମେଣ୍ଟ ଆୟୋଜକ ଇଂଲଣ୍ଡ ସେମିଫାଇନାଲରେ ନିଜର ପୁରୁଣା ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆକୁ ଭେଟିଥିଲା। ଏହି ମ୍ୟାଚରେ ଫାଷ୍ଟବୋଲର ଡେନିସ ଲିଲି ଓ ଜେଫ୍ ଥମ୍ପସନଙ୍କୁ ମୁକାବିଲା କରିବା ସହଜ ହେବନି ବୋଲି ଇଂଲଣ୍ଡ ବ୍ୟାଟ୍ସମ୍ୟାନମାନେ ଜାଣିଥିଲେ। ମାତ୍ର ଏହି ଦୁଇ ବୋଲର ଘାତକ ସାବ୍ୟସ୍ତ ହେବା ପରିବର୍ତ୍ତେ ୨୩ ବର୍ଷୀୟ ବାମହାତୀ ସୁଇଂ ବୋଲର ଗ୍ୟାରୀ ଗିଲମୋର ୧୪ ରନ ଦେଇ ୬ଟି ଉଇକେଟ ହାସଲ କଲେ। ଫଳରେ ଇଂଲଣ୍ଡ ମାତ୍ର ୯୩ ରନରେ ଅଲଆଉଟ ହୋଇଥିଲା। ତେବେ ଇଂଲଣ୍ଡ ପରି ଅଷ୍ଟ୍ରେଲିଆ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୯ ରନ ମଧ୍ୟରେ ୬ଟି ଉଇକେଟ ହରାଇଥିଲା। ହେଡିଂଲେ ଘରୋଇ ଗ୍ରାଉଣ୍ଡରେ କ୍ରିସ୍ ଓଲ୍ଡ ୩ ଉଇକେଟ ନେଇ ଅଷ୍ଟ୍ରେଲିଆକୁ ବ୍ୟାକ୍‌ଫୁଟ୍‌ରେ ରଖିଥିଲେ। ତେବେ ଗିଲମୋର ୨୮ ରନରେ ନଟଆଉଟ ରହିବା ସହ ଡଗ୍ ୱାଲ୍ଟର୍ସଙ୍କ ସହ ଅପରାଜିତ ଭାଗୀଦାରି ଗଢ଼ି ଅଷ୍ଟ୍ରେଲିଆକୁ ଫାଇନାଲରେ ପହଞ୍ଚାଇଥିଲେ।



ଗ୍ୟାରୀ ଗିଲମୋର

## ୧୯୮୩ କପିଳ ଦେବଙ୍କ ଚମତ୍କାରୀ ଶତକ

ଏହି ବିଶ୍ୱକପରେ ଅଷ୍ଟ୍ରେଲିଆକୁ ହରାଇବା ପରେ ଜିମ୍ବାୱେର ମନୋବଳ ବହୁ ଉପରେ ଥିଲା। ଦଳ ଭାରତ ବିପକ୍ଷରେ ମଧ୍ୟ ଉତ୍ସାହୀ ପ୍ରଦର୍ଶନ କରିଥିଲା। ଡେନ୍‌କାନ୍ ଫ୍ଲେଚରଙ୍କ ନେତୃତ୍ୱାଧୀନ ଜିମ୍ବାୱେ ୧୭ ରନ ମଧ୍ୟରେ ଭାରତର ୫ଟି ଉଇକେଟ ପତନ ଘଟାଇ ବଡ଼ ବିପର୍ଯ୍ୟୟ ଘଟାଇବା ଦିଗରେ ମଧ୍ୟ ଅଗ୍ରସର ହୋଇଥିଲା। ମାତ୍ର ଭାରତ ଅଧିନାୟକ କପିଳ ଦେବ ଏକ ଚମତ୍କାର ଇନିଂସ ଖେଳି ୧୩୮ ବଲ୍‌ରୁ ୧୭୫ ରନ ସଂଗ୍ରହ ସହ ଅପରାଜିତ ରହିବା ଫଳରେ ଭାରତ ୬୦ ଓଭରରେ ୮ ଉଇକେଟ ହରାଇ ୨୬୬ ରନ କରିବାକୁ ସକ୍ଷମ ହୋଇଥିଲା। ନିଜ ଇନିଂସ ମଧ୍ୟରେ କପିଳ ୧୬ ଚୌକା ଓ ୬ ଛକା ମାରିଥିଲେ। ଭାରତ ୭୮ ରନରେ ୭ମ ଓ ୧୪୦ ରନରେ ୮ମ ଉଇକେଟ ହରାଇଥିଲେ ହେଁ ଉଇକେଟ କିପର ସୟଦ କିର୍ମାନୀଙ୍କ ୨୪ ରନର ଅବଦାନ ମଧ୍ୟ ବହୁ ମୂଲ୍ୟବାନ ଥିଲା। ବିବିସି ଟେକ୍ନିସିଆନଙ୍କ ଧର୍ମଘଟ ଯୋଗୁ ଏହି ମ୍ୟାଚ ଟିଭିରେ ପ୍ରସାରଣ ହୋଇପାରି ନ ଥିଲା। କପିଳଙ୍କ ଏହି ଇନିଂସ କେବଳ ଜିମ୍ବାୱେକୁ ପରାସ୍ତ କରି ନ ଥିଲା, ଏହି ବିଶ୍ୱକପରେ ଭାରତକୁ ଚାମ୍ପିୟନ କରାଇବାରେ ବଡ଼ ଭୂମିକା ନିର୍ବାହ କରିଥିଲା। ଏଥିରେ ନିଜର ବଳିଷ୍ଠ ନେତୃତ୍ୱ ମାଧ୍ୟମରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିଲେ କପିଳ।



କପିଳ ଦେବ



ଆଲାନ୍ ଡୋନାଲ୍ଡଙ୍କୁ ରନ୍ ଆଉଟ୍ କରିବା ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ଦଳ

## ୧୯୯୯ ଚର୍ଚ୍ଚିତ ଟାଇ ମ୍ୟାଚ

ବିଶ୍ୱକପ ଇତିହାସରେ ଏହା ସମ୍ଭବତଃ ସବୁଠାରୁ ଚର୍ଚ୍ଚିତ ଟାଇ ମ୍ୟାଚ। ଏଜବାଷ୍ଟନ ଗ୍ରାଉଣ୍ଡରେ ଅନୁଷ୍ଠିତ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ମାତ୍ର ୨୧୩ ରନକରି ଅଲଆଉଟ ହୋଇ ଯାଇଥିଲା। ଦ୍ରୁତ ବୋଲର ଶନ୍ ପୋଲକ ୩୬ ରନରେ ୫ ଉଇକେଟ ନେଇ ଅଷ୍ଟ୍ରେଲିଆର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲେ ହେଁ ମିଡଲ ଅର୍ଡରରେ ଜଣ୍ଟି ରୋଡ୍ସ ଓ ଜ୍ୟାକ୍ସ କାଲିସ ଆକର୍ଷଣୀୟ ବ୍ୟାଟିଂ କରି ଦଳକୁ ବିଜୟର ନିକଟତର କରାଇଥିଲେ। ଶେଷ ଓଭରରେ ହାତରେ ୧ ଉଇକେଟ ବାକିଥାଇ ବିଜୟ ପାଇଁ ଦକ୍ଷିଣ ଆଫ୍ରିକା ମାତ୍ର ୯ ରନ ଆବଶ୍ୟକ କରୁଥିଲା। ଫର୍ମରେ ଥିବା ଲାନ୍ସ କ୍ଲୁଜନର କ୍ରିଜରେ ଥିବାରୁ ଦକ୍ଷିଣ ଆଫ୍ରିକା ବିଜୟ ସମ୍ଭାବନା ମଧ୍ୟ ଅଧିକ ରହିଥିଲା। କ୍ଲୁଜନର ଶେଷ ଓଭରର ପ୍ରଥମ ଦୁଇ ବଲ୍‌କୁ ଚୌକା ମାରିବାରୁ ଅବଶିଷ୍ଟ ୪ ବଲ୍‌ରୁ ଦକ୍ଷିଣ ଆଫ୍ରିକା ମାତ୍ର ୧ ରନ ଆବଶ୍ୟକ କରୁଥିଲା। ୩ୟ ବଲ୍‌ରୁ ରନ ହୋଇ ନ ଥିଲା। ୪ର୍ଥ ବଲ୍‌ରୁ କ୍ଲୁଜନର ମିଡ୍‌ଅନ୍ ଅଞ୍ଚଳକୁ ଖେଳି ସିଙ୍ଗଲ ନେବା କଲ୍ ଦେଇଥିଲେ। ମାତ୍ର ଆଲାନ ଡୋନାଲ୍ଡ ତାଙ୍କ କଲ୍ ଶୁଣିପାରି ନ ଥିଲେ। ସେ ବିଳମ୍ବରେ ଷ୍ଟାର୍ଟ ନେଇଥିବାବେଳେ ଚାପର ବଶବର୍ତ୍ତୀ ହୋଇ ହାତରୁ ବ୍ୟାଟ୍ ମଧ୍ୟ ଖସାଇ ଦେଇଥିଲେ। ମାର୍କ ୱ ବଲ୍‌କୁ ଫିଲ୍ଡିଂ କରି ବୋଲର ଡାମିଏନ ଫ୍ଲେମିଂଙ୍କ ନିକଟକୁ ଦେଇଥିଲେ ଏବଂ ଫ୍ଲେମିଂ ଉଇକେଟ କିପର ଆଡାମ ଗିଲକ୍ରିଷ୍ଟଙ୍କୁ ତାହା ପାସ୍ କରି ଦେଇଥିଲେ। ଡୋନାଲ୍ଡଙ୍କୁ ଗିଲକ୍ରିଷ୍ଟ ରନଆଉଟ କରିବା ସହ ମ୍ୟାଚ ଟାଇ ହୋଇ ଯାଇଥିଲା। ଫଳରେ ଦକ୍ଷିଣ ଆଫ୍ରିକାର ଅଭିଯାନ ଏହିଠାରୁ ଶେଷ ହୋଇଥିଲା ଏବଂ ଉନ୍ନତ ରନ ହାରରେ ଅଷ୍ଟ୍ରେଲିଆ ଫାଇନାଲରେ ପ୍ରବେଶ କରିଥିଲା।

## ୨୦୧୫ ଦକ୍ଷିଣ ଆଫ୍ରିକାର ହୃଦୟ ଭାଙ୍ଗିଲେ ଇଲିଅଟ

ଅକ୍‌ଲାଣ୍ଡରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ଫାଫ୍ ଡୁପ୍ଲେସି ଓ ଏବି ଡିଭିଲର୍ସଙ୍କ ଅର୍ଦ୍ଧଶତକ ସହାୟତାରେ ଦକ୍ଷିଣ ଆଫ୍ରିକା ୫ ଉଇକେଟ ହରାଇ ୨୮୧ ରନ କରିଥିଲା। ବର୍ଷା ଯୋଗୁ ମ୍ୟାଚ ୪୩ ଓଭର ବିଶିଷ୍ଟ ହୋଇଥିଲା ଏବଂ ନ୍ୟୁଜିଲାଣ୍ଡ ସମ୍ମୁଖରେ ୨୯୮ ରନ ଟାର୍ଗେଟ ହୋଇଥିଲା। ଲକ୍ଷ୍ୟ କଷ୍ଟସାଧ୍ୟ ମନେ ହେଉଥିବାବେଳେ ଜୋହାନ୍ସବର୍ଗରେ ଜନ୍ମ ହୋଇ ୨୦୦୧ରେ ନ୍ୟୁଜିଲାଣ୍ଡକୁ ଆସିଥିବା ଗ୍ରାଣ୍ଟ ଇଲିଅଟ୍ ଜୀବନର ଶ୍ରେଷ୍ଠ ଇନିଂସ ଖେଳି ୮୪ ରନରେ ଅପରାଜିତ ରହିବା ସହ ଦକ୍ଷିଣ ଆଫ୍ରିକାକୁ ପରାଜୟ ସ୍ୱାଦ ଚଖାଇଥିଲେ। ଶେଷ ୨ ବଲ୍‌ରୁ ନ୍ୟୁଜିଲାଣ୍ଡ ଜିତିବାକୁ ୪ ରନ ଆବଶ୍ୟକ ହେଉଥିବାବେଳେ ଡେଲ୍ ଷ୍ଟେଇନ୍‌ଙ୍କ ୫ମ ବଲ୍‌କୁ ମିଡ୍-ଅନ୍ ଉପରେ ଛକାମାରି ସେ ଉତ୍କଣ୍ଠାର ଅବସାନ ଘଟାଇଥିଲେ। ତାଙ୍କର ଏହି ଇନିଂସ ନ୍ୟୁଜିଲାଣ୍ଡକୁ ଫାଇନାଲକୁ ନେଇଥିବାବେଳେ ଦକ୍ଷିଣ ଆଫ୍ରିକା ପୁଣିଥରେ ନକ୍‌ଆଉଟ ପର୍ଯ୍ୟାୟରୁ ବିଦାୟ ନେଇଥିଲା।




ଗ୍ରାଣ୍ଟ ଇଲିଅଟ୍

## ୨୦୧୧ ଓ'ବ୍ରେନଙ୍କ ମ୍ୟାଚ ବିଜୟୀ ଇନିଂସ

ଅଣଟେଷ୍ଟ ରାଷ୍ଟ୍ର ଆୟର୍ଲାଣ୍ଡ ବିପକ୍ଷରେ ଇଂଲଣ୍ଡ ଭଲ ବ୍ୟାଟିଂ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୮ ଉଇକେଟ ହରାଇ ୩୨୭ ରନ କରିଥିଲା। ସେ ସମୟରେ ବିଶ୍ୱକପ ଇତିହାସରେ ଏତେ ସ୍କୋର କୌଣସି ଦ ଳ ଚେଜ୍ କରିପାରି ନ ଥିଲା। ଆୟର୍ଲାଣ୍ଡ ଅପେକ୍ଷାକୃତ ଦୁର୍ବଳ ଥିବାରୁ ଇଂଲଣ୍ଡ ସହଜ ବିଜୟ ହାସଲ କରିବ ବୋଲି ଆଶା କରାଯାଉଥିଲା। ମାତ୍ର ବାଙ୍ଗାଲୋର ପିଚ୍ କେଭିନ ଓ'ବ୍ରେନଙ୍କ ପାଇଁ ସ୍ମରଣୀୟ ହୋଇଗଲା। ସେ ମାତ୍ର ୫୦ ବଲ୍‌ରୁ ୧୩ ଚୌକା ଓ ୬ ଛକା ସହାୟତାରେ ବିଶ୍ୱକପ ଇତିହାସର ଦ୍ରୁତତମ ଶତକ ହାସଲ କଲେ। ତାଙ୍କର ଏହି ଇନିଂସ ସହାୟତାରେ ଏକଦା ୧୧୧ ରନରେ ୫ଟି ଉଇକେଟ ହରାଇଥିବା ଆୟର୍ଲାଣ୍ଡ ଶେଷରେ ୩ ଉଇକେଟରେ ରୋମାଞ୍ଚକ ବିଜୟ ହାସଲ କଲା। ମ୍ୟାଚରେ ଓ'ବ୍ରେନ୍ ୧୧୩ ରନ ସ୍କୋର କରିଥିଲେ।



କେଭିନ ଓ'ବ୍ରେନ

# ବର୍ଷା ଯୋଗୁ ୨ ୱାର୍ମଅପ୍ ମ୍ୟାଚ ବାତିଲ




**କାର୍ଡିଫ/ବ୍ରିଷ୍ଟଲ, ୨୬।୫(ପି.ଟି.)**

ବର୍ଷା ଯୋଗୁ ରବିବାର ପାକିସ୍ତାନ-ବାଂଲାଦେଶ, ଦକ୍ଷିଣ ଆଫ୍ରିକା-ୱେଷ୍ଟଇଣ୍ଡିଜ ବିଶ୍ୱକପ ୱାର୍ମଅପ୍ ମ୍ୟାଚ ବାତିଲ ହୋଇଛି। କାର୍ଡିଫରେ ହେବାକୁଥିବା ପାକିସ୍ତାନ-ବାଂଲାଦେଶ ମ୍ୟାଚରେ ଗୋଟିଏ ହେଲେ ବଲ୍ ବୋଲିଂ ସମ୍ଭବ ହୋଇ ନ ଥିଲା। ବ୍ରିଷ୍ଟଲରେ ଆଫ୍ରିକା-ୱେଷ୍ଟଇଣ୍ଡିଜ ମ୍ୟାଚ ମାତ୍ର ୧୨.୪ ଓଭର ସମ୍ଭବ ହୋଇଥିଲା। ବର୍ଷା ଯୋଗୁ ୨ ଥର ବାଧାପ୍ରାପ୍ତ ମ୍ୟାଚକୁ ୩୧ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା କୌଣସି ଉଇକେଟ ନ ହରାଇ ୯୫ ରନ କରିଥିବାବେଳେ ପୁଣି ବର୍ଷା ହୋଇଥିଲା। ଫଳରେ ମ୍ୟାଚକୁ ବାତିଲ କରାଯାଇଥିଲା। ସେତେବେଳକୁ ହାସିମ ଅମ୍ଲା ୪୬ ବଲ୍‌ରୁ ୫୧ ଏବଂ କ୍ୱିଣ୍ଟନ ଡି'କକ୍ ୩୦ ବଲ୍‌ରୁ ୩୭ ରନ ସ୍କୋର କରିଥିଲେ। ପୂର୍ବରୁ ପାକିସ୍ତାନ ଏହାର ପ୍ରଥମ ୱାର୍ମଅପ୍ ମ୍ୟାଚରେ ଆଫଗାନିସ୍ତାନଠାରୁ ହାରିଥିବାବେଳେ ଦକ୍ଷିଣ ଆଫ୍ରିକା ୮୭ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା।

# ଜୟବର୍ଦ୍ଧନେଙ୍କ ପ୍ରତ୍ୟାଖ୍ୟାନ

**କଲମ୍ବୋ, ୨୬।୫(ପି.ଟି.)**

ଶ୍ରୀଲଙ୍କା ବିଶ୍ୱକପ୍ ଦଳରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଦିଆଯାଇଥିବା ଅଫରକୁ ପ୍ରାକ୍ତନ ଅଧିନାୟକ ମାହେଲା ଜୟବର୍ଦ୍ଧନେ ରବିବାର ପ୍ରତ୍ୟାଖାନ କରିଦେଇଛନ୍ତି। ନିକଟରେ ସମାପ୍ତ ହୋଇଥିବା ଆଇପିଏଲ୍‌ରେ ମୁମ୍ବାଇକୁ ୪ର୍ଥ ଥର ଚାମ୍ପିୟନ କରାଇବାରେ ପ୍ରମୁଖ ଭୂମିକା ନେଇଥିବା ଜୟବର୍ଦ୍ଧନେ ପୂର୍ବରୁ ଦେଶର ଘରୋଇ କ୍ରିକେଟ ସିଷ୍ଟମରେ ପରିବର୍ତ୍ତନ ଆଣିବା ପାଇଁ ଦେଇଥିବା ପ୍ରସ୍ତାବକୁ ଶ୍ରୀଲଙ୍କା କ୍ରିକେଟ୍ (ଏସ୍‌ଏଲ୍‌ସି) ଅଗ୍ରାହ୍ୟ କରିଦେଇଥିଲା। 'ମୋତେ ଆମନ୍ତ୍ରଣ କରାଯାଇଥିଲା। କିନ୍ତୁ ମୋର ଅନ୍ୟାନ କିଛି ପ୍ରତିଶ୍ରୁତି ରହିଛି। ଶ୍ରୀଲଙ୍କା ବିଶ୍ୱକପ୍ ଦଳରେ ମୋତେ କେଉଁ ଭୂମିକା ମିଳିବ ତାହା ମୁଁ ବୁଝିପାରୁନାହିଁ। ବିଶ୍ୱକପ୍ ଲାଗି ଦଳ ଚୟନ ହୋଇସାରିଛି ଏବଂ ସବୁକିଛି ସରିଯାଇଛି। ଦଳରେ ସାମିଲ ହୋଇ ଯୋଡ଼ିବା ପାଇଁ ଆଉ କିଛି ବାକି ନାହିଁ' ବୋଲି ଶ୍ରୀଲଙ୍କାର ଏକ ଖବରକାଗଜକୁ ସାକ୍ଷାତକାର ଅବସରରେ ୪୧ ବର୍ଷୀୟ ଜୟବର୍ଦ୍ଧନେ ଏହା କହିଛନ୍ତି। ଗତବର୍ଷ ଜୟବର୍ଦ୍ଧନେ, କୁମାର ସଙ୍ଗାକରା ଓ ଅରବିନ୍ଦ ଡି ସିଲ୍‌ଭାଙ୍କୁ ନେଇ ଗଠିତ ଏକ କମିଟି ଦେଶର ଘରୋଇ କ୍ରିକେଟ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ବୋର୍ଡକୁ ସୁପାରିସ କରିଥିଲେ। କିନ୍ତୁ ଏସ୍‌ଏଲ୍‌ସି ଏହାକୁ ପ୍ରତ୍ୟାଖାନ କରିଦେଇଥିଲା।

# ୨୦୧୧ ଭାରତକୁ ଦ୍ୱିତୀୟ ଟାଇଟଲ

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦଶମ ସଂସ୍କରଣ ୨୦୧୧ରେ ଆୟୋଜିତ ହୋଇଥିଲା। ବିଭିନ୍ନ ଦୃଷ୍ଟିକୋଣରୁ ଭାରତ ଏହି ବିଶ୍ୱକପ୍ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଭାରତ ଏହି ବିଶ୍ୱକପ୍‌ର ଅନ୍ୟତମ ଆୟୋଜକ ହେବା ସହିତ ଟାଇଟଲ ମଧ୍ୟ ଜିତିଥିଲା। ଭାରତ, ଶ୍ରୀଲଙ୍କା ସମେତ ପ୍ରଥମଥର ପାଇଁ ବାଂଲାଦେଶ ବିଶ୍ୱକପ୍ ଆୟୋଜନ କରିବାର ଅଧିକାର ପାଇଥିଲା। ଭାରତ ପ୍ରଥମ ଦେଶ ହିସାବରେ ଘରୋଇ ମାଟିରେ ବିଶ୍ୱକପ୍ ଜିତିବାର ଗୌରବ ଅର୍ଜନ କରି ଏକ ବିରଳ ସଫଳତା ହାସଲ କରିଥିଲା। ଭାରତ ଫାଇନାଲରେ ଶ୍ରୀଲଙ୍କାକୁ ହରାଇ ଦ୍ୱିତୀୟଥର ପାଇଁ ବିଶ୍ୱକପ୍ ତାଜ୍ ହାସଲ କରିଥିଲା। ସ୍ଥିର ତଥା ଅଲରାଉଣ୍ଡ ପ୍ରଦର୍ଶନ କରି ଯୁବରାଜ ସିଂ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ପ୍ରଥମଥର ପାଇଁ କୌଣସି ବିଶ୍ୱକପ୍‌ରେ ଦୁଇ ଏସୀୟ ଦେଶ ଫାଇନାଲରେ ମୁହାଁମୁହିଁ ହୋଇଥିଲେ। ପୁଣି ୧୯୯୨ ପରେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆକୁ ଫାଇନାଲ ଟିକେଟ ମିଳି ନ ଥିଲା।

ଫେବୃୟାରୀ ୧୯ରୁ ଆରମ୍ଭ ହୋଇ ଏହି ବିଶ୍ୱକପ୍ ଏପ୍ରିଲ ୨ ତାରିଖରେ ଶେଷ ହୋଇଥିଲା। ରାଉଣ୍ଡ- ରବିନ ଓ ନକ୍‌ଆଉଟ ଫର୍ମାଟରେ ମ୍ୟାଚ୍ ସବୁ ଖେଳାଯାଇଥିଲା। ଟୁର୍ନାମେଣ୍ଟରେ ମୋଟ ୪୯ଟି ମ୍ୟାଚ୍ ଖେଳାଯାଇଥିଲା। ବିଶ୍ୱକପ୍‌ର ମ୍ୟାଚ୍‌ଗୁଡ଼ିକୁ ୧,୨୨୯,୮୨୬ ଦର୍ଶକ ଉପଭୋଗ କରିଥିଲେ। ମ୍ୟାଚ ପିଛା ହାରାହାରି ଦର୍ଶକ ସଂଖ୍ୟା ଥିଲା ୨୫,୦୮୯। ଶ୍ରୀଲଙ୍କାର ତିଲକରତ୍ନେ ଦିଲସାନ ସର୍ବାଧିକ ୫୦୦ ରନ ସଂଗ୍ରହ କରିଥିଲେ। ଭାରତୀୟ ଦ୍ରୁତ ବୋଲର ଜାହିର ଖାଁ ଓ ପାକିସ୍ତାନର ସହିତ ଆଫ୍ରିଦୀ ସର୍ବାଧିକ ୨୧ଟି ଲେଖାଏ ଉଇକେଟ ହାସଲ କରିଥିଲେ।

୧୪ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଗ୍ରୁପ୍ ଏ'ରେ ଆଇସିସିର ପୂର୍ଣ୍ଣ ସଦସ୍ୟ ଦେଶ ଅଷ୍ଟ୍ରେଲିଆ, ପାକିସ୍ତାନ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଜିମ୍ବାୱେ ସମେତ ଆସୋସିଏଟ୍ ମେମ୍ବର ଦେଶ କାନାଡ଼ା ଓ କେନିଆ ସ୍ଥାନ ପାଇଥିଲେ। ସେହିପରି ଗ୍ରୁପ୍ ବି'ରେ ଭାରତ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ୍, ବାଂଲାଦେଶ ସମେତ ଆସୋସିଏଟ୍ ମେମ୍ବର ଆୟର୍ଲାଣ୍ଡ ଓ ନେଦରଲାଣ୍ଡ ସ୍ଥାନ ପାଇଥିଲେ। ଟୁର୍ନାମେଣ୍ଟରେ ରେକର୍ଡ ପୁରସ୍କାର ରାଶି ରଖାଯାଇଥିଲା। ଭାରତର ୮, ଶ୍ରୀଲଙ୍କାର ୩ ଓ ବାଂଲାଦେଶର ଦୁଇଟି ସହରରେ ମ୍ୟାଚ ଖେଳାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୪ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଗ୍ରୁପ୍ ଏ'ରେ ପ୍ରଥମ ୪ଟି ସ୍ଥାନରେ ରହି ପାକିସ୍ତାନ, ଶ୍ରୀଲଙ୍କା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ଗ୍ରୁପ୍ ବି'ରେ ଦକ୍ଷିଣ ଆଫ୍ରିକା, ଭାରତ, ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଗ୍ରୁପ୍ ବି'ରେ ଭାରତ ୬ଟି ମ୍ୟାଚ୍ ଖେଳି ୪ଟିରେ ବିଜୟ ହାସଲ କରିଥିବା ବେଳେ ଦକ୍ଷିଣ ଆଫ୍ରିକାଠାରୁ ପରାସ୍ତ ହୋଇଥିଲା। ତେବେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌କୁ ଭାରତ ଟାଇ ରଖିଥିଲା। ଫଳରେ ଭାରତ ଗ୍ରୁପ୍ ବି'ରେ ଦ୍ୱିତୀୟ ସ୍ଥାନରେ ରହିଥିଲା। କ୍ୱାର୍ଟର ଫାଇନାଲରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି ପାକିସ୍ତାନ, ଅଷ୍ଟ୍ରେଲିଆକୁ ହରାଇ ଭାରତ, ଦକ୍ଷିଣ ଆଫ୍ରିକାକୁ ହରାଇ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡକୁ ହରାଇ ଶ୍ରୀଲଙ୍କା ସେମିଫାଇନାଲରେ ପ୍ରବେଶ କରିଥିଲା। ଭାରତ ବିପକ୍ଷ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଅଧିନାୟକ ରିକି ପଣ୍ଟିଙ୍କ ୧୦୪ ରନର ଶତକୀୟ ପାଳି ସହ ୫୦ ଓଭରରେ ୬ ଉଇକେଟ ହରାଇ ୨୬୦ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୭.୪ ଓଭରରେ ୫ ଉଇକେଟ ହରାଇ ୨୬୧ ରନ କରି ବିଜୟୀ ହୋଇଥିଲା। ୨ ଉଇକେଟ ନେବା ସହ ଅପରାଜିତ ୫୭ ରନ କରି ଯୁବରାଜ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେମିଫାଇନାଲରେ ଶ୍ରୀଲଙ୍କା ୫ ଉଇକେଟରେ ନ୍ୟୁଜିଲାଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଭାରତ ୨୯ ରନରେ ପାକିସ୍ତାନକୁ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଥିଲା। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୨୬୦ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସଚିନ ତେନ୍ଦୁଲକର ୮୫, ବୀରେନ୍ଦ୍ର ସେହ୍ୱାଗ ୩୮, ମହେନ୍ଦ୍ର ସିଂ ଧୋନୀ ୨୫, ସୁରେଶ ରାଇନା ଅପରାଜିତ ୩୬ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ୱାହବ ରିୟାଜ ସର୍ବାଧିକ ୫, ସଇଦ ଆଜମଲ ୨ ଓ ମହମ୍ମଦ ହାଫିଜ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ପାକିସ୍ତାନ ୪୯.୫ ଓଭରରେ ୨୩୧ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଦଳ ତରଫରୁ ମିସବା ଉଲ ହକ୍ ୫୬, ହାଫିଜ ୪୩ ରନ କରିଥିବା ବେଳେ ବୋଲିଂରେ ଭାରତ ତରଫରୁ ଜାହିର ଖାଁ, ଆଶିଷ ନେହେରା, ମୁନାଫ ପଟେଲ, ହରଭଜନ ସିଂ ଓ ଯୁବରାଜ ସିଂ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ତେନ୍ଦୁଲକର ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚତ ହୋଇଥିଲେ। ପାକିସ୍ତାନ ବିପକ୍ଷର ଏହି ବିଜୟ ସାରା ଦେଶରେ ଉତ୍ସବର ମାହୋଲ ଖେଳାଇଦେଇଥିଲା।

ଫାଇନାଲ ମ୍ୟାଚ୍‌ରେ ଭାରତ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିଥିଲେ। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ମାହେଲା ଜୟବର୍ଦ୍ଧନେଙ୍କ ଅପରାଜିତ ୧୦୩ ରନର ଶତକୀୟ ପାଳି ବଳରେ ୨୭୪ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୩୧ ରନରେ ସେହ୍ୱାଗ ଓ ସଚିନଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଗୌତମ ଗମ୍ଭୀର ୯୭, କୋହଲି ୩୫, ମହେନ୍ଦ୍ର ସିଂ ଧୋନୀ ଅପରାଜିତ ୯୧, ଯୁବରାଜ ଅପରାଜିତ ୨୧ ରନ କରିଥିଲେ। ଧୋନୀ ଛକା ମାରି ଦଳକୁ ଚାମ୍ପିୟନ କରାଇଥିଲେ। ମ୍ୟାଚ୍ ବିଜୟୀ ଇନିଂସ ପାଇଁ ଧୋନୀ ମ୍ୟାନ୍ ଅଫ୍ ଦି ଫାଇନାଲ ଓ ଯୁବରାଜ ପ୍ଲେୟାର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ବିଶ୍ୱକପର ଏହି ସଂସ୍କରଣ ଆଶାତୀତ ସଫଳତା ହାସଲ କରିଥିଲା। ବିଶ୍ୱବ୍ୟାପୀ ୨.୨ ବିଲିୟନ ଦର୍ଶକ ଏହି ବିଶ୍ୱକପ୍ ଦେଖିଥିଲେ ଓ ଏହା ଏକ ସର୍ବକାଳୀନ ରେକର୍ଡ। ନିରାପତ୍ତା ତଥା ସୁରକ୍ଷାରେ ଦେଖାଦେଇଥିବା ଅନିଶ୍ଚିତତା ଯୋଗୁ ପାକିସ୍ତାନରେ କୌଣସି ବିଶ୍ୱକପ୍ ମ୍ୟାଚ୍ ଆୟୋଜନ ହୋଇ ନ ଥିଲା।



ଟ୍ରଫି ସହ ମହେନ୍ଦ୍ର ସିଂ ଧୋନି



“ବିଶ୍ୱକପ୍‌ରେ ଭାରତ ବିପକ୍ଷରେ କ୍ରମାଗତ ୬ଥର ପରାଜୟର ଧାରାକୁ ପାକିସ୍ତାନ ଏଥର ଭାଙ୍ଗିବ ବୋଲି ମୋର ବିଶ୍ୱାସ।
–ଇଞ୍ଜାମାମ୍ ଉଲ୍ ହକ୍, ପାକିସ୍ତାନର ମୁଖ୍ୟ ଚୟନକର୍ତ୍ତା



“ଏଫ୍‌ଆଇଏଚ୍ ମହିଳା ସିରିଜ ଫାଇନାଲ୍ସ ପାଇଁ ଭାରତୀୟ ଦଳର ପ୍ରସ୍ତୁତି କ୍ଷେତ୍ରରେ କୋରିଆ ସିରିଜ ବିଜୟ ଗୁରୁତ୍ୱପୂର୍ଣ୍ଣ।
–ଜୋର୍ଡ ମାରିଜନେ, ଭାରତୀୟ ମହିଳା ହକି ଟିମ୍ କୋଚ୍

## ସଂକ୍ଷେପରେ

### କଟକ ଜିଲା ଟାଏକୋଣ୍ଡୋ ୨୯ରେ

**କଟକ ଅଫିସ,୨୬ା୫:** ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଆସନ୍ତା ୨୯ରେ ଏସ୍‌ଏନ ଟାଏକୋଣ୍ଡୋ ଏକାଡେମୀ ଓ ଏପିଏନ୍ ଟାଏକୋଣ୍ଡୋ ଏକାଡେମୀର ମିଳିତ ଆନୁକୂଲ୍ୟରେ ୨ୟ କଟକ ଜିଲା ଟାଏକୋଣ୍ଡୋ ଚାମ୍ପିୟନଶିପ ଅନୁଷ୍ଠିତ ହେବ । କିରୋଗୀ ଓ ପୁମସେ ବିଭାଗରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ କଟକ ଜିଲାର ୪୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ । ସୁପର ସବଜୁନିୟର ବର୍ଗରୁ ଆରମ୍ଭ କରି ସିନିୟର ବର୍ଗର ଖେଳାଳିଙ୍କୁ ନେଇ ଏହି ପ୍ରତିଯୋଗିତା ହେବ ବୋଲି ଏନ୍‌ଏନ ଟାଏକୋଣ୍ଡୋ ଏକାଡେମୀ ସମ୍ପାଦିକା ସୁଦୀପ୍ତା ନନ୍ଦ ସୂଚନା ଦେଇଛନ୍ତି ।

### ଗୋଆ ଅନ୍ତର୍ଜାତୀୟ କରାଟେରେ ଜାହିଦଙ୍କ ସଫଳତା



**କଟକ ଅଫିସ,୨୬ା୫:** ଗୋଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ କଟକର ମହମ୍ମଦ ଜାହିଦ ସଫଳତା ପାଇଛନ୍ତି । ଜାହିଦ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ଏହି ସଫଳତା ନିମନ୍ତେ ଜାହିଦ ସେନସେଇ ଶତ୍ରୁଜିତ ଚୌଧୁରୀ, ସେନସେଇ ରିଚାର୍ଡ ଆମୋସଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନା ଥାଉକି, ଗତ ୧୯ରୁ ୨୩ ତାରିଖ ପର୍ଯ୍ୟନ୍ତ ହୋଇଥିବା ଉକ୍ତ ଚାମ୍ପିୟନଶିପ୍‌ରେ ଓଡ଼ିଶା ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ସର୍ବାଧିକ ପଦକ ବିଜୟୀ ହୋଇଥିବା ଜଣାପଡ଼ିଛି ।

### ଈଶ୍ୱରନଙ୍କ ଦ୍ୱିଶତକ: ଦୃଢ଼ ସ୍ଥିତିରେ ଭାରତ-ଏ



**ବେଲାଗାଭି, ୨୬ା୫(ପି.ଟି.):** ଶ୍ରୀଲଙ୍କା-ଏ ବିପକ୍ଷରେ ଏଠାରେ ଚାଲିଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ଭାରତ-ଏ ଦୃଢ଼ ସ୍ଥିତିରେ ରହିଛି। ଭାରତ-ଏ'ର ପ୍ରଥମ ଇନିଂସ ସ୍କୋର ୬୨୨/୫ ଜବାବରେ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଶ୍ରୀଲଙ୍କା-ଏ ବ୍ୟାଟିଂ ଆରମ୍ଭ କରି ସଙ୍ଗୀତ କୋରେ (୦), ସାଦିରା ସମରବିକ୍ରମ (୩୧), ପାଥୁମ ନିଶାଙ୍କ (୬) ଓ ଭାନୁକା ରାଜପ୍ରକାଶ (୦)ଙ୍କ ଉଇକେଟ୍ ହରାଇ ୮୩ ରନ ସଂଗ୍ରହ କରି ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଅସନ ପ୍ରିୟଞ୍ଜନ ଓ ନିରୋଶାନ ଡିକ୍‌ୱେଲା ୨୨ ରନ ଲେଖାଏ କରି କ୍ରିଜରେ ଅପରାଜିତ ରହିଛନ୍ତି। ୬ ଉଇକେଟ୍ ବଳକା ରହିଥିବାବେଳେ ଶ୍ରୀଲଙ୍କା-ଏ ପ୍ରଥମ ଇନିଂସରେ ଆଉ ୫୩୯ ରନ ଆବଶ୍ୟକ କରୁଛି। ଭାରତ-ଏ ପକ୍ଷରୁ ସନ୍ଦୀପ ୱାରିୟର ଓ ଶିଭମ ଦୁବେ ୨ଟି ଲେଖାଏ ଉଇକେଟ ନେଇଥିଲେ। ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୭୬/୧ରୁ ବ୍ୟାଟିଂ ଆରମ୍ଭ କରିଥିବା ଭାରତ-ଏ ପାଇଁ ରବିବାର ଈଶ୍ୱରନ ଦ୍ୱିଶତକ ହାସଲ କରିଥିଲେ। ୧୮୯ ରନ କରି ଅପରାଜିତ ରହିଥିବା ଈଶ୍ୱରନ ଦ୍ୱିତୀୟ ଦିନରେ ଆଉ ୪୪ ରନ ଯୋଡ଼ି ୨୩୩ ରନ (୨୨ ଚୌକା, ୩ ଛକା)ରେ ଆଉଟ୍ ହୋଇଥିଲେ। ଅକିଲ ଧନଞ୍ଜୟଙ୍କ ବଲରେ ସେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନମୋଲ ପ୍ରୀତ୍ ସିଂ (୧୧୬ ରନ)ଙ୍କ ଶତକୀୟ ଇନିଂସ ଦ୍ୱିତୀୟ ଦିବସର ଅନ୍ୟତମ ଉଲ୍ଲେଖନୀୟ ଘଟଣା ରହିଥିଲା। ଅନମୋଲ ପ୍ରୀତ୍ ଓ ସିଦ୍ଧେଶ ଲାଡ୍ (୭୬) ୫ମ ଉଇକେଟ୍ ଯୋଡ଼ିରେ ୧୪୭ ରନର ଭାଗୀଦାରି କରିଥିଲେ। ୫ ଉଇକେଟ୍‌ରେ ୬୨୨ ରନ ହୋଇଥିବାବେଳେ ଭାରତ-ଏ ଇନିଂସ ଘୋଷଣା କରିଥିଲା।

## ■ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ

# ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର,୨୬ା୫(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୬ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଏଫ୍‌ଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସ ପାଇଁ ଟିକେଟ ବିକ୍ରି ଆରମ୍ଭ ହୋଇଛି। କଳିଙ୍ଗ ଷ୍ଟାଡିୟମସ୍ଥିତ ବକ୍ସ ଅଫିସ୍‌ରେ ଟିକେଟ ବିକ୍ରି ଆରମ୍ଭ କରାଯାଇଛି ବୋଲି ଆୟୋଜକମାନେ ଘୋଷଣା କରିଛନ୍ତି। ଏଥିସହିତ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଖୋଲିଥିବା ଆଉଟ୍‌ଲେଟ୍‌ଗୁଡିକରେ ମଧ୍ୟ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଯେଉଁ ପ୍ରଶଂସକମାନେ ଅନ୍‌ଲାଇନ୍‌ରେ ଟିକେଟ କିଣିଛନ୍ତି ସେମାନେ ଷ୍ଟାଡିୟମସ୍ଥିତ ରିଡେମ୍ପଶନ କାଉଣ୍ଟରରେ ଟିକେଟ ରିଡମ୍ କରିପାରିବେ ବୋଲି ସୂଚନା ଦିଆଯାଇଛି।

### ଟିକେଟ ବିକ୍ରି ଅର୍ଥ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦିଆଯିବ

ଟିକେଟ ବିକ୍ରିରୁ ମିଳିବାକୁଥିବା ଲାଭାଂଶ ସାଇକ୍ଲୋନ ଫନୀ ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କ ସାହାଯ୍ୟ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯିବ ବୋଲି ଆୟୋଜକମାନେ ଘୋଷଣା କରିଛନ୍ତି। ଟିକେଟ କ୍ରୟ କରିଥିବା ଲୋକେ କଳିଙ୍ଗ ଷ୍ଟାଡିୟମ ହକି କମ୍ପ୍ଲେକ୍ସରେ ବିଶ୍ୱସ୍ତରୀୟ ହକି ଦେଖିବାର ସୁଯୋଗ ହାସଲ କରିବେ। ୮ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଓ ଷ୍ଟାଡିୟମର ଗେଟ୍ ନମ୍ବର ୯ସ୍ଥିତ ବକ୍ସ ଅଫିସ୍‌ରେ ଟିକେଟ ମିଳିପାରିବ। ସେହିପରି ଅନ୍‌ଲାଇନରେ ଟିକେଟ କ୍ରୟ କରିଥିବା ପ୍ରଶଂସକମାନେ ଗେଟ୍ ନମ୍ବର ୪ ସ୍ଥିତ ରିଡେମ୍ପଶନ କାଉଣ୍ଟରରେ ସେମାନଙ୍କ ଅନ୍‌ଲାଇନ ଭାଉଚରକୁ ରିଡମ କରିପାରିବେ।

ସକାଳ ୧୦.୩୦ରୁ ଅପରାହ୍ନ ୫ଟା ମଧ୍ୟରେ ବିଭିନ୍ନ ଆଉଟଲେଟ୍‌ରେ ଟିକେଟ ମିଳିପାରିବ। ତେବେ ଗେଟ୍ ନମ୍ବର ୯ ସ୍ଥିତ ବକ୍ସ ଅଫିସରେ ସକାଳ ୯ଟାରୁ ୧୨ ପର୍ଯ୍ୟନ୍ତ ଟିକେଟ ମିଳିପାରିବ। ସେହିପରି ଅପରାହ୍ନ ୩ଟାରୁ ୭ଟା ପର୍ଯ୍ୟନ୍ତ ୪ ନମ୍ବର ଗେଟ୍‌ରେ ଅନ୍‌ଲାଇନ୍ ଭାଉଚରଗୁଡିକର ରିଡେମ୍ପଶନ ହୋଇପାରିବ ବୋଲି କୁହାଯାଇଛି। ପୂର୍ବରୁ ମେ ୧୪ ତାରିଖରେ ଅନ୍‌ଲାଇନ୍‌ରେ ଟିକେଟ ଉପଲବ୍ଧ ହୋଇଥିଲା।

ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟ ମୂଲ୍ୟ ୨୦୦, ସାଉଥ୍ ଓ ନର୍ଥ ଷ୍ଟାଣ୍ଡ ପାଇଁ ଟିକେଟ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡିକ ଆସନ୍ତା ଜୁନ ୬ରୁ ୧୨ ତାରିଖ ମଧ୍ୟରେ ଆୟୋଜନ ହେବ। ସେହିପରି ୧୪ ଓ ୧୫ ତାରିଖରେ ଖେଳାଯିବାକୁ ଥିବା ଦୁଇଟି ସେମିଫାଇନାଲ ମ୍ୟାଚ୍ ପାଇଁ ଇଷ୍ଟ ଷ୍ଟାଣ୍ଡ ଟିକେଟର ମୂଲ୍ୟ ୨୫୦ ଓ ସାଉଥ୍ ଏବଂ ନର୍ଥ ଷ୍ଟାଣ୍ଡ ପାଇଁ ଟିକେଟର ମୂଲ୍ୟର ୧୫୦ ଟଙ୍କା ରଖାଯାଇଛି। ଆଗାମୀ ୬, ୭, ୧୦, ୧୨ ଓ ୧୪ ତାରିଖ ସକାଳ ୮ଟା ୪୫ରେ ଆରମ୍ଭ ହେବାକୁଥିବା ମ୍ୟାଚ୍‌ଗୁଡିକ ପାଇଁ ଇଷ୍ଟ, ନର୍ଥ ଓ ସାଉଥ ଷ୍ଟାଣ୍ଡ ଫାଷ୍ଟ କମ ଫାଷ୍ଟ ସର୍ଭ ବେସିସ୍‌ରେ ଦର୍ଶକ ମାନେ ବିନା ଟିକେଟରେ ମାଗଣାରେ ଏଣ୍ଟ୍ରି କରିପାରିବେ।




### ଟିକେଟ ମୂଲ୍ୟ

■ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍
ଇଷ୍ଟ ଷ୍ଟାଣ୍ଡ- ୨୦୦ ଟଙ୍କା
ସାଉଥ୍ ଓ ନର୍ଥ ଷ୍ଟାଣ୍ଡ- ୧୦୦ ଟଙ୍କା

■ ସେମିଫାଇନାଲ ମ୍ୟାଚ୍
ଇଷ୍ଟ ଷ୍ଟାଣ୍ଡ- ୨୫୦ ଟଙ୍କା
ସାଉଥ୍ ଓ ନର୍ଥ ଷ୍ଟାଣ୍ଡ-୧୫୦ ଟଙ୍କା

■ ୬, ୭, ୧୦, ୧୨ ଓ ୧୪ ତାରିଖ ସକାଳ ମ୍ୟାଚ୍ (ଫ୍ରି ଏଣ୍ଟ୍ରି)

■ ଟିକେଟ ବିକ୍ରି- ୯ ନମ୍ବର ଗେଟ୍‌ସ୍ଥିତ ବକ୍ସ ଅଫିସ୍ (ସକାଳ ୯ରୁ ୧୨)
ଅନଲାଇନ ଭାଉଚର ରିଡେମ୍ପଶନ- ୪ ନମ୍ବର ଗେଟ୍ ରିଡେମ୍ପଶନ କାଉଣ୍ଟର
(ଅପରାହ୍ନ ୩ରୁ ସନ୍ଧ୍ୟା ୭ଟା)

## ଅପୂର୍ବୀଙ୍କୁ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୨୬ା୫(ପି.ଟି.)

ଭାରତର ଅପୂର୍ବୀ ଚାଣ୍ଡେଲା ତାଙ୍କ ଫର୍ମ ଜାରି ରଖିବା ସହ ଜର୍ମାନୀର ମ୍ୟୁନିକ୍‌ଠାରେ ଚାଲିଥିବା ଚଳିତବର୍ଷର ତୃତୀୟ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍), ୱାର୍ଲ୍ଡ କପ୍ ରାଇଫଲ/ପିସ୍ତଲ ଷ୍ଟେଜ୍‌ର ମହିଳା ୧୦ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଜୟପୁରର ଏହି ଶୁଟର ଫାଇନାଲରେ ୨୫୧ ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଚାଇନାର ୱାଙ୍ଗ୍ ଲୁୟାଓ ୨୫୦.୮ ସ୍କୋର ସହ ରୌପ୍ୟ ଜିତିଥିବା ବେଳେ ଅନ୍ୟ ଜଣେ ଶୁଟର ଜୁ ହଙ୍ଗ୍ ୨୨୯.୪ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଫେବୃୟାରୀରେ ନୂଆଦିଲ୍ଲୀରେ ଏକ ବିଶ୍ୱ ରେକର୍ଡ ସ୍କୋର ପରେ ଏହାଥିଲା ଅପୂର୍ବୀଙ୍କ ଦ୍ୱିତୀୟ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ସ୍ୱର୍ଣ୍ଣ। ଅନ୍ୟତମ ଭାରତୀୟ ଇଲାଭେନିଲ ଭାଲାରିଭାନ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ଶନିବାର ୨୦୨୦ ଟୋକିଓ ଅଲିମ୍ପିକ ପାଇଁ ଦୁଇଟି କୋଟା ଉପଲବ୍ଧ ଥିଲା। ମହିଳା ୧୦ମିଟର ଏୟାର ରାଇଫଲରେ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନ ସହ ରୋମାନିଆର ଲାଉରା ଜର୍ଜେଟା କୋମାନ ଏବଂ ୧୬ ବର୍ଷୀୟ ହଙ୍ଗେରୀର ଏସ୍‌ଜର ମେସ୍‌ଜାରସ ଏହି କୋଟା ହାସଲ କରିଥିଲେ। ସୂଚନାଯୋଗ୍ୟ, ଅପୂର୍ବୀ, ଅଞ୍ଜୁମ ମୋଦଗିଲ, ସୌରଭ ଚୌଧାରୀ, ଅଭିଷେକ ବର୍ମା ଏବଂ ଦିବ୍ୟାଂଶ ସିଂ ପନୱାର ଦେଶ ପାଇଁ ପୂର୍ବରୁ କୋଟା ହାସଲ କରିସାରିଛନ୍ତି। ଭାରତର ଅନ୍ୟ ଏକ କୋଟା ପୁରୁଷ ୧୦ମିଟର ଏୟାର ରାଇଫଲରେ ରହିଛି। ସୋମବାର ଟୋକିଓ ଲାଗି ୬ଟି କୋଟା ଚୂଡ଼ାନ୍ତ ହେବ।

## ରାଜ୍ୟ ସବ୍‌ଜୁନିୟର କରାଟେ ଉଦ୍‌ଯାପିତ

**ଭୁବନେଶ୍ୱର, ୨୬ା୫(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ୩୧ତମ ରାଜ୍ୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୧୮ ଜିଲାରୁ ୩୦୦ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ। ପ୍ରଦର୍ଶନ ଭିତ୍ତିରେ ମନୋନୀତ କରାଟେକାମାନେ ଆସନ୍ତା ମାସ ୧୦ ତାରିଖରେ ଦିଲ୍ଲୀଠାରେ ହେବାକୁଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ଭାଗନେବେ। ପ୍ରତିଯୋଗିତାକୁ ସେନ୍‌ସେଇ ଖାରବେଳ ମଲ୍ଲିକ, ଜୟଦେବ ପଟ୍ଟନାୟକ, ଏସ.ଆର. ସାସମଲ, ଏନ.ଏସ. ଗୁଇଁ, ଅରବିନ୍ଦ ପଟ୍ଟନାୟକ, ରାଜୀବ ସିଂ, ଦୀପକ ସାମନ୍ତରା, ସନକ ଦେଓ, ଆଦିତ୍ୟ ମିଶ୍ର, ମହେଶ ବରାଳ, ଦୁର୍ଗା ପ୍ରସାଦ ରଥ, ସୌମ୍ୟ ଦାସ, ସନ୍ଦିପ ମହାନ୍ତି, ସତ୍ୟଶ୍ରୀ ଜେନା ମାନସ ମାଥାନିଆ, ମୁନା ସିଂ, ଦେବବ୍ରତ, ଦେବେନ୍ଦ୍ର, ଏନ.ବି.ପଟ୍ଟନାୟକ, ଗୋପାଳ ଦୀପ, ଶୁଭେନ୍ଦୁ ଲେଙ୍କା, ସନ୍ଦିପ ଦାସ, ଦିଲୀପ ଜେନା, ଅବିନାଶ ପୁହିର ପ୍ରମୁଖ ପରିଚାଳନା କରିଥିଲେ।




ପଦକ ସହ ଅତିଥିଙ୍କ ଗହଣରେ ରାଜ୍ୟ ସବ୍‌ଜୁନିୟର କରାଟେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ।

## ହାମିଲଟନ ଜିତିଲେ ମୋନାକୋ ଗ୍ରାଁ ପ୍ରି

**ମୋନାକୋ, ୨୬ା୫**

ମର୍ସିଡିଜର ଲୁଇସ୍ ହାମିଲଟନ ମୋନାକୋ ଫର୍ମୁଲା ୱାନ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଏହି ଘଟଣାବହୁଳ ରେସ୍‌ରେ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ତାଙ୍କୁ କଡ଼ା ଟକ୍କର ଦେଇଥିଲେ। ଏପରି କି ତାଙ୍କ ସହ ଏକ ସମ୍ଭାବ୍ୟ ଦୁର୍ଘଟଣାକୁ ସେ ଏଡାଇଯାଇଥିଲେ। ମଣ୍ଟେ କାର୍ଲୋର ପ୍ରସିଦ୍ଧ ଷ୍ଟ୍ରିଟ୍‌ରେ ହାମିଲଟନଙ୍କର ଏହା ହେଉଛି ତୃତୀୟ ଏବଂ ଚଳିତ ସିଜନରେ ୪ର୍ଥ ଟାଇଟଲ। ରେସ୍ ଫଳାଫଳରେ ଭର୍ଷ୍ଟାପେନ ଯଦିଓ ଦ୍ୱିତୀୟ ହୋଇଥିଲେ ତଥାପି ୫ସେକେଣ୍ଡ ପେନାଲ୍ଟି ଯୋଗୁ ସେ ଚତୁର୍ଥ ସ୍ଥାନକୁ ଖସି ଥିଲେ। ଯାହାଫଳରେ ଫେରାରିର ସେବାଷ୍ଟିଆନ ଭେଟେଲ ଦ୍ୱିତୀୟ ଏବଂ ମର୍ସିଡିଜର ଭାଲ୍‌ଟେରୀ ବୋଟାସ ତୃତୀୟ ସ୍ଥାନ ଅଧିକାର କରିନେଇଥିଲେ। ବୋଟାସଙ୍କ ଦୁର୍ଭାଗ୍ୟ ଯୋଗୁ ମର୍ସିଡିଜର କ୍ରମାଗତ ପ୍ରଥମ-ଦ୍ୱିତୀୟ ସ୍ଥାନ ହାସଲ ଧାରାରେ ବ୍ରେକ୍ ଲାଗିଥିଲା। ଚାମ୍ପିୟନଶିପ୍‌ରେ ହାମିଲଟନ ବର୍ତ୍ତମାନ ତାଙ୍କ ଟିମ୍‌ମେଟ୍‌ଙ୍କଠାରୁ ୧୭ ପଏଣ୍ଟ ଆଗରେ ରହିଛନ୍ତି। ରବିବାର ରେସ୍‌ରେ ଯଥାକ୍ରମେ ୫ରୁ ୧୦ମ ସ୍ଥାନ ଅଧିକାର କରିଥିବା ଅନ୍ୟ ଡ୍ରାଇଭରମାନେ ହେଲେ ପଏରେ ଗାସ୍‌ଲି (ରେଡ୍‌ବୁଲ୍), କାର୍ଲୋସ ସେଞ୍ଜ୍ ଜୁନିୟର (ମ୍ୟାକଲରେନ), ଡାନିଲ କ୍ୟାଟ୍ (ଟୋରୋ ରୋସୋ), ଆଲେକ୍‌ଜାଣ୍ଡର ଆଲବନ୍ (ଟୋରୋ ରୋସୋ), ଡାନିଏଲ ରିକାର୍ଡୋ(ରେନଲ୍ଟ) ଏବଂ ରୋମେନ୍ ଗ୍ରୋସ୍‌ଜେଁ (ହାସ୍)।




## ଫେଡରର ବିଜୟୀ: ଭେନସ୍, କର୍ବର ପରାସ୍ତ

### ଫ୍ରେଞ୍ଚ୍ ଓପନ୍ ଟେନିସ୍

**ପ୍ୟାରିସ,୨୬ା୫**

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଖେଳାଯାଇଥିବା ମ୍ୟାଚଗୁଡ଼ିକ ମଧ୍ୟରେ ୨୦ଥର ଗ୍ରାଣ୍ଡସ୍ଲାମ ବିଜେତା ରୋଜର ଫେଡରର ଗ୍ରୀକ୍‌ର ଉଦୀୟମାନ ଷ୍ଟାର ଖେଳାଳି ଷ୍ଟିଫାନସ ଟିସିଟ୍‌ସିପାସ୍ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଥିବାବେଳେ ମହିଳା ସିଙ୍ଗଲ୍ସରେ ଭେନସ ୱିଲିୟମ୍ସ ଏବଂ ଆଞ୍ଜେଲିକ୍ କର୍ବର ପରାଜିତ ହୋଇଛନ୍ତି। ୪ବର୍ଷ ପରେ ଫ୍ରେଞ୍ଚ ଓପନ ଖେଳୁଥିବା ଫେଡରର ୬-୨, ୬-୪, ୬-୪ ସେଟ୍‌ରେ ଇଟାଲୀର ଲୋରେଞ୍ଜୋ ସୋନେଗୋଙ୍କୁ ହରାଇ ଦେଇଛନ୍ତି। ସେହିପରି ଚଳିତ ବର୍ଷ ଅଷ୍ଟ୍ରେଲିଆନ ଓପନ ସେମିଫାଇନାଲିଷ୍ଟ ତଥା ୨୦ ବର୍ଷୀୟ ୬ଷ୍ଠ ସିଡ୍ ଖେଳାଳି ଟିସିଟ୍‌ସିପାସ୍ ୬-୨, ୬-୨, ୭-୬(୭/୪) ସେଟ୍‌ରେ ଜର୍ମାନୀର ମାକ୍ସିମିଲିଆନ୍ ମାର୍ଟେରେର୍‌ଙ୍କୁ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସରେ ୟୁକ୍ରେନ୍‌ର ଏଲିନା ସ୍ୱିଟୋଲିନା ୬-୩, ୬-୩ ସେଟ୍‌ରେ ୭ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଭେନସ୍‌ଙ୍କୁ ହରାଇ ଦେଇଛନ୍ତି। ୫ମ ସିଡ୍ ତଥା ୱିମ୍ବଲଡନ ଚାମ୍ପିୟନ କର୍ବର ରୁଷିଆର ସ୍ୱଳ୍ପବୟସ୍କା ଖେଳାଳି ଆନାସ୍ତାସିଆ ପୋଟାପୋଭାଙ୍କ ବିପକ୍ଷରେ ୬-୪, ୬-୨ ସିଧାସଳଖ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ୧୮ବର୍ଷୀୟା ତଥା ୮୧ତମ ର୍‍ୟାଙ୍କିଂପ୍ରାପ୍ତ ପୋଟାପୋଭା ପ୍ରଥମ ଥର ଫ୍ରେଞ୍ଚ୍ ଓପନ ଖେଳୁଛନ୍ତି। ୩୧ ବର୍ଷୀୟା ଜର୍ମାନ ଖେଳାଳି କର୍ବର ଏଥରକୁ ମିଶାଇ ୬ଷ୍ଠ ଥର ଫ୍ରେଞ୍ଚ୍ ଓପନର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି।




## ଭାରତୀୟ ବ୍ୟାଡ୍‌ମିଣ୍ଟନ ମୁଖ୍ୟ ହିମନ୍ତ ବିଏସି ଉପସଭାପତି

ନୂଆଦିଲ୍ଲୀ,୨୬ା୫(ପିଟି)

ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଏଆଇ)ର ସଭାପତି ହିମନ୍ତ ବିଶ୍ୱଶର୍ମା ବ୍ୟାଡ୍‌ମିଣ୍ଟନ ଏସିଆ କାଉନସିଲ(ବିଏସି)ର ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ୫୦ ବର୍ଷୀୟ କ୍ରୀଡ଼ା ପ୍ରଶାସକ ମୋଟ ୪୦ରୁ ୩୫ ଖଣ୍ଡ ଭୋଟ ପାଇଥିଲେ। ହିମନ୍ତ କାଉନ୍‌ସିଲ କମିଟିର ସଦସ୍ୟ ହେବା ବିଏଆଇ ଲାଗି ନିଶ୍ଚିତ ସହାୟକ ହେବ ବୋଲି ବିଏଆଇ ସାଧାରଣ ସମ୍ପାଦକ ଅଜୟ ସିଙ୍ଘାଣିଆ କହିଛନ୍ତି। ଆସାମର ସ୍ୱାସ୍ଥ୍ୟ ଓ ଶିକ୍ଷାମନ୍ତ୍ରୀ ହିମନ୍ତ ଗତ ବର୍ଷ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଏଆଇ ସଭାପତି ପଦରେ ନିର୍ବାଚିତ ହୋଇଥିଲେ। ବିଏସି ସଭାପତି ଆଣ୍ଟୋନ ସୁବୋ ବାଇ ସମ୍ପାଦକ ଓମାର ରଶିଦଙ୍କୁ ଏସିଆର ଡେଭଲପମେଣ୍ଟ କମିଟିର ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି।




ଅତିଥିଙ୍କ ଗହଣରେ ଫୁଟବଲ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ପ୍ରଶିକ୍ଷାର୍ଥୀ ।

## ଫୁଟବଲ ଟେକ୍‌ନିକ ସୁଧାରିଲେ ୯୬ ଖେଳାଳି

**ଭୁବନେଶ୍ୱର, ୨୬ା୫(କ୍ରୀଡ଼ା ପ୍ରତିନିଧି)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଗତ ଏପ୍ରିଲ ୨୮ରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ୧୩ ବର୍ଷରୁ କମ୍ ବାଳକ ବିଭାଗରେ ୪୭, ୧୫ରୁ ୧୭ ବର୍ଷ ବିଭାଗରେ ୨୪ ଏବଂ ୧୮ରୁ ୨୨ ବର୍ଷ ବିଭାଗରେ ୨୫ ବାଳକ ଅଂଶଗ୍ରହଣ କରିଥିଲେ। ୩ ସପ୍ତାହଧରି ଅନୁଷ୍ଠିତ ଏହି ଶିବିରରେ ୭ ପ୍ରଶିକ୍ଷକ ୯୬ ବାଳକଙ୍କୁ ଫୁଟବଲର ମୌଳିକ ଜ୍ଞାନ ସମ୍ପର୍କରେ ଶିକ୍ଷା ଦେବାସହ ଟେକ୍‌ନିକରେ ଥିବା ତ୍ରୁଟିକୁ ସୁଧାରିଥିଲେ। ଶିବିରର ବିଭିନ୍ନ ଦିବସରେ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସସ୍ମିତା ମଲିକ, ଅନ୍ତର୍ଜାତୀୟ ଖେଳାଳି ବିଜୟଲକ୍ଷ୍ମୀ ସାହୁ, ସୁପ୍ରିୟା ରାଉତରାୟ, ଫିଜିଓଥେରାପିଷ୍ଟ ମୁକ୍ତିପ୍ରସାଦ ଦାସ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ନିଜ ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଉଦ୍‌ଯାପନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ନବନିର୍ବାଚିତ ବିଧାୟକ ଅନନ୍ତ ନାରାୟଣ ଜେନା, ଅନୁଗୋଳ-ସୁକିନ୍ଦା ରେଲୱେ ଏମ୍‌ଡି ଦିଲୀପ ସାମନ୍ତରାୟ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, କ୍ରୀଡ଼ା ସଂଗଠକ ନବରଞ୍ଜନ ପଟ୍ଟନାୟକ, ଆୟୋଜକ କ୍ଲବର ସମ୍ପାଦକ ଦିଲୀପ ଦାସ, ସଭାପତି ତପନ ମହାନ୍ତି, ଉପସଭାପତି ପ୍ରଫୁଲ୍ଲ ମିଶ୍ର, ଅକ୍ଷୟ ଦାସ, ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏଆଇଏଫଏଫର ଲାଇସେନ୍ସପ୍ରାପ୍ତ ପ୍ରଶିକ୍ଷକ ସୁଶାନ୍ତ ମହାନ୍ତି ନିଜ ତରଫରୁ ୩ ଖେଳାଳି ସୂର୍ଯ୍ୟରଞ୍ଜନ ନାୟକ, ରିତେଶ ନାୟକ ଓ ସସ୍ମିତ କୁମାର ନାୟକଙ୍କୁ ସ୍କୁଲ୍ କିଟ୍ ବ୍ୟାଗ୍ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅମିୟ କୁମାର ମିଶ୍ର।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ମେ ୨୭/୨୦୧୯ Bhubaneswar, Monday, May 27/2019

## ପୁଣି ଘାରିଲା ପୋଲିସର ପୁରୁଣା ଚୌକି ମୋହ

# ରାଜଧାନୀ ବାହୁଡ଼ିବାକୁ ବଦଳି ବାବୁଙ୍କ ସଜବାଜ

**ତ୍ରିନାଥ ମହାନ୍ତି**
**ଭୁବନେଶ୍ୱର, ୨୬।୫(ବ୍ୟୁରୋ)**

ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁହେବା ପୂର୍ବରୁ ରାଜଧାନୀରେ ଦୀର୍ଘଦିନ ଧରି ରହିଥିବା ଏକାଧିକ ପୋଲିସ ଅଧିକାରୀଙ୍କ ବଦଳି ହୋଇଥିଲା। ଅନେକଙ୍କୁ ଜିଲାପାର ବଦଳି କରାଯାଇଥିବାବେଳେ ଅଧିକାଂଶ ଏସିପି ଓ ଇନ୍ସପେକ୍ଟରଙ୍କୁ ଭୁବନେଶ୍ୱର ଓ କଟକ ମଧ୍ୟରେ ହିଁ ରଖାଯାଇଥିଲା। କଟକକୁ ବଦଳି ହୋଇଥିବା ଏକାଧିକ ପୋଲିସ ଅଫିସର ରାଜଧାନୀରେ ସ୍ଥାୟୀ ଘର କରି ରହିଯାଇଥିବାରୁ ସେମାନେ ସ୍ଥାନାନ୍ତର ପାଇଁ ଇଚ୍ଛୁକ ନ ଥିଲେ। ବାଧ୍ୟ ବାଧକତାରେ ବଦଳି ହୋଇଥିଲେ। ଏପରିକି ନିର୍ବାଚନ ପରେ ପୁଣି ପୂର୍ବ ସ୍ଥାନକୁ ଫେରାଇ ଅଣାଯିବା ଆଶା ଦିଆଯାଇଥିଲା। ତେଣୁ ସେମାନେ କଟକ କିମ୍ବା ଆଖପାଖ ଥାନାରେ ଯୋଗଦେଇଥିଲେ ମଧ୍ୟ ରାଜଧାନୀରେ ରହି ଯିବାଆସିବା କରୁଛନ୍ତି। ଏବେ ପୁଣି ପୁରୁଣା ଚୌକି ମୋହ ସେମାନଙ୍କୁ ଘାରିବାରେ ଲାଗିଛି। ରବିବାର ଭାରତର ନିର୍ବାଚନ କମିଶନ ଆଚରଣ ବିଧି ଉଠାଇ ଦେଇଥିବାରୁ ସେମାନେ ଏବେ ଖୁସିଥିବା ଦେଖିବାକୁ ମିଳିଛି। ତେଣୁ ସେମାନେ ପୁଣି ବାହୁଡ଼ିବାକୁ ନେତା ଓ ବରିଷ୍ଠ ପୋଲିସ ଅଫିସରଙ୍କ ନିକଟରେ ଲବି ଆରମ୍ଭ କଲେଣି। ନବନିର୍ବାଚିତ ପ୍ରମୁଖ ନେତାଙ୍କୁ ସ୍ୱାଗତ ବାହାନାରେ ବଦଳି ନେଇ ଆଲୋଚନା କରୁଛନ୍ତି। ଭୁବନେଶ୍ୱରର ଭଲ ଥାନାରେ ରହିବାକୁ ଅର୍ଥ ଖର୍ଚ୍ଚ କରିବାକୁ ମଧ୍ୟ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି।

ବିଶ୍ୱସ୍ତ ସୂତ୍ର ଅନୁସାରେ, ଆସନ୍ତା ଜୁନ୍‌ରେ ପୋଲିସ ବିଭାଗରେ ଏକ ବଡ଼ ଧରଣର ଅଦଳ ବଦଳ ହୋଇପାରେ। ଏହି ସମୟରେ ରାଜଧାନୀରୁ ଅନ୍ୟତ୍ର ଯାଇଥିବା ପୋଲିସ ବାବୁମାନେ ପୁଣି ପ୍ରତ୍ୟାବର୍ତ୍ତନ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ମାତ୍ର ନୂଆକରି ରାଜଧାନୀରେ ୩ମାସ



■ ନେତା, ବରିଷ୍ଠ ଅଧିକାରୀଙ୍କ ନିକଟରେ ଚାଲିଲାଣି ଲବି

ହେବ ରହିଥିବା ପୋଲିସ ବାବୁମାନେ ଏହାକୁ ନେଇ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଜଣେ ପୋଲିସ ଅଫିସର ନାମ ଗୋପନ ରଖି କହିଛନ୍ତି, ଆମକୁ କ'ଣ ନିର୍ବାଚନ ପାଇଁ ଭଡାଟିଆ ଭାବେ ରାଜଧାନୀକୁ ଆଣିଥିଲେ। ଯଦି ଏଭଳି କରାଯାଏ ତେବେ ଠିକ୍ ହେବନି। ଏନେଇ ଆମେ ସଂଘର ଦ୍ୱାରସ୍ଥ ହେବୁ। ଆବଶ୍ୟକ ପଡିଲେ ଡିଜିପିଙ୍କୁ ଭେଟି ଏନେଇ ପ୍ରତିବାଦ କରିବୁ। ନିୟମ ଅନୁଯାୟୀ ଆମେ ରାଜଧାନୀରେ ଅନ୍ତତଃ ୩ବର୍ଷ ରହିବୁ ବୋଲି ସେ କହିଛନ୍ତି।

ଗତ ଫେବୃୟାରୀ ୨ରେ ପୋଲିସ ବିଭାଗରେ ବଡ଼ଧରଣର ବଦଳି ହୋଇଥିଲା। ଭୁବନେଶ୍ୱର ଜୋନ୍-୧ ଏସିପି ଅସୀମ କୁମାର ପଣ୍ଡାଙ୍କୁ କମିଶନରେଟ ପୋଲିସ ମୁଖ୍ୟାଳୟ ଓ ଜୋନ୍-୬ ଏସିପି ରବିନାରାୟଣ ଶତପଥୀଙ୍କୁ ଜୁଡିସିଆଲ ଏସିପିଭାବେ ପ୍ରଥମେ ବଦଳି କରାଯାଇଥିଲା। ମାତ୍ର ଜିଲାପାର ବଦଳି କରାଯାଇ ନ ଥିଲା। ସେହିଭଳି ଟ୍ରାଫିକ ଏସିପି ଅନୁପ କାନୁନ୍‌ଗୋଙ୍କର ମଧ୍ୟ ବଦଳି ହୋଇ ନ ଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ପୋଲିସ ଡିଜି ସେମାନଙ୍କୁ ଅନ୍ୟତ୍ର ବଦଳି କରିଥିଲେ। ସେହିଭଳି କ୍ୟାପିଟାଲ ଥାନା ଦାୟିତ୍ୱରେ ଥିବା ମାନସ ଗଡ଼ନାୟକଙ୍କୁ କଟକ ଜୋନ୍-୧କୁ ଓ ଭୁବନେଶ୍ୱର ଜୋନ୍-୫ରେ ଥିବା କିଶୋର ଚନ୍ଦ୍ର ମୁଣ୍ଡଙ୍କୁ ପୁରୀ ଏସ୍‌ଡିପିଓ ଭାବେ ବଦଳି କରାଯାଇଥିଲା। ମଞ୍ଚେଶ୍ୱର ଥାନା ଅଧିକାରୀ ଥିବା କେ.ପି. ମିଶ୍ରଙ୍କୁ ଜଗତ୍‌ସିଂହପୁର, କ୍ୟାପିଟାଲ ଥାନାର ଅତିରିକ୍ତ ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂଙ୍କୁ କଟକ ଆଇୟୁସିଏଡବ୍ଲ୍ୟୁ, ମହିଳା ଥାନା ଅଧିକାରୀ ଥିବା ଇମନ କଲ୍ୟାଣୀ ନାୟକଙ୍କୁ କଟକ କ୍ୟାଣ୍ଟନମେଣ୍ଟ ଥାନା, ନନ୍ଦନକାନନ ଥାନା ଅଧିକାରୀ ରବୀନ୍ଦ୍ର ମେହେରଙ୍କୁ କଟକ ମର୍କତନଗର ଥାନା ଅଧିକାରୀ, ଖଣ୍ଡଗିରି ଥାନା ଅଧିକାରୀ ଥିବା ହିମାଂଶୁ ଭୂଷଣ ସ୍ୱାଇଁଙ୍କୁ ବାଦାମବାଡି ଥାନା ଅଧିକାରୀ ରୂପେ ବଦଳି କରାଯାଇଥିଲା। ବାଲିପାଟଣା ଥାନା ଅଧିକାରୀ ଆକାଶ ରଣାଙ୍କୁ ନଖରା ଟ୍ରାଫିକ୍ ଥାନା, ଶହୀଦନଗର ଥାନା ଅଧିକାରୀ ଥିବା ପଦ୍ମନାଭ ପ୍ରଧାନଙ୍କୁ ଚୌଦ୍ୱାର ଥାନା, ଇନ୍‌ଫୋସିଟି ଥାନା ଅଧିକାରୀ ବିଜୟିନୀ ସିଂଙ୍କୁ କଟକ ସିଡିଏ ଫେଜ୍-୨ ଥାନା, ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଦୀପକ ମିଶ୍ରଙ୍କୁ କଟକ ଚାଉଳିଆଗଞ୍ଜ ଥାନା, ଭୁବନେଶ୍ୱର ଟ୍ରାଫିକ ଥାନା ଅଧିକାରୀ ଥିବା ସୁରେନ୍ଦ୍ର କୁମାର ବଳଙ୍କୁ କଟକ ଟ୍ରାଫିକ ଥାନା, ଭୁବନେଶ୍ୱର ଡିସିପି ଅଫିସରେ ଥିବା ଏସିପି ଯତୀନ୍ କୁମାର ପଣ୍ଡାଙ୍କୁ କଟକ ଟ୍ରାଫିକ ଏସିପି ଭାବେ ବଦଳି କରାଯାଇଥିଲା। ସେହିପରି ଭୁବନେଶ୍ୱର ସ୍ପେଶାଲ ସ୍କ୍ୱାଡ୍ ଏସିପି ସଞ୍ଜିବ ଶତପଥୀଙ୍କୁ କଟକ ସ୍ପେଶାଲ ସ୍କ୍ୱାଡ୍‌କୁ ଓ ଦେବୀଶଙ୍କର ପ୍ରତାପଙ୍କ ସମେତ ଅନ୍ୟ କେତେଜଣ ଅଫିସରଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ହେଲେ ଏବେ କେତେଜଣ ଭୁବନେଶ୍ୱର ଫେରିଲେ ଏଠାରେ ଦାୟିତ୍ୱ ସମ୍ଭାଳୁଥିବା ଅଫିସରମାନଙ୍କୁ ପୁଣି ବାହାରକୁ ବିଦାହେବାକୁ ପଡିବ। ଯେଉଁଥିପାଇଁ ଏବେ ପୋଲିସ ବିଭାଗରେ ଅସନ୍ତୋଷ ଦେଖିବାକୁ ମିଳୁଛି।

ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଏ ବିଷୟରେ ମୋର କିଛି କରିବାର ନାହିଁ। ବଦଳି ଦାୟିତ୍ୱ ଡିଜିପି ଅଫିସ୍‌ରେ କରାଯିବ। ଅନ୍ୟତ୍ର ବଦଳି ହୋଇଥିବା ଅଫିସରମାନେ ରାଜଧାନୀକୁ ଆସିବେ ନା ସେଠାରେ ରହିବେ ତାହା ଡିଜିପିଙ୍କ ନିଷ୍ପତ୍ତି।

## ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଚୋରି

**ବାଲକାଟୀ, ୨୬।୫(ଡି.ଏନ୍.ଏ.)**

ବାଲକାଟୀ ଫାଣ୍ଡି ଅନ୍ତର୍ଗତ ଅଲାରପୁର, ରାହାଡମୁଣା ଗ୍ରାମର ତ୍ରୈଲୋକ୍ୟ ନାୟକଙ୍କ ଘର କବାଟ ତାଲା ଭାଙ୍ଗି ଶନିବାର ରାତିରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ଟଙ୍କା ଚୋରି ହୋଇଯାଇଛି। ଏ ନେଇ ତ୍ରୈଲୋକ୍ୟ ରବିବାର ସ୍ଥାନୀୟ ଫାଣ୍ଡିରେ ଲିଖିତ ଅଭିଯୋଗ କରିବାପରେ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ସୂତ୍ରରୁ ଖବର ମୁତାବକ, ଶନିବାର ରାତିରେ ତ୍ରୈଲୋକ୍ୟଙ୍କ ଘରେ ଲାଇନ ନ ଥିବାରୁ ସପରିବାର ଛାତଉପରେ ଶୋଇଥିଲେ। ଏହାର ସୁଯୋଗ ନେଇ ଚୋରମାନେ ବିଳମ୍ବିତ ରାତିରେ ଘରର କବାଟ ତାଲା ଭାଙ୍ଗି ଭିତର ଆଲମିରାରେ ଥିବା ୨ଟି ସୁନାହାର, ୨ଟି ସୁନା ଚେନ, ୪ଟି ସୁନାମୁଦି, ୨ପଟ ଚୁଡ଼ି, ନଗଦ ଟଙ୍କା ଚୋରି କରି ନେଇଯାଇଛନ୍ତି। ପରେ ତ୍ରୈଲୋକ୍ୟଙ୍କ ଜାଣି ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ ୧୩୬/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପର୍ଯ୍ୟଟନ ଭିତ୍ତିଭୂମି ଅନୁଧାନ କଲେ ବିଶ୍ୱବ୍ୟାଙ୍କ ପ୍ରତିନିଧି

# କ୍ଷତିଗ୍ରସ୍ତ ବୋଟ୍ ମାଲିକଙ୍କୁ ହୁଡ୍‌କୋ ଦେବ ସହାୟତା

**ପୁରୀ ଅଫିସ, ୨୬।୫**

ବାତ୍ୟାରେ ପୁରୀ ଜିଲାର ପର୍ଯ୍ୟଟନ ଭିତ୍ତିଭୂମି ସମ୍ପୂର୍ଣ୍ଣ ଉଜୁଡ଼ିଯାଇଛି। ଏ ପର୍ଯ୍ୟନ୍ତ ପର୍ଯ୍ୟଟନ ଶିଳ୍ପ ଅଣ୍ଟା ସଳଖି ପାରି ନାହିଁ। ପର୍ଯ୍ୟଟନ ସହର ପୁରୀକୁ କାଁ ଭାଁ ପର୍ଯ୍ୟଟକ ଆସୁଥିଲେ ମଧ୍ୟ ରହିବା ପାଇଁ ସେମିତି ସୁବିଧା ନାହିଁ। ହୋଟେଲ ଶିଳ୍ପ ବ୍ୟାପକ ମାତ୍ରାରେ କ୍ଷୟକ୍ଷତି ହୋଇଛି। ତେବେ ଏ ସବୁର ଅନୁଧାନ କରିଛନ୍ତି ବିଶ୍ୱବ୍ୟାଙ୍କର ପ୍ରତିନିଧି। ରବିବାର ପୂର୍ବାହ୍ନରେ ବିଶ୍ୱାବ୍ୟାଙ୍କର ପ୍ରତିନିଧି କାର୍ତ୍ତିକ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା ତାଙ୍କୁ ବାତ୍ୟାରେ ପୁରୀ ଜିଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ, ହୋଟେଲ ଶିଳ୍ପ ଏବଂ ପର୍ଯ୍ୟଟନ ଭିତ୍ତିଭୂମି କିପରି ନଷ୍ଟ ହୋଇଛି ତାହା ଅବଗତ କରାଇଥିଲେ। ପୁରୀରେ ବର୍ତ୍ତମାନ ୫୨୪ଟି ହୋଟେଲ ମରାମତି କାମ ଚାଲିଛି। ତେଣୁ ପର୍ଯ୍ୟଟକମାନଙ୍କ ରହିବା ପାଇଁ ଏ ପର୍ଯ୍ୟନ୍ତ ଭିତ୍ତିଭୂମି ଠିକ୍ ହୋଇପାରି ନାହିଁ। ପୁରୀର ବିଭିନ୍ନ ହୋଟେଲରେ ପର୍ଯ୍ୟଟକଙ୍କ କ୍ଷମତା ଯାହା ରହିଛି ଗତବର୍ଷ ମେ ମାସରେ ୭୫ ପ୍ରତିଶତ ପର୍ଯ୍ୟଟକ ଆସିଥିଲେ। ହେଲେ ଚଳିତବର୍ଷ ଏହା ଶୂନ୍ ରହିଛି ବୋଲି କାର୍ତ୍ତିକଙ୍କୁ ଅବଗତ କରାଯାଇଥିଲା। ଏହାପରେ କାର୍ତ୍ତିକ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ, ପାନ୍ଥ ନିବାସ, ସମୁଦ୍ର କୂଳରେ ଥିବା ହୋଟେଲ ସବୁ ବୁଲି ଦେଖିଥିଲେ। ବାତ୍ୟାରେ କି ପ୍ରକାର କ୍ଷୟକ୍ଷତି ହୋଇଛି ତାହା ଅନୁଧାନ କରିଥିଲେ। ପରେ କୋଣାର୍କ ଯାଇ ସେଠାରେ କିପରି କ୍ଷୟକ୍ଷତି ହୋଇଛି ତାହା ପରଖିଥିଲେ। ଭୁବନେଶ୍ୱରରୁ ଆସିବା ବାଟରେ ସେ ଐତିହ୍ୟ ଗାଁ ରଘୁରାଜପୁର ଏବଂ ବଳଙ୍ଗା ନିକଟ ଏକ କଳାକାର ଗାଁ ମଧ୍ୟ ପରିଦର୍ଶନ କରିଥିଲେ।

ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟଟନ ଭିତ୍ତିଭୂମିକୁ ସଜାଡିବା ଲାଗି ଏକ ବୈଠକ ବସିଥିଲା। ଏଥିରେ ସାତପଡ଼ା ଏବଂ ରାମଚଣ୍ଡୀରେ ପର୍ଯ୍ୟଟକଙ୍କୁ ବୋଟିଂ ସୁବିଧା ଦେଉଥିବା ବୋଟ୍ ସଂଘର କର୍ମକର୍ତ୍ତା ଯୋଗଦେଇଥିଲେ। ବାତ୍ୟାରେ ଏହି ଦୁଇଟି ଜାଗାରେ ଚଳାଚଳ କରୁଥିବା ୧୨୬୦ଟି ବୋଟ ମଧ୍ୟରୁ ପ୍ରାୟ ସବୁ ବୋଟ୍‌ର କ୍ଷତି ହୋଇଛି। କାହାର ୩୦ ପ୍ରତିଶତ ତ କାହାର ୮୦ ପ୍ରତିଶତ ନଷ୍ଟ ହୋଇଛି। ତେଣୁ ସେମାନଙ୍କ ଜୀବନ ଜୀବିକାର ମାଧ୍ୟମ ସାଜିଥିବା ବୋଟ ନଷ୍ଟ ହୋଇଯାଇଥିବାରୁ ହୁଡ୍‌କୋ ପକ୍ଷରୁ ବୋଟ ମାଲିକଙ୍କୁ ସହାୟତା ପ୍ରଦାନ ଲାଗି ନିଷ୍ପତ୍ତି ହୋଇଛି। କ୍ଷତିଗ୍ରସ୍ତ ବୋଟଗୁଡ଼ିକର ଆକଳନ କରାଯିବା ପରେ ଏହି ସହାୟତା ଦିଆଯିବ ବୋଲି ବୃତାନ୍ତ ହୋଇଛି। ଏହି ବୈଠକରେ ଜିଲାପାଳ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ଏବଂ ବୋଟ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।














3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ନଦୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ବଡ଼ମ୍ବା, ୨୬।୫(ଡି.ଏନ.ଏ.):** ମହାନଦୀର ଶାଖାନଦୀରେ ବୁଡ଼ି ରବିବାର ଜଣେ ୯ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ମ୍ବା ଥାନା ଶଙ୍ଖାମେରୀ ପଞ୍ଚାୟତ ଅଧୀନ କନ୍ତପଡ଼ା ଗ୍ରାମର ମେଘାନନ୍ଦ ମହାନ୍ତିଙ୍କ ପୁଅ ମୃତ୍ୟୁଞ୍ଜୟ ମହାନ୍ତି (୧୫)। ମୃତ୍ୟୁଞ୍ଜୟ ସକାଳ ପ୍ରାୟ ୧୦ଟା୩୦ ସମୟରେ ସାଙ୍ଗମାନଙ୍କ ସହ ନଦୀକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ଗୋଡ଼ ଖସିଯିବାରୁ ନଦୀଗର୍ଭରେ ବୁଡ଼ି ଯାଇଥିଲେ। ତାଙ୍କ ସହିତ ଯାଇଥିବା ସାଙ୍ଗମାନେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଶେଷରେ ଆସି ଗାଁରେ ଜଣାଇଥିଲେ। ଏହାପରେ ଗ୍ରାମର କେତେଜଣ ଲୋକ ଯାଇ ଖୋଜାଖୋଜି କରିବାରୁ ନଦୀ ତୁଠର କିଛି ଦୂରରୁ ତାଙ୍କୁ ଉଦ୍ଧାର କରିଥିଲେ। ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଏହି ଘଟଣା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଆହତ ଯୁବକଙ୍କ ମୃତ୍ୟୁ

**ବଡ଼ମ୍ବା, ୨୬।୫(ଡି.ଏନ.ଏ.):** ଦୁର୍ଘଟଣାରେ ଆହତ ହୋଇଥିବା ଜଣେ ଯୁବକଙ୍କ ରବିବାର କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ମ୍ବା ଥାନା ଶଙ୍ଖାମେରୀ ପଞ୍ଚାୟତ ଅଧୀନ ଶଙ୍ଖାମେରୀ ଗ୍ରାମର ବୀରବର ରାଉତଙ୍କ ପୁଅ ସରୋଜ କୁମାର ରାଉତ(୨୫)। ସରୋଜ ଶୁକ୍ରବାର ରାତିରେ ମାଣିଆବନ୍ଧକୁ ଭୋଜି ଖାଇବାକୁ ଯାଇ ବାଇକ୍‌ରେ ଫେରୁଥିଲେ। କୌଣସି କାରଣରୁ ତାଙ୍କ ବାଇକ୍ ମାଣିଆବନ୍ଧଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ମ୍ବା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### ମହିଳାଙ୍କୁ ଗାଳିଗୁଲଜ: ଥାନାରେ ମାମଲା

**ଖୁଣ୍ଟୁଣୀ, ୨୬।୫(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅଧୀନ ପିଠାଖିଆ ଗ୍ରାମରେ ବାଣଫୁଟାକୁ ଜଣେ ମହିଳା ବିରୋଧ କରିବାରୁ ତାଙ୍କୁ କେତେଜଣ ଯୁବକ ଗାଳିଗୁଲଜ କରିଛନ୍ତି। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୯/୧୯) ରୁଜୁ କରି ତଦନ୍ତ କରିବା ସହ ୪ ଜଣଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି। ଉକ୍ତ ଅଞ୍ଚଳରେ ଏକ ରାଜନୈତିକ ଦଳର ପ୍ରାର୍ଥୀ ଜିତିବା ପରେ ଶୁକ୍ରବାର ରାତିରେ ପିଠାଖିଆ ଗ୍ରାମର କେତେଜଣ ଯୁବକ ବାଣ ଫୁଟାଉଥିଲେ। ରାତି ଅନେକ ହୋଇଯାଇଥିବାରୁ ସମ୍ପୃକ୍ତ ମହିଳା ଜଣଙ୍କ ବାଣ ନ ଫୁଟାଇବାକୁ ସେମାନଙ୍କୁ କହିଥିଲେ। ହେଲେ ସେମାନଙ୍କ ମଧରୁ ଶିଶିର ବିଶ୍ୱାଳ, ସୁନୀତ ବିଶ୍ୱାଳ, ରଞ୍ଜିତ ବିଶ୍ୱାଳ ଓ ପ୍ରହଲାଦ ସ୍ୱାଇଁ ସମ୍ପୃକ୍ତା ମହିଳାଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ବିଧାୟକ ଦେବୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା



**ବଡ଼ମ୍ବା, ୨୬।୫(ଡି.ଏନ.ଏ.):** ବଡ଼ମ୍ବା ବିଧାୟକଭାବେ ଦେବୀପ୍ରସାଦ ମିଶ୍ର ବିଜୟୀ ହେବାପରେ ରବିବାର ତାଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଏକ ବାଇକ୍ ଶୋଭଯାତ୍ରାରେ ବିଧାୟକ ମିଶ୍ର ମା' ଭଟ୍ଟାରିକାଙ୍କ ପୀଠକୁ ଯାଇ ମା'ଙ୍କୁ ଦର୍ଶନ କରିଥିଲେ। ଏହି ସମୟରେ କଟକ-ନରସିଂହପୁର ମୁଖ୍ୟ ରାସ୍ତାର ବିଭିନ୍ନ ଛକରେ ତାଙ୍କୁ କର୍ମୀମାନେ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ମିଶ୍ର ବଡ଼ମ୍ବା ଗାନ୍ଧୀ ଛକସ୍ଥିତ ଗାନ୍ଧୀ ମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ବଡ଼ମ୍ବାବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ। ସେହିପରି ବଡ଼ମ୍ବା ବିଜେଡି ପକ୍ଷରୁ ସୁନାପାଲିସ୍ଥିତ ଦଳୀୟ କାର୍ଯ୍ୟାଳୟରେ ବିଧାୟକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ନୂଆପାଟଣାର ଚନ୍ଦନଯାତ୍ରା ଉପଲକ୍ଷେ ୧୮ଟି ମଣ୍ଡପରେ ପୌରାଣିକ ଚିତ୍ରର ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି।

## ଆରମ୍ଭ ହେଲା ନୂଆପାଟଣାର ଚନ୍ଦନଯାତ୍ରା

# ନଗର ବୁଲିଲେ ମଦନମୋହନ

**ଟିଗିରିଆ, ୨୬।୫ (ଡି.ଏନ.ଏ.)**

ଟିଗିରିଆ ବ୍ଲକ ଅଧୀନ ହସ୍ତତନ୍ତ ପ୍ରସିଦ୍ଧ ନୂଆପାଟଣା ଗ୍ରାମର ଚନ୍ଦନ ଯାତ୍ରା ରବିବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ଗ୍ରାମର ଆରାଧ୍ୟ ମଦନମୋହନଙ୍କ ଏହି ଯାତ୍ରା ଚଳିତ ବର୍ଷ ବେଶ ଜାକଜକମରେ ପାଳିତ ହେବ। ଏହା ୩ ଦିନ ଧରି ଅନୁଷ୍ଠିତ ହେବ। ମଙ୍ଗଳବାର ସାମୂହିକ ଭସାଣି ପର୍ବ ଅନୁଷ୍ଠିତ ହେବ। ଏଥିପାଇଁ ଗ୍ରାମର ସାହି ଗଳି ରଙ୍ଗିନ ଆଲୋକମାଳାରେ ଝଲସି ଉଠୁଛି। ଏଥି ସହିତ ୧୮ଟି ମଣ୍ଡପରେ ପୌରାଣିକ ଚିତ୍ରର ମୃଣ୍ମୟ ପ୍ରତିମା ପୂଜା ପାଉଛନ୍ତି। ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ୩୦୦ରୁ ଊର୍ଦ୍ଧ୍ୱ ବହୁରୂପୀଙ୍କ ଗହଣରେ ମଦନମୋହନ ବହୁରୂପୀ ହାତୀ ଉପରେ ସ୍ଥାପିତ ଏକ ସୁସଜ୍ଜିତ ବିମାନରେ ବସି ନୂଆପାଟଣାର ସାହିଗଳିକୁ ପରିକ୍ରମା କରି ଚନ୍ଦନ ପୋଖରୀରେ ଚାପ ଖେଳିବାକୁ ଯାତ୍ରା କରୁଛନ୍ତି। ଚାପ ଖେଳିସାରି ମଦନମୋହନ ମନ୍ଦିର ବିଜେ ପରେ ବହୁରୂପୀମାନେ ମାଲିକଙ୍କ ଘର ସମ୍ମୁଖକୁ ଫେରିଆସୁଥିବା ପରମ୍ପରା ଦେଖିବାକୁ ମିଳିଛି। ହାତୀ, ଘୋଡ଼ା, ସିଂହ ବାଘ ଭଳି ବନ୍ୟଜନ୍ତୁଙ୍କ ବହୁରୂପୀଠାରୁ ଆରମ୍ଭ କରି ବୁଢ଼ାବୁଢ଼ୀ, କାଳପୁରୁଷ ଆଦି ବହୁରୂପୀଙ୍କୁ ନୂଆପାଟଣାର ବୁଣାକାର ପରିବାର ପକ୍ଷରୁ ନିର୍ମାଣ କରାଯାଇଛି। ସେହିପରି ଯାତ୍ରା ଅବସରରେ ଗ୍ରାମର ଯୁବପିଢ଼ିଙ୍କ ପକ୍ଷରୁ ନାନା ସାଂସ୍କୃତିକ, ସାମାଜିକ ନାଟକ ଓ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ପ୍ରତ୍ୟହ ବହୁ ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଚନ୍ଦନ ପୋଖରୀ କୂଳରେ ମଦନମୋହନଙ୍କ ଚାପଖେଳକୁ ଦର୍ଶନ କରୁଛନ୍ତି। ସନ୍ଧ୍ୟା ପରଠାରୁ ଗ୍ରାମରେ ଆଖପାଖର ଗ୍ରାମବାସୀ ଯାତ୍ରାକୁ ବୁଲି ଉପଭୋଗ କରୁଛନ୍ତି। ମଙ୍ଗଳବାର ମଦନମୋହନ ଦିନତମାମ ଚନ୍ଦନ ପୋଖରୀରେ ଚାପଖେଳିବା ସହିତ ରାତିରେ ମନ୍ଦିର ବିଜେ କରିବେ। ଗ୍ରାମ ପରିଚାଳନା କମିଟି ସଭାପତି ପ୍ରକାଶ କୁମାର ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରା ଶୃଙ୍ଖଳାର ସହିତ ଚାଲୁ ରହିଛି। ଟିଗିରିଆ ଥାନା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।



ନଗର ବୁଲିବାକୁ ବାହାରିଛନ୍ତି ମଦନମୋହନ।



ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ନବ ନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୨୬।୫**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ନବନିର୍ବାଚିତ ବାରବାଟୀ–କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, କିମିଟି ସଭ୍ୟ ମନୋଜ ପାଲ, ସନ୍ତୋଷ ମହାନ୍ତି, ପ୍ରଶାନ୍ତ କୁମାର ମହାନ୍ତି, ହାଡିବନ୍ଧୁ ବେହେରା, ପ୍ରଭାସ ପ୍ରଧାନ, ହେମନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।

ସେହିପରି ମେହେନ୍ଦୀପିର ମହଲ୍ଲା କମିଟି ପକ୍ଷରୁ ରବିବାର ଅନୁଷ୍ଠିତ ଇଫ୍‌ତାର ପାର୍ଟିରେ ବିଧାୟକ ମୋକିମଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ସାହିମୁରବି, ବୟୋଜ୍ୟୋଷ୍ଠ ବ୍ୟକ୍ତି ଓ ମହଲ୍ଲା କମିଟି ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକଙ୍କ ସହିତ ସାହିର ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସାହିର ଉନ୍ନତି ନିମନ୍ତେ ସମସ୍ତ ପଦକ୍ଷେପ ନିଆଯିବ ବୋଲି ବିଧାୟକ ମୋକିମ ପ୍ରତିଶ୍ରୁତି ଦେଇଥିଲେ ବୋଲି କମିଟି ପକ୍ଷରୁ ଦିଆଯାଇଥିବା ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

## ଅଭୀପ୍‌ସାର ଗ୍ରୀଷ୍ମକାଳୀନ ଶିବିର

**କଟକ ଅଫିସ, ୨୬।୫**

ଅଭୀପ୍‌ସାର ୨୨ତମ ଗ୍ରୀଷ୍ମକାଳୀନ ଶିବିର ବାଖରାବାଦସ୍ଥିତ ନିଶାମୁକ୍ତ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଚିତ୍ରକଳା, ସଙ୍ଗୀତ, କାହାଣୀକଥନ ଆଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅଭୀପ୍‌ସାର ପ୍ରତିଷ୍ଠାତା ସମ୍ପାଦକ ସଂଗ୍ରାମ କେଶରୀ ନାୟକ ଅଧ୍ୟକ୍ଷତା କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବିଜୟ କୁମାର ନାଥ, କବି ଗୌତମ ଚନ୍ଦ୍ର କର, ସାମାଜିକ କର୍ମୀ ବିଜୟଲକ୍ଷ୍ମୀ ମହାପାତ୍ର, କ୍ରୀଡା ଶିକ୍ଷୟିତ୍ରୀ ମଞ୍ଜୁସ୍ମିତା ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଚିତ୍ରକଳା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ କୀର୍ତ୍ତିକ୍ରିଷ୍ଣା ପଣ୍ଡାଙ୍କୁ ଅଭୀପ୍‌ସା ଚିତ୍ରକଳା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସାଇ ପ୍ରିୟାଶୀ ମିଶ୍ରଙ୍କୁ ବିଦ୍ୟାଳୟ ସ୍ତରୀୟ ବିବିଧ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ନିମନ୍ତେ ଅଭୀପ୍‌ସା ଗାର୍ଲ ୨୦୧୯ ପ୍ରଦାନ କରାଯାଇଥିଲା

## ବାତ୍ୟା ବିପନ୍ନଙ୍କୁ ସହାୟତା

**କଟକ ଅଫିସ, ୨୬।୫:** ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ତୁଳସୀପୁର ସ୍ଥିତ ମଧୁସୂଦନ ନଗର ବସ୍ତିର ୧୯୦ ଜଣ ବିପନ୍ନଙ୍କୁ ରବିବାର କଟକ ମଣ୍ଡଳ ଏଲଆଇସି ପକ୍ଷରୁ ପୋଷାକ ସମେତ ବେଡ୍‌ସିଟ ଓ ମଶାରି ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅଶୋକ କୁମାର ରାଉତରାୟ, ମାର୍କେଟିଂ ମ୍ୟାନେଜର ଅଶ୍ୱିନୀ କୁମାର ପଲେଇ, ସେଲ୍ସ ମ୍ୟାନେଜର ରବିନାରାୟଣ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳଛତ୍ର ଖୋଲିବାକୁ ଦାବି

**ସାଲେପୁର, ୨୬।୫(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଫଳରେ ରାସ୍ତାଘାଟରେ ଯାତାୟାତ କରୁଥିବା ଲୋକେ ପାଣିଟୋପାଏ ପାଉନାହାନ୍ତି। ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପକ୍ଷରୁ ଗତବର୍ଷ ବିଭିନ୍ନ ଛକ ବଜାରମାନଙ୍କରେ ଜଳଛତ୍ର ଖୋଲାଯାଇଥିଲା। କିନ୍ତୁ ଚଳିତ ବର୍ଷ କୌଣସି ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇନାହିଁ। କେବଳ କେତେକ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଟ୍ରଷ୍ଟ ପକ୍ଷରୁ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଏସବୁ ସଂଗଠନ ଓ ଟ୍ରଷ୍ଟ ଦିନେ ଦୁଇଦିନ ପାଣି ଦେବା ପରେ ବନ୍ଦ କରିଦେଉଛନ୍ତି। ସେହିପରି ଖରାଦିନ ପୂର୍ବରୁ ଗାଁ କଲ୍ୟାଣ ସମିତି ମାଧ୍ୟମରେ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଲୋକଙ୍କୁ ପାନୀୟ ଜଳ ପ୍ରଦାନ କରାଯାଉଥିଲା। କିନ୍ତୁ ଏବେ ଉକ୍ତ ସମିତି ମାଧ୍ୟମରେ କୌଣସି ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଉ ନ ଥିବା ଦେଖାଯାଇଛି। ତେଣୁ ତୁରନ୍ତ ପ୍ରଶାସନ ପକ୍ଷରୁ ବିଭିନ୍ନ ଛକ ବଜାରମାନଙ୍କରେ ଜଳଛତ୍ର କେନ୍ଦ୍ର ଖୋଲିବାକୁ ଜନସାଧାରଣ ଦାବି କରିଛନ୍ତି।

## କନ୍ଦରପୁର-ପରମହଂସ ୧୧ କେଭି ଫିଡର

# ରାତ୍ରିକାଳୀନ ବିଦ୍ୟୁତ୍ ସରବରାହ ବ୍ୟାହତ

**କଟକ ସଦର, ୨୬।୫(ଡି.ଏନ୍.ଏ.)**

ଅନ୍ତର୍ଘାତୀ କାର୍ଯ୍ୟ ଯୋଗୁ କନ୍ଦରପୁର ବିଦ୍ୟୁତ୍ ସେକ୍ସନ ଅଧୀନ କନ୍ଦରପୁର–ପରମହଂସ ୧୧ କେଭି ଫିଡରରେ ୭ ଦିନ ହେବ ରାତ୍ରିକାଳୀନ ବିଦ୍ୟୁତ୍ ସରବରାହରେ ବ୍ୟାଘାତ ସୃଷ୍ଟି ହୋଇଛି। ଫଳରେ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ଠପ୍ କରିଦେଇଛି। ଏହି ଅଞ୍ଚଳରେ ବାସ କରୁଥିବା ମୁସ୍‌ଲିମ ଧର୍ମାବଲମ୍ବୀମାନେ ରମ୍‌ଜାନ ମାସରେ ବେଶି ହଇରାଣ ହେଉଛନ୍ତି। ରାତି ୧୧ଟା ବାଜିବା ମାତ୍ରେ କେତେଜଣ ଅସାମାଜିକ ଲୋକ ଉଚ୍ଚଚାପ ଲାଇନ୍‌ରେ ଚେନ୍ ପକାଇବା ଯୋଗୁ ତିନୋଟି ପଞ୍ଚାୟତରେ ବିଦ୍ୟୁତ୍ ସରବରାହ ବ୍ୟାହତ ହେଉଛି। ରାତିରେ ନମାଜ ପାଠ ସହ ପ୍ରାତଃରେ ଭୋଜନ ପ୍ରସ୍ତୁତ କରିବା କଷ୍ଟକର ହୋଇପଡୁଛି ବୋଲି ପରମହଂସ ଗ୍ରାମର ସେକ୍ ବାବୁଲା କହିଛନ୍ତି। ଦେଓପୁର, ବମ୍ଭରୀ, ପରମହଂସ ଓ ରଘୁନାଥପୁର ଗ୍ରାମରେ ପ୍ରାୟ ୧୦ ହଜାର ମୁସ୍‌ଲିମ୍ ଲୋକ ବସବାସ କରନ୍ତି। ରାତିରେ ବିଦ୍ୟୁତ୍ ଲାଇନ ତଳେ ବୁଲୁଥିବା ଲୋକଙ୍କୁ ପୋଲିସ ଧରିଲେ ସବୁ ସତ କଥା ବାହାରିପାରନ୍ତା ବୋଲି ରଘୁନାଥପୁର ଗ୍ରାମର ଆଇନଜୀବୀ ହାକିମ ଖାଁ କହିଛନ୍ତି। ବାତ୍ୟା ପରେ ଏହି ଫିଡରରେ ବିଦ୍ୟୁତ୍ ଯୋଗାଣ ୧୭ ତାରିଖରୁ ସ୍ୱାଭାବିକ ହୋଇଥିଲା। ଦିନବେଳା ୩/୪ ଘଣ୍ଟା ବିଦ୍ୟୁତ୍ ମିଳିଲେ ସୁଦ୍ଧା ରାତିରେ ନମାଜ ପାଠ ପାଇଁ ମସ୍‌ଜିଦଗୁଡ଼ିକରେ ଜେନେରେଟର ଲଗାଇବାକୁ ପଡୁଛି ବୋଲି ପରମହଂସ ଗ୍ରାମର କମଲ ଖାଁ କହିଛନ୍ତି। ଅନ୍ତର୍ଘାତୀ କାମ କରୁଥିବା ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ସେସୁ କନ୍ଦରପୁର ସେକ୍ସନର ସହକାରୀ ପରିଚାଳକ ଶାରଦା ପ୍ରସନ୍ନ ଶତପଥୀ ପୋଲିସର ସହାୟତା ଲୋଡିଛନ୍ତି।

## ବାତ୍ୟା ବିପନ୍ନଙ୍କ ପାଇଁ ରେଡ୍‌କ୍ରସ ପାଣ୍ଠିକୁ ସହାୟତା

**ସାଲେପୁର, ୨୬।୫(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତସ୍ଥିତ ବିରୂପା ମହୋତ୍ସବ କମିଟି ପକ୍ଷରୁ ରାଜ୍ୟପାଳଙ୍କ ମାଧ୍ୟମରେ ରେଡ୍‌କ୍ରସ ପାଣ୍ଠିକୁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ପ୍ରକାଶଯେ, ପ୍ରତିବର୍ଷ ବିରୂପା ମହୋତ୍ସବ କମିଟି ପକ୍ଷରୁ ବାର୍ଷିକ ଉତ୍ସବ ପାଳନ କରାଯାଇଥାଏ। କିନ୍ତୁ ଚଳିତ ବର୍ଷ ହେବାକୁ ଥିବା ବାର୍ଷିକ ଉତ୍ସବ ସମୟରେ ଫନୀ ବାତ୍ୟା ହୋଇଥିଲା। ଫଳରେ କମିଟି ନିଷ୍ପତ୍ତି ଅନୁଯାୟୀ ମହୋତ୍ସବକୁ ବନ୍ଦ କରାଯାଇ ବାତ୍ୟା ବିପନ୍ନଙ୍କୁ ସହାୟତା ଦେବାପାଇଁ ସ୍ଥିର କରାଯାଇଥିଲା। ସେହି ଅନୁସାରେ କମିଟି କର୍ମକର୍ତ୍ତା ରାଜଭବନକୁ ଯାଇ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ସାକ୍ଷାତ କରି ବାତ୍ୟା ବିପନ୍ନଙ୍କ ପାଇଁ ୧ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ପରେ ରାଜ୍ୟପାଳଙ୍କ ଦ୍ୱାରା ବିରୂପା ବିଶେଷାଙ୍କ ମଧୁସ୍ମୃତି ଦର୍ପଣ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହୋତ୍ସବ କମିଟି ମୁଖ୍ୟ ଦିଲୀପ ଦାଶ, ପ୍ରଶାନ୍ତ କର, ଅଜୟ ଲେଙ୍କା, ସୁରେଶ ରାଉତ, ବିଶ୍ୱରଞ୍ଜନ ସାହୁ, ରମେଶ ଚନ୍ଦ୍ର ଲେଙ୍କା, ପ୍ରଶାନ୍ତ କୁମାର ଭୂୟାଁ ଓ ବନମାଳୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୟୁନିସେଫ୍, ୟୁଏନ୍‌ଡିପିର ପ୍ରତିନିଧିଙ୍କ ଫନୀ କ୍ଷୟକ୍ଷତି ଆଲୋଚନା

**କଟକ ଅଫିସ, ୨୬।୫**

ଫନୀ କ୍ଷୟକ୍ଷତିର ଆକଳନ ଓ ପୁନଃ ଥଇଥାନ ପାଇଁ ୟୁନିସେଫ୍, ୟୁଏନଡିପିର ପ୍ରତିନିଧି ଦଳ ରବିବାର କଟକରେ ପହଞ୍ଚିଥିଲେ। ସେମାନେ ଜିଲାରେ ଗଠିତ ୧୭ଟି ବର୍ଗରେ ନିୟୋଜିତ ନୋଡାଲ ଅଧିକାରୀମାନଙ୍କ ସହିତ ଏ ନେଇ ଆଲୋଚନା କରିଥିଲେ। ପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଅଧ୍ୟକ୍ଷତା କରି ଉପରୋକ୍ତ ପ୍ରତିନିଧି ଦଳଙ୍କ ସହିତ ଫନୀ ପରବର୍ତ୍ତୀ ପଦକ୍ଷେପ ଓ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଯେ କୌଣସି ବିପର୍ଯ୍ୟୟ ଘଟିଲେ ତାହାର ସାମ୍ନା କରିବା, ବିପର୍ଯ୍ୟୟ ପ୍ରଶମନ କରିବା, ଗ୍ରାମାଞ୍ଚଳକୁ ସହଜରେ ଯୋଗାଯୋଗ ବ୍ୟବସ୍ଥା ସକ୍ରିୟ ରଖିବା, ପାନୀୟଜଳ ଯୋଗାଣ, ଜଳ ବିଶୋଧନ, ବିଦ୍ୟୁତ୍ ସେବା, ଗମନାଗମନ ଓ ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରରେ ସୁଧାର ଆଣିବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ସାମାଜିକ ନିରାପତ୍ତା ଓ ଖାଦ୍ୟସୁରକ୍ଷା ଯୋଜନାର ହିତାଧିକାରୀମାନଙ୍କୁ ଦିଆଯାଇଥିବା ସହାୟତା ସମ୍ବନ୍ଧରେ ବୈଠକରେ ପ୍ରତିନିଧି ଦଳକୁ ଅବଗତ କରାଯାଇଥିଲା। ଫନୀ ପ୍ରଭାବରେ ଜିଲାରେ ବ୍ୟାପକ ସବୁଜିମା ନଷ୍ଟ ହୋଇଛି। ଏଣୁ ପରିବେଶରେ ସନ୍ତୁଳନ ଆଣିବା ପାଇଁ ସୁବଜିମା ସୃଷ୍ଟି ଉପରେ ବନଖଣ୍ଡ ଅଧିକାରୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ, ପିଡି ଡିଆରଡିଏ ସରୋଜକାନ୍ତ ମହାନ୍ତି, ସଦର ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନ, ୟୁଏନଡିପିର ପ୍ରତିନିଧି ଲୋକନାଥ ଦାସ, ମନୀଷ ମୋହନ ଦାସ, ୟୁନିସେଫ୍‌ର ବିଦିଶା ରାୟ, ଶଶି ପ୍ରଭା ଓ ସୋମେନ ରାୟଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।



କଟକ ଶାରଳା ଭବନରେ ରବିବାର ଅନୁଷ୍ଠିତ ବସୁଧୈବ କୁଟୁମ୍ବକମ୍‌ର ବାର୍ଷିକ ଉତ୍ସବରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ ଓ ଅନ୍ୟ ଅତିଥିମାନେ ବାର୍ଷିକ ମୁଖପତ୍ରକୁ ଉନ୍ମୋଚନ କରୁଛନ୍ତି।



କଟକ ଶତାବ୍ଦୀ ଭବନରେ ରବିବାର ଅନୁଷ୍ଠିତ ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ଯୁବତୀଙ୍କଠାରୁ ଭ୍ୟାନିଟ୍ ଲୁଟ୍

ଖୋର୍ଦ୍ଧା ଅଫିସ,୨୬।୫:ଖୋର୍ଦ୍ଧା ଆଦର୍ଶ ଥାନା ଅଞ୍ଚଳରେ ଲୁଟେରା ସକ୍ରିୟ ହୋଇ ଉଠିଛନ୍ତି। ରବିବାର ପୂର୍ବାହ୍ନରେ ଜଣେ ଆଇନଜୀବୀ ବାଇକ୍‌ରେ ଭାଣିଜୀଙ୍କୁ ନେଇ ଯାଉଥିବାବେଳେ ତାଙ୍କଠାରୁ ଭ୍ୟାନିଟ୍ ବ୍ୟାଗ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ସହର ଶାଗୁଆନ ବଗିଚାର ଆଇନଜୀବୀ ବିମଳ କିଶୋର ଦାସ ରବିବାର ପୂର୍ବାହ୍ନ ୯ଟାରେ ଭାଣିଜୀଙ୍କୁ ବାଇକ୍‌ରେ ବସାଇ ନୂଆବସଷ୍ଟାଣ୍ଡକୁ ଯାଉଥିଲେ। ସେହି ସମୟରେ ଏକ ନମ୍ବର ବିହୀନ କଳା ବାଇକ୍‌ରେ ୩ ଜଣ ଯୁବକ ସେମାନଙ୍କ ପିଛା କରୁଥିଲେ। ଲୁଟେରାମାନେ ହାବେଳି ପଡିଆଠାରେ ଭାଣିଜୀ ହାତରୁ ଭ୍ୟାନିଟ୍ ବ୍ୟାଗ୍ ଛଡାଇ ନେଇ ଚମ୍ପଟ ମାରିଥିଲେ। ଭ୍ୟାନିଟ୍ ବ୍ୟାଗରେ ୩ ହଜାର ୫୦୦ ଟଙ୍କା, ଏକ ଦାମୀ ମୋବାଇଲ, ଏଟିଏମ୍ କାର୍ଡ, ଦରକାରୀ କାଗଜପତ୍ର ଥିଲା ବୋଲି ଏତଲାରେ ଦର୍ଶାଯାଇଛି।

### ପ୍ରଥମ ସ୍ତ୍ରୀଙ୍କୁ ମାଡ଼ମାରି ସ୍ୱାମୀ ଗିରଫ

ଖୋର୍ଦ୍ଧା ଅଫିସ,୨୬।୫:ପ୍ରଥମ ସ୍ତ୍ରୀଙ୍କୁ ମାଡ ମାରିବା ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ତୋଟାପଡାର ଏସ.କେ. ଫକୀର ଅଲ୍ଲିଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଫକୀରଙ୍କୁ ଖୋର୍ଦ୍ଧା ଜେଲକୁ ଯିବାକୁ ପଡିଛି । ମିଳିଥିବା ସୂଚନା ଅନୁସାରେ, ତୋଟାପଡାର ଅଲ୍ଲି ତୋଟାପଡାର ପ୍ରଥମ ସ୍ତ୍ରୀ ଫତିମା ବିବିଙ୍କୁ ଛାଡି କଡ଼ବରେ ୨ୟ ବିବାହ ୨ ବର୍ଷ ତଳେ କରିଥିଲେ। ଖୋର୍ଦ୍ଧା କୋର୍ଟରେ ଭରଣପୋଷଣ ମକଦ୍ଦମା ଚାଲୁ ରହିଛି। ଫତିମା ଝିଅ ଓ ମା'ଙ୍କ ସହ କୋର୍ଟକୁ ଶନିବାର ଆସିଥିବାବେଳେ ତାଙ୍କୁ ଫକୀର ଅଲ୍ଲି ମାଡ ମାରିଥିଲେ। ଏ ନେଇ ଫତିମାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଫା ୨୯୪, ୩୨୩, ୫୦୬, ୩୫୪ରେ ନଂ. ୧୫୪/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ଶ୍ରମିକଙ୍କ ଅଂଶୁଘାତରେ ମୃତ୍ୟୁ

ଖୋର୍ଦ୍ଧା ଅଫିସ/ ଟାଙ୍ଗୀ, ୨୬।୫ (ଡି.ଏନ୍.ଏ.):ଟାଙ୍ଗୀ ଥାନା କାଳୁପଡା ଗହୀର ମଝିରେ ରବିବାର ମଧାହ୍ନରେ ଜଣେ ଶ୍ରମିକଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ମୃତକ ହେଲେ ସୁରେନ୍ଦ୍ର ମହାପାତ୍ର(୫୨)। ଘର ଟାଙ୍ଗୀ ଥାନା ସାନ କୁସୁମୀ ଗାଁରେ। ଖବରପାଇ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ ନଂ.୧୩/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁସାରେ, ୩ଜଣ କୃଷି ଶ୍ରମିକ କାଳୁପଡା ଗହୀର ମଝିରେ ଯାଇ କାମ କରୁଥିଲେ। ସୁରେନ୍ଦ୍ର ମହାପାତ୍ରଙ୍କର ଫେରିବାରେ ବିଳମ୍ବ ହୋଇଥିଲା। ପରିବାର ଲୋକେ ଆସିବା ବିଳମ୍ବ ଯୋଗୁ ବିଲରେ ଯାଇ ଦେଖିବା ବେଳକୁ ପାଟି, ନାକରୁ ନାଳ ଓ ରକ୍ତ ବାହାରି ଥିବାବେଳେ ସେ ପଡି ରହିଥିଲେ।

■ ଚିଲିକା ନିର୍ବାଚନମଣ୍ଡଳୀ

# ଭୁଶୁଡ଼ିଲା ପାରିବାରିକ ଗଡ଼

**ଖୋର୍ଦ୍ଧା ଅଫିସ,୨୬।୫**

ହରିଚନ୍ଦନ ପରିବାରର ଗଡ ରୂପେ ପରିଚିତ ଚିଲିକା ନିର୍ବାଚନମଣ୍ଡଳୀ ୨୦୧୯ରେ ବିଜେଡି କବ୍‌ଜାକୁ ଫେରି ଆସିଛି। ଏଠାରେ ଭାଜପା ଜଣେ ରାଜ୍ୟସ୍ତରୀୟ ନେତାଙ୍କୁ ଟିକେଟ ଦେଇଥିଲେ ମଧ୍ୟ ଭୋଟର ପାରିବାରିକ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଶାସକ ଦଳର ପ୍ରାର୍ଥୀ ବାହାର ନିର୍ବାଚନମଣ୍ଡଳୀର ହୋଇଥିଲେ ହେଁ ଉପଯୁକ୍ତ ଗୋଟି ଚାଳନା କରି ବିଦ୍ରୋହୀ ଭୋଟ ସାଉଁଟି ବିଜୟୀ ହୋଇଛନ୍ତି।
ଚିଲିକା ନିର୍ବାଚନମଣ୍ଡଳୀ ଭାଜପାର ଗଡ ରୂପେ ପରିଚିତ। ଏଠାରେ ଚିଲିକା ବିଧାୟକ ବିଭୂତି ଭୂଷଣ ହରିଚନ୍ଦନଙ୍କ ପୁତୁରା ତଥା ପୂର୍ବତନ ମନ୍ତ୍ରୀ ବିଶ୍ୱ ଭୂଷଣ ହରିଚନ୍ଦନଙ୍କ ପୁଅ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ୨୦୧୯ ନିର୍ବାଚନରେ ଭାଜପା ଟିକେଟ ଦେଇଥିଲା। ତେବେ ବିଜେଡିର ପ୍ରଶାନ୍ତ ଜଗଦ୍ଦେବ ୧୦, ୮୫୬ ଭୋଟ ବ୍ୟବଧାନରେ ଭାଜପାର ପୃଥ୍ୱୀରାଜଙ୍କୁ ପରାସ୍ତ କରିଛନ୍ତି। ବିଜେଡିର ପ୍ରଶାନ୍ତ ଜଗଦ୍ଦେବ ୮୦,୧୩୩ (୫୦.୨୯ ପ୍ରତିଶତ) ଭୋଟ ପାଇଥିବାବେଳେ ପୃଥ୍ୱୀରାଜ ହରିଚନ୍ଦନ ୬୯, ୨୭୭ (୪୩.୪୮ ପ୍ରତିଶତ) ଭୋଟ ପାଇଛନ୍ତି। କଂଗ୍ରେସର ପ୍ରଦୀପ ସ୍ୱାଇଁ ୪୯୩୨(୩.୧) ପ୍ରତିଶତ ଭୋଟ ପାଇଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ବିଜେଡିର ହାୱା ସତ୍ତ୍ୱେ ଭାଜପା ଦଖଲରେ ଥିଲା ଚିଲିକା ନିର୍ବାଚନମଣ୍ଡଳୀ। ପୁଣି ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଚିଲିକା ନିର୍ବାଚନ ମଣ୍ଡଳୀର ୬ଟି ଜିଲା ପରିଷଦ ଜୋନ ମଧ୍ୟରୁ ୫ଟି ଭାଜପା ଦଖଲକୁ ନେଇଥିଲା। ଜିଲାରେ ୧୦ଟି ଜିଲା ପରିଷଦ ଆସନ ଭାଜପା ପାଇଥିବାବେଳେ କେବଳ ୫ଟି ଚିଲିକା ନିର୍ବାଚନମଣ୍ଡଳୀରେ ଥିଲା। ଏଠାରେ ଗୋଟିଏ ଜୋନ ପାଇ ବିଜେଡି ସନ୍ତୁଷ୍ଟ ହୋଇଥିଲା। ଏଠାରେ ଭାଜପାର ଦବ୍‌ଦବା ଥିଲା। କିନ୍ତୁ ଏହାକୁ ପୃଥ୍ୱୀରାଜ ରଖିବାରେ ସକ୍ଷମ ହେଲେନାହିଁ। ପୃଥ୍ୱୀରାଜ ଟିକେଟ ପାଇବା ପରେ କେତେକ ଆଞ୍ଚଳିକ ନେତା ବିଜେଡିରେ ମିଶିବା ଆରମ୍ଭ କଲେ। ପରେ ଭୋଟର ପଟ୍ଟ ପରିବର୍ତ୍ତନ କରି ଶାସକ ଦଳକୁ ମୁହାଁଇ ଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ପ୍ରଶାନ୍ତ ବିଜେଡିରୁ ଟିକେଟ ପାଇବା ପରେ ଜିତିବା କାଠିକାର ପାଠ ବୋଲି କୁହାଯାଉଥିଲା। ଏଠାରେ ବିଜେଡିର ପୂର୍ବତନ ବିଧାୟକ ରଘୁନାଥ ସାହୁ ୫ ବର୍ଷ ଧରି ସଙ୍ଗଠନକୁ ମଜ୍‌ଭୁତ କରିଥିବାବେଳେ ଟିକେଟ ପାଇ ନ ଥିଲେ। ରଘୁନାଥ ପ୍ରଶାନ୍ତଙ୍କୁ ଉପରେ ସହଯୋଗ କରିଥିଲେ। ତେବେ ବିଜେଡିର ବିଜୟୀ ପରେ ପ୍ରଶାନ୍ତ ଘର ସଜାଡିବା ବିରୋଧୀ ଭୋଟ ସାଉଁଟିଥିବାର ପ୍ରମାଣିତ ହୋଇଛି। ଉଲ୍ଲେଖଥାଉ କି ଭାଜପା ପ୍ରାର୍ଥୀ ପୃଥ୍ୱୀରାଜଙ୍କ ପିତା ବିଶ୍ୱଭୂଷଣ ୧୯୭୭, ୧୯୯୦ରେ ଚିଲିକା ନିର୍ବାଚନମଣ୍ଡଳୀରେ ବିଧାୟକ ଥିଲେ। ୨୦୦୦, ୨୦୦୪ ଓ ୨୦୧୪ରେ ଦାଦା ବିଭୂତି ଭୂଷଣ ହରିଚନ୍ଦନ ଚିଲିକା ନିର୍ବାଚନମଣ୍ଡଳୀରେ ବିଧାୟକ ଥିଲେ। ୨୦୧୪ ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଭୂତି ୬୯, ୪୩୩(୪୬.୭୦ପ୍ରତିଶତ) ଭୋଟ ପାଇ ବିଜୟୀ ହୋଇଥିଲେ। ଏଠାରେ ବିଜେଡିର ରଘୁନାଥ ସାହୁ ୬୮, ୮୯୨(୪୬.୩୪ ପ୍ରତିଶତ) ପାଇ ୨ୟ ସ୍ଥାନରେ ରହିଥିଲେ। କଂଗ୍ରେସର ମାନସୀ ପ୍ରଧାନ ୫, ୧୮୨ (୩.୪୯ପ୍ରତିଶତ) ଭୋଟ ପାଇଥିଲେ।

## ରାମେଶ୍ୱର ଦେବଙ୍କ ଚନ୍ଦନ ଯାତ୍ରା



ଶ୍ରୀ ରାମେଶ୍ୱର ଦେବ ଚାପ ଖେଳୁଛନ୍ତି ।

**ବାଲୁଗାଁ,୨୬।୫(ଡି.ଏନ.ଏ.)**

ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ରାମେଶ୍ୱର ଦେବଙ୍କ ତିନିଦିନ ବ୍ୟାପୀ ଅନୁଷ୍ଠିତ ଚନ୍ଦନ ଯାତ୍ରା ରବିବାର ଉଦ୍‌ଯାପିତ ହୋଇଛି। ଠାକୁରଙ୍କ ପାରମ୍ପରିକ ପୂଜାର୍ଚ୍ଚନା ନେଇ ଦୀର୍ଘ ଦିନ ହେଲା ବିବାଦ ଲାଗିରହିଥିଲା । ନୂତନ ଟ୍ରଷ୍ଟ ବୋର୍ଡ଼ ସଭାପତି ଭ୍ରମରବର ପାଇକରାୟ ଓ ସ୍ଥାନୀୟ ୩୬ଖଣ୍ଡ ମୌଜାର ଅଧିବାସୀଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ସହ ଠାକୁରଙ୍କ ପୁଷ୍କରିଣୀରେ ପାରମ୍ପରିକ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପୂର୍ବରୁ ସ୍ଥାନୀୟ ଇଞ୍ଜନପୁର ଗ୍ରାମସ୍ଥିତ ପୁଷ୍କରିଣୀରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଥିଲା । ଶାନ୍ତିଶୃଙ୍ଖଳାର ସହ ମହାଦେବଙ୍କ ଚନ୍ଦନଯାତ୍ରା ଶେଷ କରିବା ପାଇଁ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଥିଲା । ସେହିପରି ବାଲୁଗାଁର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ଚନ୍ଦନଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ସମାପନ ହୋଇଛି।

■ଆଇରନ ଓ ଗୋରୁ ବୋଝେଇ ଟ୍ରକ ମୁହାଁମୁହିଁ ଧକ୍କା

# ୨୦ରୁ ଊର୍ଦ୍ଧ୍ୱ ଗୋରୁ ମୃତ, ମିଳିଲାନି ମୃତଦେହ

**ଖୋର୍ଦ୍ଧା ଅଫିସ,୨୬।୫**

ଖୋର୍ଦ୍ଧା ଆଦର୍ଶ ଥାନା ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ତରତୁଆ ଚିଙ୍ଗୁଡିଝରଠାରେ ଶନିବାର ବିଳମ୍ବିତ ରାତିରେ ଆଇରନ ଓ ଗୋରୁ ବୋଝେଇ ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଥିବାବେଳେ ପୋଲିସ ମୃତ କି ଜୀବିତ ଗୋରୁଙ୍କ ଟେର ନ ପାଇବା ସନ୍ଦେହ ସୃଷ୍ଟି କରିଛି। ପୋଲିସ ପହଞ୍ଚିବାରେ ବିଳମ୍ବର ସୁଯୋଗ ନେଇ ଚୋରା ଗୋରୁ ବେପାରୀମାନେ ମଲା ଓ ଜିଅନ୍ତା ଗୋରୁଙ୍କୁ ପିକ୍‌ଅପ ଭ୍ୟାନରେ ନେଇ ପଳାଇ ଯାଇଥିଲେ। ପୋଲିସ ଦୁର୍ଘଟଣା ଗସ୍ତ ଦୁଇ ଟ୍ରକ୍‌କୁ ନିଜ ହେପାଜତକୁ ନେଇ ନଂ. ୧୫୫/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରାପ୍ତ ସୂଚନା ଅନୁସାରେ, ଶନିବାର ବିଳମ୍ବିତ ରାତିରେ ବେଗୁନିଆ ଅଞ୍ଚଳରୁ ଏକ ନଂ. ଓଆର୦୯ ଜି ୩୯୬୦ ଟ୍ରକରେ ୭୦ରୁ ଊର୍ଦ୍ଧ୍ୱ ଗୋରୁ ବୋଝେଇ ହୋଇ ବେଆଇନ ଭାବେ ଚାଲାଣ ହେଉଥିଲେ। ରାତି ପ୍ରାୟ ୪ଟାରେ ଚିଙ୍ଗୁଡିଝର ନିକଟରେ ଗୋରୁ ବୋଝେଇ ଟ୍ରକ ସହ ଓଆର୦୨ ବିଏଚ ୧୬୯୯ନଂ. ଆଇରନ ବୋଝେଇ ଟ୍ରକ ଧକ୍କା ହୋଇଥିଲା। ରବିବାର ପୂର୍ବାହ୍ନ ପର୍ଯ୍ୟନ୍ତ ରାସ୍ତାକଡରେ ମୃତ ଓ ଜୀବିତ ଗୋରୁ ପଡିଥିଲେ। ପୋଲିସ ଆସିବା ପୂର୍ବରୁ ଗୋରୁମାନଙ୍କୁ ଅନ୍ୟତ୍ର ଚାଲାଣ କରି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ତେବେ ରାତିରେ ଦୁର୍ଘଟଣା ଘଟିଥିବାବେଳେ ପୋଲିସ ବିଳମ୍ବରେ ଆସିବାର କାରଣ କ'ଣ ବୋଲି ପ୍ରଶ୍ନ ଉଠିଛି। ଏହାରି ପଛରେ ମାସିକିଆ କୋଟା କାରବାର ଲୁଚି ରହିଥିବା ଅଭିଯୋଗ ଉଠିଛି। ଖୋର୍ଦ୍ଧା ଜିଲା ସଦର ମହକୁମାରେ ବେଆଇନ ଗୋଚାଲାଣ ବଢ଼ି ଚାଲିଥିବାବେଳେ ପୋଲିସ ମାସିକ କୋଟା ନେଇ ଚୁପ ରହୁଥିବା ଅଭିଯୋଗ ରହିଛି।





ଗୋରୁ ବୋଝେଇ ଟ୍ରକ ଓଲଟି ପଡିଛି ।

ଦେଶୀ ମଦଭାଟି ଉପରେ ଚଢ଼ାଉ

### ୨୦୦ ଲିଟର ନକଲି ମଦ ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨୬।୫**

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ନୂଆଗାଁର ଜଙ୍ଗଲିଆ ଅଞ୍ଚଳରେ ରବିବାର ଚଢ଼ାଉ କରି ୨୦୦ ଲିଟର ନକଲି ମଦ ଜବତ କରିବା ସହ ନୂଆଗାଁର ଅଭି ସାହୁ(୪୫)ଙ୍କୁ ଗିରଫ କରିଛି। ଅନ୍ୟପକ୍ଷେ ଅରାଙ୍ଗର ଚିତ୍ତ ମହାଭୋଇ ପୋଲିସକୁ ଚକମା ଦେଇ ଖସି ଯିବାରେ ସକ୍ଷମ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ନୂଆଗାଁର ଅଭି ସାହୁ ଓ ଅରାଙ୍ଗର ଚିତ୍ତ ମହାଭୋଇ ମିଳିତ ଭାବେ ଦେଶୀ ମଦ ତିଆରି କରୁଥିଲେ। ଖବରପାଇ ପୋଲିସ ଚଢ଼ାଉ ପରେ ଏହା ନକଲି ମଦ ବୋଲି ଜଣାପଡିଛି। ଯାହାକି ବିଷାକ୍ତ ମଦ ବୋଲି ସନ୍ଦେହ ହେବା ପରେ ଟେଷ୍ଟ ପାଇଁ ପଠାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ଦଉଡି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ପୁରୁଣା ଭୁବନେଶ୍ୱର, ୨୬।୫ (ଡି.ଏନ.ଏ.)–**

ଲିଙ୍ଗରାଜ ଥାନା ଅଧୀନ ବିଦ୍ୟୁତ୍ ଅଫିସ ନିକଟରେ ରହୁଥିବା ଘରେ ଜନୈକ ଯୁବକ ଫ୍ୟାନ୍‌ରେ ଚାଦର ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଆଶିଷ ମିଶ୍ର (୨୮)। ପୋଲିସ ସୂଚନା ମୁତାବକ, ଆଶିଷ ଶନିବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ରହୁଥିବା ଘରେ ପଙ୍ଖାରେ ଝୁଲୁଥିବା ଅବସ୍ଥାରେ ନିକଟରେ ରହୁଥିବା ତାଙ୍କ ପରିବାର ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ପରେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିବା ବେଳେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପୋଲିସ ସୂଚନା ମୁତାବକ, ଆଶିଷଙ୍କ ମା' ବାପା ନ ଥିବାବେଳେ ସେ ତାଙ୍କ ବାନ୍ଧବୀଙ୍କ ସହ ଏକାଠି ରହୁଥିଲେ। ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ଆଶିଷ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ କହିଛି। ଏ ନେଇ ମୃତକଙ୍କ ଭଉଣୀ ମାଧୁରୀଙ୍କ ଅଭିଯୋଗକ୍ରମେ ପୋଲିସ ୩୦୬ ଦଫାରେ ନଂ. ୮୭/୧୯ରେ ଏକ ମାମଲା ରୁଜୁ କରିଛି।

■ ଖୋର୍ଦ୍ଧା ଜିଲାରେ ଫନୀ ସମୀକ୍ଷା କଲେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ, ମିଳିତ ଜାତିସଂଘର ଟିମ୍

# ସ୍ୱାସ୍ଥ୍ୟ ବିଭାଗର କ୍ଷୟକ୍ଷତି ଆକଳନ ୧୭ କୋଟି



ବିଶ୍ୱ ସ୍ୱାସ୍ଥ୍ୟ ବିଭାଗ ଓ ଜାତିସଂଘର ମିଳିତ ଟିମ୍ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅନୁଧ୍ୟାନ କରୁଛନ୍ତି ।

**ଖୋର୍ଦ୍ଧା ଅଫିସ,୨୬।୫**

ସାମୁଦ୍ରିକ ବନ୍ୟା ଫନୀରେ ସ୍ୱାସ୍ଥ୍ୟ ବିଭାଗର କ୍ଷୟକ୍ଷତି ଆକଳନ ଓ ରିପୋର୍ଟ ସଂଗ୍ରହ ଉଦ୍ଦେଶ୍ୟରେ ରବିବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ମିଳିତ ଜାତିସଂଘର ୨ ଜଣିଆ ଟିମ୍ ଖୋର୍ଦ୍ଧା ଗସ୍ତରେ ଆସିଥିଲେ। ଏହି ଟିମ୍‌ରେ ଗୌରବ ଗୁପ୍ତା ଓ ସନ୍ତୋଷ ସାହୁ ଥିଲେ। ଏହି ଟିମ୍ ପ୍ରଥମେ ଖୋର୍ଦ୍ଧା ଜିଲାପାଳ ଭୂପିନ୍ଦର ସିଂ ପୁନିଆଙ୍କ ସହ ଆଲୋଚନା କରି ବୈଠକରେ ସମୀକ୍ଷା କରିଥିଲେ। କ୍ଷୟକ୍ଷତି ସମ୍ପର୍କରେ ଜିଲାପାଳଙ୍କଠାରୁ ରିପୋର୍ଟ ନେଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି କ୍ଷୟକ୍ଷତି ଆକଳନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ ମହାପାତ୍ର ଓ ଏଡିଏମ୍‌ଓ(ମେଡିକାଲ)ରଘୁନାଥ ନାୟକ, ଡିପିଏମ୍ ପ୍ରମୁଖଙ୍କ ସହ ଫନୀର ଷ୍ଟେଟ ନୋଡାଲ ଅଫିସର ଏମ.ଏସ୍ ମୁନିର୍‌ଙ୍କ ସହ ସମୀକ୍ଷା, ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟବିଭାଗର ରିପୋର୍ଟ ଅନୁସାରେ ଜିଲାରେ ପିଏଚସି, ସିଏଚସି, ସ୍ୱାସ୍ଥ୍ୟକେନ୍ଦ୍ର, ଉପସ୍ୱାସ୍ଥ୍ୟକେନ୍ଦ୍ର, ଜିଲା ମୁଖ୍ୟ ଚିକିତ୍ସାଳୟ, ବିଭିନ୍ନ ଉପକରଣ, ଏସି ପ୍ରମୁଖ ବାବଦରେ ୧୭ କୋଟି ଟଙ୍କା କ୍ଷୟକ୍ଷତି ହୋଇଥିବା ଏକ ରିପୋର୍ଟ ଦୁଇ ଜଣିଆ ଟିମ୍‌ଙ୍କୁ ପ୍ରଦାନ କରାଯାଇଛି। ସେହିପରି ଟିମ୍‌ର ସଦସ୍ୟ ଦ୍ୱୟ ନିଜ ଆଡୁ କିଛି କ୍ଷୟକ୍ଷତି ତଦନ୍ତ କରି ଯୋଡିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଗୁପ୍ତା ଓ ମିଳିତ ଜାତିସଂଘର ସାହୁଙ୍କ ସୂଚନା ଅନୁସାରେ, ଫନୀ କ୍ଷୟକ୍ଷତି ଆକଳନ ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗଠାରୁ ମିଳିଛି। ସେମାନେ କିଛି ସ୍ଥାନ ବୁଲି କ୍ଷୟକ୍ଷତି ରିପୋର୍ଟ ସଂଗ୍ରହ କରୁଛନ୍ତି। ପରେ ଏଥିରେ ସଂଯୋଗ କରିବେ। ସୋମବାର ସେମାନେ ଭୁବନେଶ୍ୱର ବ୍ଲକର ଡାକ୍ତରଖାନା, କ୍ୟାପିଟାଲ ହସ୍ପିଟାଲ ଯାଇ ଅନୁଧ୍ୟାନ ଓ ସମୀକ୍ଷା କରିବେ ବୋଲି କହିଛନ୍ତି।

## ହାଇୱା ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ: ଉତ୍ତେଜନା

**ଜଟଣୀ,୨୬।୫(ଡି.ଏନ.ଏ):**

ଜଟଣୀ ମୁଖ୍ୟରାସ୍ତାର ସୀତାରାମ ଛକ ନିକଟସ୍ଥ ଅଣ୍ଡରଗ୍ରାଉଣ୍ଡରେ ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ରବିବାର ସନ୍ଧ୍ୟା ପ୍ରାୟ ୭ଟା ୫୦ମିନିଟ୍‌ରେ ଏହା ଘଟିଛି। ମୃତ୍ୟୁବରଣ କରିଥିବା ଯୁବକଙ୍କ ନାମ ବବଲୁ ପାତ୍ର। ପିପିଲି ବ୍ଲକ ଅନ୍ତର୍ଗତ କଣ୍ଟି ପଞ୍ଚାୟତ ପାତ୍ରସାହିରେ ତାଙ୍କ ଘର ବୋଲି ଜଣାପଡିଛି। ସେ ନଂ. ଓଡି ୩୩ଜେ୧୫୫୪ ନମ୍ବର ବାଇକ୍‌ରେ ସୀତାରାମ ଛକରୁ ଘରକୁ ଫେରୁଥିଲେ। ଅଣ୍ଡରଗ୍ରାଉଣ୍ଡ ମଧ୍ୟରେ ପଛରୁ ଦ୍ରୁତଗତିରେ ନଂ. ଓଆର୍୦୨ବିଟି୭୬୭୦ ହାଇୱା ଆସି ତାଙ୍କୁ ଧକ୍କା ଦେଇ ଚଢି ଯାଇଥିଲା। ଅନ୍ୟ ଏକ ବାଇକ୍‌ରେ ଯାଉଥିବା ଦୁଇଜଣ ଯୁବକ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେମାନେ ବାଇକ୍‌ରୁ ଡିଆଁ ମାରି ଜୀବନ ବଞ୍ଚାଇଥିଲେ ମଧ୍ୟ ତାଙ୍କ ବାଇକ୍ ଉପରେ ହାଇୱାଟି ଚଢ଼ି ଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ବହୁ ଲୋକଙ୍କ ଗହଳି ହେବା ସହ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ବବଲୁଙ୍କ ମୃତଦେହକୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।
ମୁଖ୍ୟରାସ୍ତାରେ ଅପରାହ୍ନ ୪ଟାରୁ ସନ୍ଧ୍ୟା ୮ଟା ଯାଏ ଭାରିଯାନ ଚଳାଚଳ ଉପରେ କଟକଣା ରହିଛି। ହାଇୱା ଭଳି ଏକ ଭାରିଯାନ କିପରି ସନ୍ଧ୍ୟା ୮ଟା ପୂର୍ବରୁ ଯାଉଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅଣ୍ଡରଗ୍ରାଉଣ୍ଡର ଉଭୟପାର୍ଶ୍ୱ ତଥା ସହରର ଦୁଇସୀମା ଖୁଦୁପୁର ଛକ ଓ କୁଦିଆରୀ ଗ୍ରାମ ଛକରେ କଟକଣା ପାଇଁ ଦୈନିକ ପୋଲିସ ମୁତୟନ ରୁହନ୍ତି। ପୋଲିସ ମୁତୟନ ଥାଇ କଟକଣା ଥିବା ସମୟରେ କିପରି ହାଇୱା ଭାରିଯାନ ସହର ମଧ୍ୟକୁ ପ୍ରବେଶ କଲା ତାହା ତଦନ୍ତ ସାପେକ୍ଷ ହୋଇଛି। ଏହି ଅଣଓସାରିଆ ଅଣ୍ଡରଗ୍ରାଉଣ୍ଡକୁ ନେଇ ଦୀର୍ଘବର୍ଷ ହେବ ଜଟଣୀବାସୀଙ୍କ ସମେତ ଅନ୍ୟ ଅଞ୍ଚଳରୁ ଆସୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ଏଠାରେ ବହୁବାର ଦୁର୍ଘଟଣା ଘଟି ଅନେକ ଜୀବନହାନୀ ହେଲାଣି। ଅନେକ ସମୟରେ ୭ରୁ ୮ ଫୁଟ ଉଚ୍ଚର ପାଣି ଜମି ରହି ଖୋର୍ଦ୍ଧା-ପିପିଲିକୁ ସଂଯୋଗ କରୁଥିବା ଏହି ଅଣ୍ଡରଗ୍ରାଉଣ୍ଡ ଯୋଗୁ ଘଣ୍ଟା ଘଣ୍ଟା ଧରି ଏହି ଗୁରୁତ୍ୱପୂର୍ଣ୍ଣ ସଡ଼କପଥ ବିଚ୍ଛିନ୍ନ ହୋଇ ରହିଥାଏ। ଦୀର୍ଘବର୍ଷର ଏହି ସମସ୍ୟା ଦୂର ପାଇଁ ଏହା ଉପରେ ଆରମ୍ଭ ହୋଇଥିବା ଫ୍ଲାଇ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଅଧପନ୍ତରା ଭାବେ ପଡ଼ିରହିଛି। ଏଣୁ ଏଥିପ୍ରତି ପ୍ରଶାସନ ଗୁରୁତ୍ୱର ସହ ଦୃଷ୍ଟି ଦେବା ସହ କଟକଣା ସମୟକୁ ରାତି ୧୧ଟା ଯାଏ ବୃଦ୍ଧି କରିବାକୁ ପୂର୍ବତନ କାଉନ୍‌ସିଲର ଅନନ୍ତ ବେହେରା, ବିଭୂତି ଭୂଷଣ ମିଶ୍ର, ବିଷ୍ଣୁ ସାହୁ, ଶୁଭେନ୍ଦୁ ପରିଜା ପ୍ରମୁଖ ଦାବି କରିଛନ୍ତି।

# ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ

**ବୋଲଗଡ଼,୨୬।୫(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବେଣାଗାଡିଆ ପାଟଣାଠାରେ ପାଞ୍ଚଗଡ଼ ରାଜ୍ୟ ତୈଳିକ ବୈଶ୍ୟ ସମାଜର ସପ୍ତମ ସାଧାରଣ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି । ସଂଗଠନ ସମ୍ପାଦକ ଜୟକୃଷ୍ଣ ସୁବୁଦ୍ଧିଙ୍କ ଆବାହକତ୍ୱରେ ପୂର୍ବାହ୍ନରେ ପତାକା ଉତ୍ତୋଳନ, ସନ୍ଧ୍ୟାରେ ବନ୍ଧୁମିଳନ ଓ ଏହାପରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ରଘୁନାଥ ସାହୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ସୁମନ୍ତ ଛୋଟରାୟ ଯୋଗଦେଇଥିବାବେଳେ ଉପସଭାପତି ଲକ୍ଷ୍ମୀଧର ସାହୁ, ସହ ସମ୍ପାଦକ ପ୍ରାଣକୃଷ୍ଣ ସାହୁ ଓ ଶିକ୍ଷା ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ କର୍ମକର୍ତ୍ତା ମଞ୍ଚାସୀନ ଥିଲେ। ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ସଂଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ସଂଗଠନର ବିଗତ ରାଜ୍ୟ ସଭା ଏବଂ କାର୍ଯ୍ୟକାରୀ କମିଟିର ବିବରଣୀ ପଠନ ହୋଇଥିଲା। ଅଧିବେଶନବେଳେ ବିଦ୍ୟାର୍ଥୀଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା, ଶିକ୍ଷାବୃତ୍ତି ପ୍ରଦାନ ଓ ବୃତ୍ତି ପାଇଁ ଦାନ ଗ୍ରହଣ କରାଯାଇଛି ।



ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ।

■ ବିଦ୍ୟୁତ୍ ବ୍ୟବସ୍ଥା ସଜାଡିବାକୁ ସହଯୋଗର ହାତ

# ପୁରୀରେ ପହଞ୍ଚିଲେ ୧୦୭ ଆଇଟିଆଇ ଟେକ୍ନିସିଆନ

**ପୁରୀ ଅଫିସ, ୨୬।୫:**

ବାତ୍ୟାରେ ପୁରୀ ସହରରେ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ତେଣୁ ଏହିସବୁ ଘରେ ବିଦ୍ୟୁତ୍ ବୋର୍ଡ, ଫ୍ୟାନ୍ ଆଦି ନଷ୍ଟ ହୋଇଯାଇଛି। ଏସବୁର ମରାମତି ପାଇଁ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଛନ୍ତି ଶତାଧିକ କୁଶଳୀ ଆଇଟିଆଇ ଛାତ୍ର। ସେମାନେ ଲୋକଙ୍କ ଘର ଭିତରେ ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ରବିବାର ପୁରୀରେ ପହଞ୍ଚିଛନ୍ତି ୧୦୭ ଜଣ ଆଇଟିଆଇ ଟେକ୍ନିସିଆନ। ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟର ତତ୍ତ୍ୱାବଧାନରେ ଆସିଥିବା ଏହି ଟେକ୍ନିସିଆନମାନେ ସାଥିରେ ବିଦ୍ୟୁତ୍ ସଜାଡିବାର ସରଞ୍ଜାମ ମଧ୍ୟ ଆଣିଛନ୍ତି। ଅପରାହ୍ନରେ ଗାନ୍ଧୀ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ପକ୍ଷରୁ ଏମାନଙ୍କୁ ସ୍ୱାଗତ କରାଯାଇଥିଲା। ଜିଲାପାଳ ବଲୱନ୍ତ ସିଂ ଟେକ୍ନିସିଆନମାନଙ୍କୁ ସେମାନଙ୍କର ସ୍ୱେଚ୍ଛାକୃତ ସେବା ମନୋଭାବକୁ ପ୍ରଶଂସା କରିଥିଲେ। ହେଲେ କାମ ସମୟରେ ପ୍ରଥମେ ନିଜ ସୁରକ୍ଷା ଏବଂ ନିରାପତ୍ତା ପ୍ରତି ନଜର ରଖିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟୁତ୍ କାମ କରିବା ସମୟରେ କେବେ ଦୁଃସାହସ କରିବ ନାହିଁ। ସେଫ୍ଟି କିଟ୍ସ ବ୍ୟବହାର କରି କାମ କରିବ ବୋଲି ଟିମ୍ ଲିଡରମାନଙ୍କୁ ପରାମର୍ଶ ଦେଇଥିଲେ ଜିଲାପାଳ।
ଫୁଲବାଣୀ, ନୟାଗଡ଼, ହୀରାକୁଦ, ବାଲେଶ୍ୱର, ଭୁବନେଶ୍ୱର, କଟକ ଆଇଟିଆଇରୁ ଆସିଥିବା ଏହି ଛାତ୍ରମାନଙ୍କ ମଧ୍ୟରେ ଅନେକ ପାସ୍‌ଆଉଟ୍ କରିଥିବା ବେଳେ ଆଉ କେତେଜଣ ଏବେ ବି ଅଧ୍ୟୟନ କରୁଛନ୍ତି। ହେଲେ ଏମାନେ ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟର ହେଲ୍‌ପିଙ୍ଗ ହ୍ୟାଣ୍ଡ୍‌ରେ କାମ କରିବାକୁ ଇଚ୍ଛାପ୍ରକାଶ କରିଛନ୍ତି। କେରଳ ବନ୍ୟା ପରେ ସେଠାକୁ ଯାଇ ମଧ୍ୟ ଏମାନେ ବେଶ୍ ପ୍ରଶଂସା ଅର୍ଜନ କରିଥିଲେ। ତିତ୍‌ଲି ବାତ୍ୟା ପରେ ଅନେକ ଲୋକଙ୍କ ଘରେ ବିଦ୍ୟୁତ୍ ବ୍ୟବସ୍ଥାକୁ ସଜାଡିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ଛାତ୍ରମାନେ ନିକଟରେ ଫନୀ ବାତ୍ୟା ପରେ କଟକ ଏବଂ ଭୁବନେଶ୍ୱରରେ ପ୍ରାୟ ୩୦,୦୦୦ଘରେ ବିଦ୍ୟୁତ୍ କାମ କରିଛନ୍ତି। ଏହାପରେ ପୁରୀ ଜିଲା ପ୍ରଶାସନର ଅନୁରୋଧକ୍ରମେ ଏମାନେ ଏଠାକୁ ଆସିଛନ୍ତି। ୧୦ଟି ଟିମ୍‌ରେ ୧୦୭ ଟେକ୍ନିସିଆନ ଅଛନ୍ତି। ପ୍ରତ୍ୟେକ ଟିମ୍‌କୁ ଜଣେ ଜଣେ ଲିଡ୍ କରୁଛନ୍ତି। ସୋମବାରଠାରୁ ପୁରୀ ସହରର ବିଭିନ୍ନ ୱାର୍ଡକୁ ଏମାନେ ଯାଇ ଲୋକଙ୍କ ଘରେ ବିଦ୍ୟୁତ୍ ବ୍ୟବସ୍ଥାକୁ ଠିକ୍ କରିବେ। ଏଥିପାଇଁ ସମ୍ପୃକ୍ତ ୱାର୍ଡର ବିଏଲ୍‌ଓମାନେ ଏମାନଙ୍କୁ କାହା ଘରେ କାମ ହେବ ସେଥିରେ ସହଯୋଗ କରିବା ଲାଗି କୁହାଯାଇଛି। ଘର ମାଲିକ ଆବଶ୍ୟକ ସରଞ୍ଜାମ ଯୋଗାଇଦେବେ ଏବଂ ଏହି ଟେକ୍ନିସିଆନମାନେ କେବଳ କାମ କରିବେ। ଜିଲା ପ୍ରଶାସନ ପକ୍ଷରୁ ଏମାନଙ୍କ ରହିବା, ଖାଇବା ଏବଂ ଯିବା ଆସିବା ବ୍ୟବସ୍ଥା କରାଯାଇଛି।

## ସଂକ୍ଷେପରେ

### ହାଇୱା ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଜଟଣୀ,୨୬।୫(ଡି.ଏନ.ଏ): ଜଟଣୀ ମୁଖ୍ୟରାସ୍ତାର ସୀତାରାମ ଛକ ନିକଟସ୍ଥ ଅଣ୍ଡରଗ୍ରାଉଣ୍ଡରେ ହାଇୱା ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ରବିବାର ସନ୍ଧ୍ୟା ପ୍ରାୟ ୭ଟା ୫୦ମିନିଟ୍‌ରେ ଏହା ଘଟିଛି। ମୃତ୍ୟୁବରଣ କରିଥିବା ଯୁବକଙ୍କ ନାମ ବବଲୁ ପାତ୍ର। ପିପିଲି ବ୍ଲକ ଅନ୍ତର୍ଗତ କଣ୍ଟି ପଞ୍ଚାୟତ ପାତ୍ରସାହିରେ ତାଙ୍କ ଘର ବୋଲି ଜଣାପଡିଛି। ସେ ନଂ. ଓଡି ୩୩ଜେ୧୫୫୪ ନମ୍ବର ବାଇକ୍‌ରେ ସୀତାରାମ ଛକରୁ ଘରକୁ ଫେରୁଥିଲେ। ଅଣ୍ଡରଗ୍ରାଉଣ୍ଡ ମଧ୍ୟରେ ପଛରୁ ଦ୍ରୁତଗତିରେ ନଂ. ଓଆର୍୦୨ବିଟି୭୬୭୦ ହାଇୱା ଆସି ତାଙ୍କୁ ଧକ୍କା ଦେଇ ଚଢ଼ି ଯାଇଥିଲା। ଅନ୍ୟ ଏକ ବାଇକ୍‌ରେ ଯାଉଥିବା ଦୁଇଜଣ ଯୁବକ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେମାନେ ବାଇକ୍‌ରୁ ଡିଆଁ ମାରି ଜୀବନ ବଞ୍ଚାଇଥିଲେ ମଧ୍ୟ ତାଙ୍କ ବାଇକ୍ ଉପରେ ହାଇୱାଟି ଚଢ଼ି ଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ବହୁ ଲୋକଙ୍କ ଗହଳି ହେବା ସହ ଚାପା ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ବବଲୁଙ୍କ ମୃତଦେହକୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ସ୍କୁଟି ଚାଳକଙ୍କ ଉପରେ ଚଢ଼ିଗଲା ବସ୍

ଭୁବନେଶ୍ୱର,୨୬।୫(ବ୍ୟୁରୋ): ନୟାପଲ୍ଲୀ ଫାୟାର ଷ୍ଟେଶନ ନିକଟରେ ଶନିବାର ଏକ ଦୁର୍ଘଟଣାରେ ଦୁଇଜଣ ଯୁବକଙ୍କ ମୃତ୍ୟୁକୁ ୨୪ ଘଣ୍ଟା ନପୂରୁଣୁ ପୁଣି ରବିବାର ରାତି ପ୍ରାୟ ୮ଟାରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପେଟ୍ରୋଲ ପମ୍ପ ନିକଟରେ ଆଉ ଏକ ଦୁର୍ଘଟଣା ଘଟିଛି। ଫାୟାର ଷ୍ଟେସନ ଅଭିମୁଖେ ସ୍କୁଟିରେ ଯାଉଥିବା ଜଣେ ବ୍ୟକ୍ତି ଉପରେ ଏକ ଘରୋଇ ବସ୍ ଚଢ଼ାଇ ଦେଇଛି। ଫଳରେ ସ୍କୁଟି ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ହେଲେ ଧଉଳି ଥାନା ଇତିପୁର ଅଞ୍ଚଳର ବାପୁଜୀ ନାୟକ(୩୫)। ଖବରପାଇ ଖଣ୍ଡଗିରି ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରି ତଦନ୍ତ କରୁଛି। ଏ ନେଇ ପୋଲିସ ବସ୍‌ର ଡ୍ରାଇଭରକୁ ଅଟକ ରଖିଛି। ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି।

ସୂଚନା ଅନୁଯାୟୀ, ବାପୁଜୀ କୌଣସି କାମରେ ରବିବାର ସନ୍ଧ୍ୟାରେ ଏକ ସ୍କୁଟି ଯୋଗେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଆସିଥିଲେ। ସେ କାମ ସାରି ଘରକୁ ଫେରୁଥିବାବେଳେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଆଗକୁ ଥିବା ପେଟ୍ରୋଲ ପମ୍ପ ନିକଟରେ ବସ୍‌ଷ୍ଟାଣ୍ଡରୁ ଦ୍ରୁତ୍ ଗତିରେ ଯାଉଥିବା ଏକ୍ ବସ୍ ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ସହ ବାପୁଜି ବସ୍ ଚକା ତଳେ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ସେଠାରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ବାଇକ୍ ଚୋରି ଅଭିଯୋଗ

ବାଲିଅନ୍ତା,୨୬।୫(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ବାଲିଅନ୍ତା ସାପ୍ତାହିକ ହାଟରୁ ପ୍ରତିମାସରେ ବାଇକ୍ ଚୋରି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ରବିବାର ସନ୍ଧ୍ୟାରେ ପୁଣି ଏକ ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବାଲିଅନ୍ତା ବଜାରରେ ରହୁଥିବା ପୂର୍ଣ୍ଣଚନ୍ଦ୍ର ପ୍ରଧାନ ନିଜର ବାଇକ୍ ଓଡି ୦୨ଏନ୍ ୭୨୦୨କୁ ନେଇ ହାଟକୁ ଆସିଥିଲେ। ବାଇକଟିକୁ ଲକ କରି ପରିବା କିଣିବାକୁ ଯାଇଥିଲେ। ମାତ୍ର ଅଧାଘଣ୍ଟା ପରେ ହାଟ ସାରି ଫେରିବା ପରେ ବାଇକଟି ସେଠାରେ ନଥିବାର ଦେଖିଥିଲେ। ବହୁ ଖୋଜାଖୋଜି ପରେ ମଧ ନ ମିଳିବାରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି।

■ ବିଦ୍ୟୁତ୍ ବ୍ୟବସ୍ଥା ସଜାଡିବାକୁ ସହଯୋଗର ହାତ

# ପୁରୀରେ ପହଞ୍ଚିଲେ ୧୦୭ ଆଇଟିଆଇ ଟେକ୍ନିସିଆନ

ପୁରୀ ଅଫିସ, ୨୬।୫:



ପୁରୀ ଆସିଥିବା ଟେକ୍ନିସିଆନମାନେ ଗାନ୍ଧୀ ସ୍ମୃତି ପୀଠରେ ଏକତ୍ରିତ ହୋଇଛନ୍ତି।

ବାତ୍ୟାରେ ପୁରୀ ସହରରେ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। କାହାର ଛାତ ଭାଙ୍ଗିଯାଇଛି ତ କାହାର ଆଜ୍‌ବେଷ୍ଟସ ଉଡ଼ିଯାଇଛି। ତେଣୁ ଏହିସବୁ ଘରେ ବିଦ୍ୟୁତ୍ ବୋର୍ଡ, ଫ୍ୟାନ୍ ଆଦି ନଷ୍ଟ ହୋଇଯାଇଛି। ଏସବୁର ମରାମତି ପାଇଁ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଛନ୍ତି ଶତାଧିକ କୁଶଳୀ ଆଇଟିଆଇ ଛାତ୍ର। ମାଗଣାରେ ଲୋକଙ୍କ ଘର ଭିତରେ ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ରବିବାର ପୁରୀରେ ପହଞ୍ଚିଛନ୍ତି ୧୦୭ ଜଣ ଆଇଟିଆଇ ଟେକ୍ନିସିଆନ। ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟର ତତ୍ତ୍ୱାବଧାନରେ ଆସିଥିବା ଏହି ଟେକ୍ନିସିଆନମାନେ ସାଥିରେ ବିଦ୍ୟୁତ୍ ସଜାଡିବାର ସରଞ୍ଜାମ ମଧ୍ୟ ଆଣି ଆସିଛନ୍ତି। ଅପରାହ୍ନରେ ଗାନ୍ଧୀ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ପକ୍ଷରୁ ଏମାନଙ୍କୁ ସ୍ୱାଗତ କରାଯାଇଥିଲା। ଜିଲାପାଳ ବଲୱନ୍ତ ସିଂ ଟେକ୍ନିସିଆନମାନଙ୍କୁ ସେମାନଙ୍କର ସ୍ୱେଚ୍ଛାକୃତ ସେବା ମନୋଭାବକୁ ପ୍ରଶଂସା କରିଥିଲେ। ଏଥିସହ କେତେକ ଟିପ୍ସ ମଧ ଦେଇଥିଲେ। ଲୋକଙ୍କ ସେବା ଏବଂ ସହଯୋଗ କରିବା ସମସ୍ତଙ୍କ ଭାଗ୍ୟରେ ନ ଥାଏ। କିନ୍ତୁ ଆପଣମାନଙ୍କୁ ଏହି ସୁଯୋଗ ମିଳିଛି। ହେଲେ କାମ ସମୟରେ ପ୍ରଥମେ ନିଜ ସୁରକ୍ଷା ଏବଂ ନିରାପତ୍ତା ପ୍ରତି ନଜର ରଖିବାକୁ ପରାମର୍ଶ ଦେଇଥିଲେ।

■ ଘର ଘର ବୁଲି ଯୋଗାଇଦେବେ ସେବା

■ ନିଜର ନିରାପତ୍ତା ଉପରେ ଧ୍ୟାନ ଦେବାକୁ ଜିଲାପାଳଙ୍କ ପରାମର୍ଶ

ବିଦ୍ୟୁତ୍ କାମ କରିବା ସମୟରେ କେବେ ଦୁଃସାହସ କରିବ ନାହିଁ। ସେଫ୍ଟି କିଟ୍ସ ବ୍ୟବହାର କରି କାମ କରିବ ବୋଲି ଟିମ୍ ଲିଡରମାନଙ୍କୁ ପରାମର୍ଶ ଦେଇଥିଲେ ଜିଲାପାଳ।

ଫୁଲବାଣୀ, ନୟାଗଡ଼, ହୀରାକୁଦ, ବାଲେଶ୍ୱର, ଭୁବନେଶ୍ୱର, କଟକ ଆଇଟିଆଇରୁ ଆସିଥିବା ଏହି ଛାତ୍ରମାନଙ୍କ ମଧ୍ୟରେ ଅନେକ ପାସ୍‌ଆଉଟ୍ କରିଥିବା ବେଳେ ଆଉ କେତେଜଣ ଏବେ ବି ଅଧ୍ୟୟନ କରୁଛନ୍ତି। ହେଲେ ଏମାନେ ଓଡ଼ିଶା ସ୍କିଲ୍ ଡେଭଲପ୍‌ମେଣ୍ଟର ହେଲ୍‌ପିଙ୍ଗ ହ୍ୟାଣ୍ଡରେ କାମ କରିବାକୁ ଇଚ୍ଛାପ୍ରକାଶ କରିଛନ୍ତି। କେରଳ ବନ୍ୟା ପରେ ସେଠାକୁ ଯାଇ ମଧ୍ୟ ଏମାନେ ବେଶ୍ ପ୍ରଶଂସା ଅର୍ଜନ କରିଥିଲେ। ତିତ୍‌ଲି ବାତ୍ୟା ପରେ ଅନେକ ଲୋକଙ୍କ ଘରେ ବିଦ୍ୟୁତ୍ ବ୍ୟବସ୍ଥାକୁ ସଜାଡିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ଛାତ୍ରମାନେ ନିକଟରେ ଫନୀ ବାତ୍ୟା ପରେ କଟକ ଏବଂ ଭୁବନେଶ୍ୱରରେ ପ୍ରାୟ ୩୦,୦୦୦ଘରେ ବିଦ୍ୟୁତ୍ କାମ କରିଛନ୍ତି। ଏହାପରେ ପୁରୀ ଜିଲା ପ୍ରଶାସନର ଅନୁରୋଧକ୍ରମେ ଏମାନେ ଏଠାକୁ ଆସିଛନ୍ତି। ୧୦ଟି ଟିମ୍‌ରେ ୧୦୭ ଟେକ୍ନିସିଆନ ଅଛନ୍ତି। ପ୍ରତ୍ୟେକ ଟିମ୍‌କୁ ଜଣେ ଜଣେ ଲିଡ୍ କରୁଛନ୍ତି। ସୋମବାରଠାରୁ ପୁରୀ ସହରର ବିଭିନ୍ନ ୱାର୍ଡକୁ ଏମାନେ ଯାଇ ଲୋକଙ୍କ ଘରେ ବିଦ୍ୟୁତ୍ ବ୍ୟବସ୍ଥାକୁ ଠିକ୍ କରିବେ। ଏଥିପାଇଁ ସମ୍ପୃକ୍ତ ୱାର୍ଡର ବିଏଲ୍‌ଓମାନେ ଏମାନଙ୍କୁ କାହା ଘରେ କାମ ହେବ ସେଥିରେ ସହଯୋଗ କରିବା ଲାଗି କୁହାଯାଇଛି। ଘର ମାଲିକ ଆବଶ୍ୟକ ସରଞ୍ଜାମ ଯୋଗାଇଦେବେ ଏବଂ ଏହି ଟେକ୍ନିସିଆନମାନେ କେବଳ କାମ କରିବେ। ଜିଲା ପ୍ରଶାସନ ପକ୍ଷରୁ ଏମାନଙ୍କ ରହିବା, ଖାଇବା ଏବଂ ଯିବା ଆସିବା ବ୍ୟବସ୍ଥା କରାଯାଇଛି।

# ଥାନାକୁ ଆସିଥିବା ରିଲିଫ ନ ମିଳିବାରୁ ତଦନ୍ତ ଦାବି କଲେ ୨୦ ଗୃହରକ୍ଷୀ

ଗୋପ,୨୬।୫(ଡି.ଏନ୍.ଏ.)

ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଥାନା କର୍ମଚାରୀ ଓ ଗୃହରକ୍ଷୀଙ୍କ ଲାଗି ଚାଉଳ, ଡାଲି, ତେଲ ଭଳି ଅତିଆବଶ୍ୟକୀୟ ସାମଗ୍ରୀ ସରକାର ଗୋପ ଥାନାକୁ ଯୋଗାଇ ଦେଇଥିଲେ। ଜିଲା ପୋଲିସ ପକ୍ଷରୁ ଆସିଥିବା ଏହିସବୁ ସାମଗ୍ରୀ ଆସିବା ପରେ ପ୍ରାୟ ୧୦/୧୨ଦିନ ଧରି ଥାନାରେ ରହିବା ପରେ ଏହା ବଣ୍ଟନ ହୋଇପାରି ନଥିଲା। ଥାନାର କେତେକ କର୍ମଚାରୀ ମନଇଚ୍ଛା ଭାବରେ ଏହି ସାମଗ୍ରୀ ନେଇଯିବା ପରେ ଅନ୍ୟ କର୍ମଚାରୀଙ୍କୁ ଯଥେଷ୍ଟ ମଧ ମିଳିପାରି ନଥିଲା। ଫଳରେ ଥାନାରେ ଥିବା ୨୦ଜଣ ଗୃହରକ୍ଷୀଙ୍କୁ ରିଲିଫ ସାମଗ୍ରୀ ନ ମିଳିବାରୁ ସେମାନେ ଥାନାଧିକାରୀ ସୌମ୍ୟଚିତ ମିଶ୍ରଙ୍କୁ ଅଭିଯୋଗ କରି ତଦନ୍ତ ଦାବି କରିଥିଲେ। ପରେ ଥାନାଧିକରୀ ମିଶ୍ର ଆସିଥିବା ସାମଗ୍ରୀର ପରିମାଣ ଓ ବଣ୍ଟନ ବିଷୟରେ ବୁଝିବା ପରେ ଠିକ ଭାବରେ ବାଣ୍ଟିବା ସହ ସମସ୍ତଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସାମଗ୍ରୀକୁ ନେଇ ସମସ୍ତଙ୍କ ମଧ୍ୟରେ ଟଣାଓଟରା କରି ନେଇଯିବାରୁ ନିର୍ଦ୍ଦିଷ୍ଟ କେତେକ ଗୃହରକ୍ଷୀଙ୍କୁ ଅଳ୍ପ ପରିମାଣର ଚୁଡା, ଚାଉଳ ମିଳିଥିବାବେଳେ ଅନ୍ୟାନ୍ୟ ସାମଗ୍ରୀ ମିଳିପାରି ନାହିଁ। ଫଳରେ ଗୃହରକ୍ଷୀଙ୍କ ମଧ୍ୟରେ ଅସନ୍ତୁଷ୍ଟ ଦେଖାଯାଇଥିଲା। ଏ ନେଇ ଗୃହରକ୍ଷୀ ସୁବାସ ଚନ୍ଦ୍ର ମହାନ୍ତି କୁହନ୍ତି, ଆମେ ଅଭିଯୋଗ କରିବା ପରେ ଆସିଥିବା ସାମଗ୍ରୀ ମଧ୍ୟରୁ କେବଳ ଅଳ୍ପ କିଛି ସାମଗ୍ରୀ ମିଳିଥିଲା ବୋଲି କହିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ମିଶ୍ର କୁହନ୍ତି, ବର୍ତ୍ତମାନ ସୁଦ୍ଧା ଯାହା ରିଲିଫ ସାମଗ୍ରୀ ଆସିଥିଲା ସମସ୍ତଙ୍କୁ ବଣ୍ଟନ ପାଇଁ କହିଥିଲି, କିନ୍ତୁ କେତେ ପରିମାଣର ସାମଗ୍ରୀ ଆସିଥିଲା ତାହା ହିସାବ କରିଲେ ଜଣାପଡିବ ବୋଲି କହିଛନ୍ତି।

## ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ପୁରୀ ଅଫିସ, ୨୬।୫ :

ପୁରୀ ଜିଲା ଆକ୍ୱାଟିକ ଆସୋସିଏଶନ (ଡିଏଏ) ପକ୍ଷରୁ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ପ୍ରତ୍ୟୁଷ ଓସେନ ୱାର୍ଲ୍ଡ ସନ୍ତରଣାଗାରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ୫୦ ଓ ୧୦୦ ମିଟର ଇଭେଣ୍ଟରେ ୪୮ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନ ସଭାପତି ସପନ କୁମାର ମିଶ୍ର, ସନ୍ତରଣାଗାର ନିର୍ଦ୍ଦେଶକ ବନମାଳି ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତରଣ ପ୍ରଶିକ୍ଷକ ଅନୁଷ୍ଠାନ ସମ୍ପାଦକ ରାଜୀବ ଲୋଚନ ଦାଶ, ନାରାୟଣ ପ୍ରଧାନ, ସଚ୍ଚିକାନ୍ତ ମଲ୍ଲିକ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କଳିଙ୍ଗ ଲାଇଫ ସେଭର୍ସର ପି.ରାଜୁ, ପି.ରମଣ ଲାଇଫ ସେଭିଙ୍ଗ ଟ୍ରେନିଂ ଦେଇଥିଲେ। ସରୋଜ ମହାପାତ୍ର, ଶ୍ରୀକାନ୍ତ ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୬୭୨ ଘେରା ଭଉଁରି ଖେଳିଲେ ମଦନମୋହନ



ସାକ୍ଷୀଗୋପାଳ ଠାକୁରଙ୍କ ଚଳନ୍ତି ପ୍ରତିମା ମଦନମୋହନ ଚାପ ଖେଳୁଛନ୍ତି।

ସାକ୍ଷୀଗୋପଳ, ୨୬।୫(ଡି.ଏନ୍.ଏ.)

ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନଯାତ୍ରାର ମୁଖ୍ୟ ଆକର୍ଷଣ ଭଉଁରିଯାତ୍ରା ରବିବାର ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଜେ ପ୍ରତିମା ମଦନମୋହନ ଚନ୍ଦନ ପୋଖରୀରେ ସମୁଦାୟ ୬୭୨ଘେରା ଭଉଁରି ଖେଳିଥିଲେ। ଏହି ଭଉଁରି ଖେଳ ଦେଖିବାକୁ ଶ୍ରଦ୍ଧାଳୁମାନଙ୍କର ଭିଡ ଲାଗିଥିଲା।

ଦୈନନ୍ଦିନ ଦେବନୀତି ସହିତ ମନ୍ଦିରରେ ଚନ୍ଦନବେଢ଼ା, ଚନ୍ଦନ ସର୍ବାଙ୍ଗ ବେଶ, ୨୧ ହାଣ୍ଡି ପଣାଭୋଗ ପରେ ମଦନ ମୋହନ ସୁସଜ୍ଜିତ ବିମାନରେ ଚନ୍ଦନ ମଣ୍ଡପକୁ ବିଜେ କରିଥିଲେ। ପୂଜାପଣ୍ଡା ସେବକ ପବିତ୍ର ମଣିଜଳରେ ମଦନ ମୋହନଙ୍କ ମାର୍ଜନ ଓ ବନ୍ଦାପନା କରି ଚାପକୁ ବିଜେ କରିଥିଲେ। ଏହାପରେ ୩ଘେରା ଦିନ ଚାପ ସହ ପ୍ରତିକୋଣରେ ୭ ଘେରା ଲେଖାଏଁ ଭଉଁରି ଖେଳ ଅନୁଷ୍ଠିତ ହୋଇଥିଲା। ପୂଜାପଣ୍ଡା, ସିଂହାରୀ, ଭଣ୍ଡାର ମକାପ, ପାଳିଆପତ୍ରି ଠାକୁରଙ୍କୁ ବିଡିଆ ପାନ ଲାଗି, ବନ୍ଦାପନା, ଆଲଟ, ଚାମର ବନ୍ଦାପନା କରିଥିଲେ। ଛତିତ୍ରାସ, ବୈରଖ, ଦୋଶଖା, ଛାମୁ ଖୁଣ୍ଟିଆ, ଛାମୁ କରଣ, ଛାମୁ ମଶାଲ, ବୀରକାହଳି ସହ ବିଭିନ୍ନ ବର୍ଗର ସେବାୟତ ମାନେ ସେବାରେ ନିୟୋଜିତ ରହିଥିଲେ। ଦିନ ଚାପ ସରିବା ପରେ ଚନ୍ଦନସ୍ନାନ, ବେଶ, ଟାହିଆଲାଗି, ଜାତଭୋଗ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ମନ୍ଦିରରେ ବଡସିଂହାର ଧୂପ ଶେଷ କରାଯିବା ପରେ ରାତି ଚାପ ଆରମ୍ଭ କରାଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ୭ ଘେରା ରାତି ଚାପ ସହିତ ପ୍ରତି କୋଣରେ ୨୧ ଘେରା ଲେଖାଏଁ ଭଉଁରି ଖେଳ ଚାଲିଥିଲା। ଠାକୁରଙ୍କ ପଟୁଆଳରେ ପାରମ୍ପରିକ ସାହିଯାତ ବଡଜାଗା ପକ୍ଷରୁ କରାଯାଇଥିଲା। ମନ୍ଦିର ସମ୍ମୁଖରେ ଶ୍ରୀରାମଲୀଳା ନାଟକ, ଶ୍ରୀରାମ ଚରିତ ମାନସ ଓ ନାମ ସଂକୀର୍ତ୍ତନ ପରିବେଷଣ ସହ ଉଠା ଦୋକାନଗୁଡିକରେ କିଣାବିକା ପାଇଁ ବେଶ୍ ଭିଡ ଜମିଥିଲା।

## ସମୀରଙ୍କୁ ମନ୍ତ୍ରୀ ପଦ ମିଳିବା ନେଇ ଚର୍ଚ୍ଚା

ନିମାପଡ଼ା,୨୬।୫(ଡି.ଏନ୍.ଏ.):

ସାଧାରଣ ନିର୍ବାଚନରେ ଓଡ଼ିଶା ବିଧାନସଭାରେ ବିଜେଡ଼ି ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ଆସନ ହାସଲ କରିଛି। ୨୯ତାରିଖରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନୂତନ ସରକାର ଗଠନ ହେବା ସହ ନୂତନ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଏହି ପରିପ୍ରେକ୍ଷୀରେ ବିଜେଡିର ନବନିର୍ବାଚିତ ବିଧାୟକ ଓ ପୂର୍ବତନ ମନ୍ତ୍ରୀମାନେ ମନ୍ତ୍ରୀ ପଦ ପାଇଁ ନବୀନ ନିବାସରେ ଡେରା ପକାଇ ଲବି ଚଳାଇଛନ୍ତି। ନିମାପଡ଼ାରୁ ନବନିର୍ବାଚିତ ବିଧାୟକ ସମୀର ରଞ୍ଜନ ଦାଶଙ୍କ ନାଁ ମନ୍ତ୍ରୀ ପଦ ପାଇଁ ଆଗ ଧାଡିରେ ରହିଥିବା ନେଇ ଚର୍ଚ୍ଚା ହେଉଛି। ନିମାପଡ଼ା ବିଧାନସଭା ଆସନରୁ ସମୀର ୨୦୦୯, ୨୦୧୪, ୨୦୧୯ସାଧାରଣ ନିର୍ବାଚନରେ ବିଜୟୀ ହୋଇ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ୨୦୧୯ନିର୍ବାଚନରେ ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ପ୍ରଭାତୀ ପରିଡାଙ୍କୁ ପରାସ୍ତ କରିଛନ୍ତି। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଯୁବ ବିଧାୟକଙ୍କୁ ଅଧିକ ଗୁରୁତ୍ୱ ଦେଉଥିବାରୁ ସମୀରଙ୍କୁ ମନ୍ତ୍ରୀପଦ ମିଳିବାର ଅଧିକ ସମ୍ଭାବନା ରହିଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଚଳିତ ନିର୍ବାଚନରେ ପୁରୀ ଜିଲାରୁ ମହେଶ୍ୱର ମହାନ୍ତି, ସଞ୍ଜୟ ଦାସବର୍ମା ପରାଜିତ ହୋଇଛନ୍ତି। ପ୍ରଦୀପ ମହାରଥୀ ବିଜୟୀ ହୋଇଥିଲେ ମଧ୍ୟ ନିର୍ବାଚନ ସମୟରେ ସ୍କ୍ୱାଡଙ୍କୁ ମାଡ଼ ମାରି ଜେଲ୍ ଯିବା ଘଟଣା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ। ଫଳରେ ଜିଲାରୁ ସମୀରଙ୍କୁ ମନ୍ତ୍ରୀ ପଦ ମିଳିବା ସମ୍ଭାବନା ଦେଖାଯାଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବିଧାୟକ ସମୀର ରଞ୍ଜନ ଦାଶ କୁହନ୍ତି, ମୁଁ ଦଳର ଜଣେ ଶୃଙ୍ଖଳିତ କର୍ମୀ, ଦଳର ସୁପ୍ରିମୋ ମୋତେ ଯେଉଁ ଦାୟିତ୍ୱ ଦେବେ ତାହାକୁ ମୁଁ ନିଷ୍ଠାର ସହ ତୁଲାଇବି ବୋଲି କହିଛନ୍ତି।

## ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବାତ୍ୟା ବିପନ୍ନଙ୍କୁ ପଲିଥିନ ବଣ୍ଟନ

ନିମାପଡ଼ା,୨୬।୫(ଡି.ଏନ୍.ଏ.)

ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବାତ୍ୟା କ୍ଷତିଗ୍ରସ୍ତ ନିମାପଡ଼ା ବ୍ଲକ ଅନ୍ତର୍ଗତ ସଲଙ୍ଗ ପଞ୍ଚାୟତର ଓଡ଼ୁଆଳ ଗ୍ରାମର ଶତାଧିକ ବିପନ୍ନ ପରିବାରବର୍ଗଙ୍କୁ ଶନିବାର, ରବିବାର ଦୁଇଦିନ ଧରି ପଲିଥିନ, ସୌରଲଣ୍ଠନ ଆଦି ବଣ୍ଟନ କରାଯାଇଛି। ଏହି ପଞ୍ଚାୟତରେ ପୂର୍ବରୁ ମଧ ପରିଷଦ ପକ୍ଷରୁ ବିପନ୍ନମାନଙ୍କୁ ଚୁଡା, ଗୁଡ, ମହମବତୀ, ରନ୍ଧାଖାଦ୍ୟ ଆଦି ବଣ୍ଟନ କରାଯାଇଥିଲା। ପରିଷଦର ଆନ୍ତଃରାଷ୍ଟ୍ରୀୟ ସଙ୍ଗଠନ ମନ୍ତ୍ରୀ ବିନାୟକ ରାଓ, ଦେଶ ପାଣ୍ଡେ, ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ଆନନ୍ଦଜୀ ପାଣ୍ଡେ, ସମପିତା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ପବିତ୍ର ମୋହନ ସ୍ୱାଇଁ, ଉମାଶଙ୍କର ଆଚାର୍ଯ୍ୟ, ରଞ୍ଜନ ନାୟକ, ଶୁଭଜିତ ବାରିକ, ପ୍ରତାପ ମଲ୍ଲିକ, ଡ.ଅମୂଲ୍ୟ ପ୍ରସାଦ ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହାସହ ପରିଷଦ ପକ୍ଷରୁ ସଲଙ୍ଗ ପଞ୍ଚାୟତରେ କୂପ, ନଳକୂପ, ଗଡ଼ିଆ, ପୋଖରୀ ଆଦିବିଶୋଧନ କରାଯାଇଥିଲା।



ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଉଛି।





ପୁରୀ ଶ୍ରୀକ୍ଷେତ୍ରରେ ଭଉଁରି ଅବସରରେ ରବିବାର ଚନ୍ଦନଚକଡାରେ ପ୍ରଶାସନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ।

■ ୧୧ଦିନ ହେବ ଚାଲିଛି ତଦନ୍ତ

# କାର୍ଡ ନ ଥିବା ବିପନ୍ନଙ୍କୁ ମିଳିନି ଚାଉଳ, ଟଙ୍କା

ଗୋପ,୨୬।୫(ଡି.ଏନ୍.ଏ.)

**ଫନୀକୁ ବିତିଲା ୨୪ଦିନ**

ବାତ୍ୟାରେ ପ୍ରଭାବିତ ବିପନ୍ନଙ୍କୁ ରାଜ୍ୟ ସରକାର ପକ୍ଷରୁ ସହାୟତା ଯୋଗାଇବାର ନିର୍ଦ୍ଦେଶ ଥିବାବେଳେ ଗୋପ ବ୍ଲକରେ ଏହାକୁ ସିଧାସଳଖ ବେଖାତିର କରାଯାଉଥିବା ଦେଖିବାକୁ ମିଳୁଛି। ସରକାରୀ କର୍ମଚାରୀଙ୍କ ପ୍ରାୟ ୧୧ଦିନ ଧରି ତଦନ୍ତ ସହ ସମୀକ୍ଷା ଚାଲିଥିବାବେଳେ ରାଶନ କାର୍ଡ ନ ଥିବା ପରିବାରକୁ ଚାଉଳ ଓ ଟଙ୍କା ଏଯାବତ ମିଳିପାରି ନାହିଁ। ବାତ୍ୟାର ୨୪ଦିନ ପରେ ମଧ କ୍ଷତିଗ୍ରସ୍ତ ବିପନ୍ନମାନେ ଗାଁକୁ ଫେରିଥିବାବେଳେ ଆଉ କେତେକ ବିପନ୍ନ ଏବେ ବି ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଉଛନ୍ତି। ସରକାର ପ୍ରତ୍ୟେକ ବିପନ୍ନଙ୍କୁ ୨ହଜାର ଟଙ୍କା ଓ ଚାଉଳ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ରାଶନ କାର୍ଡ ନଥିବା ପରିବାରଙ୍କୁ ମିଳିପାରି ନାହିଁ। ପ୍ରଥମେ ବିପନ୍ନମାନଙ୍କୁ ତୁରନ୍ତ ଦେବା ଲାଗି ନିର୍ଦ୍ଦେଶ ପରେ ଗତ ୧୫ତାରିଖରେ ଏହି ବ୍ଲକ ଲାଗି ସ୍ୱତନ୍ତ୍ର ନିଯୁକ୍ତି ପାଇଥିବା ଅଧିକାରୀ ସୁଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିବା ବେଳେ ରାଶନ କାର୍ଡ ଯୋଜନାରେ ସାମିଲ ନ ଥିବା ବିପନ୍ନ ପରିବାରକୁ ଚିହ୍ନଟ କରି ଶୀଘ୍ର ଟଙ୍କା ଦେବା ପାଇଁ ବିଡିଓ ଦୀପ୍ତିରାଣୀ ଦାସ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବିଭିନ୍ନ ବିଭାଗର ତାଳମେଳ ସହ ସମନ୍ୱୟ ଅଭାବରୁ ଇତିମଧ୍ୟରେ ୧୧ଦିନ ବିତିଯାଇଥିଲେ ହେଁ ଏହି ଟଙ୍କା ଦିଆଯାଇପାରୁ ନାହିଁ। ଏହି ବ୍ଲକ ମହିଳା ଶିଶୁ ବିଭାଗ ପକ୍ଷରୁ ହୋଇଥିବା ଘର ଚିହ୍ନଟରେ ବିଭ୍ରାଟ ସାଙ୍ଗକୁ ଗୋପ ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ଥିବା ଚିହ୍ନଟ କାଗଜପତ୍ର ଠିକ ନ ଥିବାରୁ ଏପରି ହୋଇଥିବା ଜଣାପଡିଛି। ସରକାରଙ୍କ ରାଶନ କାର୍ଡ ଯୋଜନାରେ ନାଁ ଥିବା ୩୬ହଜାର ୩୨୩ଗୋଟି ପରିବାରକୁ ୨ହଜାର ଟଙ୍କା ସହ ଚାଉଳ ଦିଆଯାଇଥିବା ବେଳେ ଯୋଜନାରେ ଅନ୍ତର୍ଭୁକ୍ତ ନଥିବା ପରିବାରକୁ କେବେ ଟଙ୍କା ଓ ଚାଉଳ ମିଳିବ ତାହା ପ୍ରଶ୍ନ ସୃଷ୍ଟି କରୁଛି। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ପ୍ରାୟତଃ ସବୁ କାର୍ଯ୍ୟ ଶେଷ ହୋଇଥିବାବେଳେ ଖୁବଶୀଘ୍ର ଟଙ୍କା, ଚାଉଳ ଦିଆଯିବ ବୋଲି କହିଛନ୍ତି।